ଗୁରୁଜନଙ୍କୁ ପ୍ରଦତ୍ତ ପତ୍ରାବଳୀ………

# ପତ୍ରାବଳୀ



କବି ବ୍ରଜମୋହନ

ସମ୍ପାଦନା * ଅଶ୍ୱିନ ଦଶ

# ପତ୍ର ଭାରତୀ

[ କବି ଓ ଶିକ୍ଷାବିତ୍ ବ୍ରଜମୋହନ ପଣ୍ଡାଙ୍କୁ ପ୍ରଦତ୍ତ ପତ୍ରାବଳୀ ]


ସଂକଳନ ଓ ସମ୍ପାଦନା *

**ଶ୍ରୀ ଅସିତ କବି**, ଏମ୍. ଏ.

ଅଧ୍ୟାପକ, ଗଙ୍ଗାଧର ମେହେର କଲେଜ, ସମ୍ବଲପୁର



ପ୍ରକାଶ କରନ୍ତି *

ଶ୍ରୀ ପଦ୍ମଲୋଚନ ପଣ୍ଡା, ବି. ଏସ୍ ସି., ଏଲ୍. ଏଲ୍ ବ

ବ୍ରଜଧାମ, ସମ୍ବଲପୁର

ପ୍ରଥମ ମୁଦ୍ରଣ *

ଅଗଷ୍ଟ ୧୫, ୧୯୭୪

ପ୍ରାପ୍ତିସ୍ଥାନ *

**କଟକ ବୁକ୍ ଷ୍ଟଲ**

ବାଲୁବଜାର, କଟକ- ୨

ମୂଲ୍ୟ ଟ ୩ ( ମାତ୍ର          ତିନି ଟଙ୍କା ମାତ୍ର

## ଟିକିଏ କଥା ରଖେ……

ମୋର ପରମ ପୂଜ୍ୟ ପିତା ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ଯେବେ କବିତା ରଚନାରୁ ପାଇପାରୁଥିଲେ ଶେଷହୀନ ଆନନ୍ଦ । ସେହି ସମୟରେ ଉତ୍କଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ସମ୍ବଲପୁରରେ ଶିକ୍ଷାର ପ୍ରସାର ପାଇଁ ସେ ନିରବଚ୍ଛିନ୍ନ ସାଧନାରତ ହେବାରୁ କବି ଜୀବନରେ ଆକସ୍ମିକ ଭାବରେ ପୂର୍ଣ୍ଣଚ୍ଛେଦ ପଡିଲା ।

ଆତ୍ମପ୍ରଚାରର ଲାଳସା ତାଙ୍କର କେବେ ନ ଥିଲା—ଏବେ ବି ନାହିଁ । ତାଙ୍କ ୫୦ ବର୍ଷ ତଳର କବିତା ଗୁଚ୍ଛକ ଏବେ ୧୯୭୨ ରେ ପ୍ରକାଶିତ ହେଲା କେବଳ ମୋର ପିତାମହଙ୍କ ବନ୍ଧୁ ବିଷ୍ଣୁପ୍ରସାଦ ଦାସଙ୍କ ଅଳରୁ । ମୋର ପିତାଙ୍କ ନିକଟକୁ ତତ୍କାଳୀନ ବହୁ ବିଖ୍ୟାତ ବ୍ୟକ୍ତି ଅନେକ ପତ୍ର ଲେଖିଥିଲେ । ତନ୍ମଧ୍ୟରୁ କେବଳ 'ଗଙ୍ଗାଧର ପତ୍ରାବଳୀ' ପ୍ରକାଶିତ ହୋଇଅଛି ।

ଏବେ ଅନ୍ୟାନ୍ୟ କେତେକ ପତ୍ରରୁ ଉତ୍କଳର ସୁପରିଚିତ ଲେଖକ ଅଧ୍ୟାପକ ଅସିତ କବି ବହୁ ମୂଲ୍ୟବାନ ତଥ୍ୟ ଆବିଷ୍କାର କରିଥିବାରୁ ସେ ସବୁର ଉପାଦେୟତା ସମ୍ପର୍କରେ ଅବହିତ ହୋଇ ମୁଁ ଆନନ୍ଦର ସହିତ ଏହି ସଂକଳନ ପ୍ରକାଶ କରିବା ଦାୟିତ୍ୱ ଗ୍ରହଣ କଲି । ମୋର ଆଶା ଓ ଭରସା ଜାଗ୍ରତ ସାହିତ୍ୟପ୍ରେମୀଙ୍କ ନିକଟରେ ଏହି 'ପତ୍ର ସ୍ମରଣୀ' ଆଦୃତ ଲାଭ କରିବ । ସର୍ବଦା କାର୍ଯ୍ୟବ୍ୟସ୍ତ ସତ୍ତ୍ୱେ 'ଶଁ କ୍ୱାଲିଟି ପ୍ରିଣ୍ଟର୍ସ'ର Mr, J.N. Kumar ଏହି ପୁସ୍ତକ ମୁଦ୍ରଣ କରିବାକୁ ରାଜି ହୋଇଥିବାରୁ ସେ ମୋର ଧନ୍ୟବାଦାର୍ହ ।

ବ୍ରଜଧାମ, ସମ୍ବଲପୁର
ତା ୧୫ । ୮ । ୭୪

ଶ୍ରୀ ପଦ୍ମଲୋଚନ ପଣ୍ଡା
ପ୍ରକାଶକ



କବିଙ୍କ କନିଷ୍ଠ ପୁତ୍ର

**ଶ୍ରୀମାନ୍ ପଦ୍ମଲୋଚନ ପଣ୍ଡା,** *B.Sc., LLB,*

Advocate, SAMBALPUR

ପ୍ରକାଶକ

# ଉତ୍ସର୍ଗ

ଉତ୍କଳର ସକ୍ଷମ ଯୁବନେତା, ସାହିତ୍ୟ ପ୍ରେମୀ ବନ୍ଧୁ

ଶ୍ରୀଯୁକ୍ତ ସନ୍ତୋଷକୁମାର ସାହୁଙ୍କୁ

ଗଭୀର ଶ୍ରଦ୍ଧାର ସଙ୍କେତ

ସ୍ୱରୂପ ...

— ଅଜିତ କବି

**B. M. PANDA**, B. A.
EX-M.L.A. & EX-FELLOW UTKAL UNIVERSITY

**BRAJA DHAM**
P.O. & Dist. Sambalpur

*Dated the 1st August 1964*

ସ୍ନେହେ ଅସିତ ବାବୁ,

'ଗଙ୍ଗାଧର ଗ୍ରନ୍ଥାବଳୀ' ପ୍ରକାଶିତ ହେବା ପରେ ମୋ ନିକଟରେ ଉତ୍କଳର ଅନ୍ୟ କୌଣସି ସାହିତ୍ୟିକଙ୍କର ପତ୍ର ଅଛି କି ନାହିଁ, ତାହା ଜାଣିବା ନିମିତ୍ତ ଆପଣ ଅନୁସନ୍ଧିତ୍ସୁ ହୋଇଥିଲେ ।

ମୋର ପୂର୍ବ ଜନ୍ମର ତପସ୍ୟାରୁ ତରୁଣ ଜୀବନରେ ଉତ୍କଳର ତଥା ଉତ୍କଳ ବାହାରର ବହୁ ମହାପୁରୁଷଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଅଛି । ସେମାନେ ମୋତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିଲେ ଓ ସମସ୍ତ ସମୟରେ ଉତ୍ସାହବ୍ୟଞ୍ଜକ ପତ୍ର ଲେଖୁଥିଲେ । ମୋର ପୁତ୍ର ଆୟୁଷ୍ମାନ ଗଙ୍ଗାଭୂଷଣ ସେ ସବୁ ମଧ୍ୟରୁ କେତେକ ପତ୍ର ଅତି ଯତ୍ନ ସହକାରେ ସାଇତି ରଖିଥିଲା । ସେହି ପତ୍ର ଗୁଡ଼ିକରେ କେବଳ ଆମ୍ଭମାନଙ୍କର ସମ୍ପର୍କ ଯେ ପ୍ରତିଫଳିତ ହୋଇଛି ତାହା ନୁହେଁ, ଅଧିକନ୍ତୁ ସମସାମୟିକ ଉତ୍କଳର ସାଂସ୍କୃତିକ ଜୀବନ ମଧ୍ୟ ଦେଦୀପ୍ୟମାନ ହୋଇଅଛି ।

ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣୟନରେ ଆପଣ ଆଗ୍ରହୀ । ଏହି ପତ୍ରଗୁଡ଼ିକ ପ୍ରକାଶ ନିମିତ୍ତ ଆପଣଙ୍କୁ ଅନୁମତି ଦେବା ସଙ୍ଗେସଙ୍ଗେ ଆପଣ ଯେପରି ଏ ମହାନ୍ କାର୍ଯ୍ୟରେ ସଫଳ ହୁଅନ୍ତି, ସେଥିପାଇଁ ପ୍ରାଣର ଆଶୀର୍ବାଦ ପ୍ରଦାନ କରୁଅଛି ।

ଇତି
ଆପଣଙ୍କର ଶୁଭାନୁଧ୍ୟାୟୀ
ଶ୍ରୀ ବ୍ରଜମୋହନ ପଣ୍ଡା
୧।୮।୬୪

## ଏଥିରେ ଅଛି


**( କ ) ସମ୍ବଲପୁରର ଆଶା-କିଶୋର-ପାଦପ ( ପୃଷ୍ଠା ୧-୮ )**

**( ଖ ) କବି ବ୍ରଜମୋହନଙ୍କୁ ପ୍ରଦତ୍ତ ପତ୍ରାବଳୀ**

* କବି ଚନ୍ଦ୍ରଚରଣଙ୍କ ଲେଖାମାନ ...
ଓ
କବିଙ୍କ ପତ୍ରାବଳୀର ଆଲୋଚନା — ( ପୃଷ୍ଠା ୯-୧୬ )

* ଉତ୍କଳ ସାହିତ୍ୟର ସମ୍ପାଦକ ୰ ବିଶ୍ୱନାଥ କରଙ୍କ ଲେଖାମାନ
ଓ
ପତ୍ରାବଳୀର ଆଲୋଚନା — ( ପୃଷ୍ଠା ୧୭-୩୧ )

* ସୁଲେଖକ ଦୟାନିଧି ମିଶ୍ରଙ୍କ ପତ୍ର ଓ ତାର ଆଲୋଚନା
( ପୃଷ୍ଠା ୩୨-୬୬ )

* ଶଶୀଭୂଷଣ ବସୁଙ୍କ ପତ୍ର ଓ ପତ୍ରାବଳୀର ଆଲୋଚନା
( ପୃଷ୍ଠା ୬୭-୭୮ )

* ୰ ବାଲ୍ମୀକେଶ୍ୱର ମିଶ୍ରଙ୍କ ପତ୍ର ଓ ତାର ଆଲୋଚନା
( ପୃଷ୍ଠା ୭୯-୮୭ )

* ଉତ୍କଳ ସେବକ'ର ସମ୍ପାଦକଙ୍କ ପତ୍ର ଓ ତାର ଆଲୋଚନା
( ପୃଷ୍ଠା ୮୮-୯୨ )

**( ଗ ) ଅତୀତର କେତୋଟି ଅବିସ୍ମରଣୀୟ ପୃଷ୍ଠା ( ପୃଃ ୯୩-୯୮ )**

# ଅଭିମତ

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଗୌରବ ଓ ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଡକ୍ଟର ମାନସିଂହ ଲେଖିଛନ୍ତି :—

"Lead me from darkness to Light"

*Phone–1128*
MANSINHA LANE
CUTTACK-1
*Dated* 4-9-1964

*Dr. Mayadhara Mansinha*

*ପ୍ରିୟ ଜାତ କବି, କୌଳିକ କବି, ସହଜାତ କବି,*

*( ଆମେ ସବୁ ଗଢ଼ା କବି, ଅପାକୃତ କବି, ବିକୃତ ଓ ଅର୍ଜାତ ବା ଅଜାତି କବି ! )*

ସଦ୍ୟ ଉପହୃତ ପୁସ୍ତକଗୁଡ଼ିକ ପାଇଁ ଗଭୀର ଧନ୍ୟବାଦ ପଠାଉଛି । ପତ୍ରବାହକ ଆସିଲା ସମୟରେ ମୋ ପାଖରେ ବହୁ ଲୋକ ବସି [illegible] କରୁଥିଲେ । ତେଣୁ ତାଙ୍କୁ ବସିବାକୁ ନ କହି ଦି' ପଦ ମାତ୍ର କଥା କହି ବିଦାୟ ଦେବାକୁ ହେଲା । ତରୁଣ କବିଙ୍କୁ କହିବ, ମୁଁ ଏଥିପାଇଁ ବିଶେଷ ବ୍ୟଥିତ ଅନୁଭବ କରୁଛି ।

ସବୁ ବହିଗୁଡ଼ିକ ଉପରେ ଆଖି ବୁଲେଇ ଯାଇଛି । ପତ୍ରକରଣ୍ଡି ଟିକୁ ମଲାଟରୁ ମଲାଟ ପର୍ଯ୍ୟନ୍ତ ପଢ଼ିଛି । ଏହା ଏକ ଅତ୍ୟନ୍ତ ମୂଲ୍ୟବାନ ସଂଗ୍ରହ, ଦେଖୁଛି । ଓଡ଼ିଆ ଜାତିର ଏକ ପ୍ରସ୍ଥାନକାର କାଳ ଉପରେ ଏହା ଏକ କ୍ଷୀଣ ଦିହୁଡ଼ିର କାମ କରୁଛି । ଏପରି ଗୁଡ଼ିକୁ ବଞ୍ଚେଇ ରଖିଥିବା ଯୋଗୁଁ ଶ୍ରୀମାନ୍ ଗଙ୍ଗାଭୂଷଣ-ଚନ୍ଦ୍ର ଆମ ସମସ୍ତଙ୍କର କୃତଜ୍ଞତାର ପାତ୍ର ହୋଇ ରହିବେ । ବିଶେଷ କରି ବିଶ୍ୱନାଥ କର ଓ ଦୟାନିଧି ମିଶ୍ରଙ୍କର ପଦଗୁଡ଼ିକର, ସମସାମୟିକ କାଳର ମଧ୍ୟ ଦୃଷ୍ଟିରେ, ଉପାଦେୟତା ଅତ୍ୟନ୍ତ ଗଭୀର । 'ଆଶା' ଜତିଆରେ ବିଶ୍ୱନ

କର ଓ ରାଧାନାଥଙ୍କର ମସ୍ତକ ଭକ୍ଷଣ ପାଇଁ ଯେଉଁ ଚେଷ୍ଟା କରାଯାଇଥିଲା, ତାହା ମୋ ପ୍ରତି ଏକ ନୂତନ ସମ୍ବାଦ । ଦୁଃଖର ବିଷୟ ସମ୍ପୃକ୍ତ ପତ୍ରାଂଶକୁ ଆଜିର ସମାଲୋଚନା ଉଦ୍ଧୃତରେ ତମେ ପୁନଃ ପ୍ରକାଶିତ ହେବାକୁ ଦେଇ ନାହଁ ( ପୃଷ୍ଠା-୪୮ ) । ଏ'ତ ଐତିହାସିକ ଡକୁମେଣ୍ଟ । ଏଥିରେ ସିଏ କୁଆଡ଼ୁ ଉଡ଼ିବ ଓ ସିଏ କୁଆଡ଼ର ବିଭୀଷିକା ଦେଖାଇବ, ସେ ଉଭୟ ଜାତିର ଶତ୍ରୁ ଓ ନୈତିକ ଭ୍ରାନ୍ତ । ଆମ ନଜରରେ ବିଶ୍ୱନାଥ ଓ ଶଶୀଭୂଷଣ ଉଭୟେ ବରେଣ୍ୟ । ସମସାମୟିକ କାଳରେ ସେମାନେ ପରସ୍ପର ପ୍ରତି କି ବ୍ୟବହାର କରିଥିଲେ, ସେଥିରେ ଆମର ମର୍ମାହତ ହେବାର କି ଦରକାର ? ତମେ ଐତିହାସିକ ଭାବରେ ଚାହାଁଲେ, ସତ୍ୟକୁ ଚାପେଇ କି ଇତିହାସ ହୋଇ ଯିବ ? କବି ଚନ୍ଦ୍ରଚରଣଙ୍କର କେଉଁ ଦୁର୍ଦ୍ଦଶାକୁ ଲକ୍ଷ୍ୟ କରି ସେ ବିଶ୍ୱନାଥ ମର୍ମାନ୍ତିକ ବେଦନା ପ୍ରକାଶ କରିଥିଲେ, ତାହା ଜାଣିବାକୁ ମୋର ଖୁବ୍ ଆଗ୍ରହ । ଏଠି ନୀରବ ହେଲେ ହେ, ମୋଟ ଉପରେ ତମର ଜୀବନୀଗ୍ରନ୍ଥଟି ଯଥାର୍ଥ ଓ ଉପାଦେୟ ହୋଇଛି । ମୋଟ ଉପରେ ମଧ୍ୟ, ଏହି ପତ୍ର-ସଂଗ୍ରହ ମତେ ଯଥେଷ୍ଟ ଆନନ୍ଦ ଦେଉଛି । ଇତି ମଧ୍ୟରେ ଓଡ଼ିଆରେ ପ୍ରକାଶିତ ଅନ୍ୟ ସମସ୍ତ ପତ୍ରାବଳୀ ଅପେକ୍ଷା ଏହି ସଂଗ୍ରହ ଅଧିକ ମୂଲ୍ୟବାନ ଏହି ହେତୁରୁ ଯେ, ଏହାର ଅଧିକାଂଶ ଆଲୋଚନାର ବିଷୟ ଓଡ଼ିଆ ଜାତୀୟ ଜୀବନ ଓ ସାହିତ୍ୟର ଭିନ୍ନ ସମସ୍ୟା । ପତ୍ରଲେଖକ ସମସ୍ତଙ୍କର ( ଓ ବରେଣ୍ୟ ଲକ୍ଷ୍ମୀକାନ୍ତ ଓ କୁଞ୍ଜମୋହନ ପଣ୍ଡାଙ୍କର ) ଓଡ଼ିଆ ଜାତୀୟ ଜୀବନ ଓ ସାହିତ୍ୟକୁ ମହୀୟାନ କରିବାର ସେତେବେଳେ ସେ କି ଦୁର୍ବାର ଅଭିଳାଷ ! ଏଠି ବ୍ୟକ୍ତିଗତ ସଙ୍କୀର୍ଣ୍ଣତାକୁ ଅତିକ୍ରମ କରି ଆମେ ଜାତୀୟ ଜୀବନର ଉଦାର ବାୟୁମଣ୍ଡଳ ଭିତରେ ବିଚରଣ କରିବାକୁ ପାଉଛୁ । ଖୁସି ଯେଉଁ କାଳରେ ତରୁଣ ଶିକ୍ଷିତ ଓଡ଼ିଆ ଏପରି ଜାତି-ପ୍ରାଣ ଥିଲେ, ସେ କାଳ ଆଜି ସ୍ୱପ୍ନ, ସେ ଆଜି କାହାଣୀ । ସେହି କାରଣରୁ ହିଁ ଏହି ପତ୍ରଗୁଡ଼ିକ ଅତୀବ ମୂଲ୍ୟବାନ ।

ଦେଖ ଭଲ, ଉତ୍ତମ ସ୍ୱାବଖଣ୍ଡର ଲଭମ୍ବା ଗ୍ରାମରୁ ଏକ କବାପିତ ଅଣ୍ଟେସ୍ପଗିର ନିକଟରେ ଏକ ଖଣିର ସନ୍ଧାନ ପାଇଛ, ଯେଉଁଠି ହୀରା ମିଳୁଛି । ସମ୍ବଲପୁରରୁ ଯେ ହୀରା ଶେଷ ହୋଇନି ତା'ର ପ୍ରମାଣ ଏହି ଅମୂଲ୍ୟ ପଥାବଳି । ମୋର ଆଶା ଆଉ ଆଉ ଖଣି ମିଳିବ ଯଦି ବ୍ୟାପକ ଭାବରେ ପ୍ରସ୍‌ପେକ୍‌ଟିଂ ଚଳି ଚାଲ । କେବଳ ସମ୍ବଲପୁର ନୁହେଁ, ତା'ର ଚାରି ପାଖ ଖୋଜା ଚାଲ, ମଧ୍ୟ ପ୍ରଦେଶ ଭିତରକୁ ମଧ୍ୟ ପଶି ।

ଏହି ପ୍ରସଙ୍ଗ ଗ୍ରନ୍ଥ ପାଇଁ ତୁମକୁ ଓ ବ୍ରଜମୋହନ ବାବୁଙ୍କୁ ପୁଣି ଧନ୍ୟବାଦ ଦେଇ ରହିଲି । ଇତି ।

ଶୁଭାନୁଧ୍ୟାୟୀ
**ମାୟାଧର ମାନସିଂହ**

**ଶ୍ରୀ ଅସିତ ଭଞ୍ଜ**
*ମେହେର କଲେଜ*
ସମ୍ବଲପୁର ।

ସବୁଜ ଯୁଗର ସର୍ବଶ୍ରେଷ୍ଠ ଅର୍ଘ୍ୟ ପ୍ରସିଦ୍ଧ ଔପନ୍ୟାସିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ଲେଖିଛନ୍ତି ......

ସମ୍ବଲପୁରର ସୁନାମଧନ୍ୟ କବି ଶ୍ରୀ ବ୍ରଜମୋହନ ପଣ୍ଡାଙ୍କ ନିକଟକୁ ଲିଖିତ କେତେକ ଚିଠି "ପତ୍ର ମଞ୍ଜୁଷା" ନାମରେ ପ୍ରକାଶିତ ହୋଇଛି । ପ୍ରତ୍ୟେକଟି ପତ୍ର ବ୍ରଜମୋହନ ବାବୁଙ୍କ ସାହିତ୍ୟିକ ଜୀବନରେ ଗୋଟିଏ ଲେଖା ମହାର୍ଘ ଅଧ୍ୟାୟ ଓ ଉତ୍କଳ ସାହିତ୍ୟର ଅମୂଲ୍ୟ ନିଧି । "ଉତ୍କଳ ସାହିତ୍ୟ" ପତ୍ରିକାର ଅମର ସମ୍ପାଦକ ବିଶ୍ୱନାଥ କର, କବି ପଦ୍ମଚରଣ, ଦୟାନିଧି, ଗଙ୍ଗାଧର ମେହେର, ଶଶିଭୂଷଣ ରାୟ, ସ୍ୱପ୍ନେଶ୍ୱର ଦାସ, ଓକିଲ ପ୍ରାଣକୃଷ୍ଣ ପଢ଼ିହାରୀ, "ଉତ୍କଳ ସେବକ" ସମ୍ପାଦକ ବଂଶୀଧର ମିଶ୍ର ପ୍ରମୁଖଙ୍କର ପତ୍ରଗୁଡ଼ିକ ଗଳିତ ଶତାବ୍ଦୀରେ ପ୍ରାଥମିକ ଯୁଗର ସାହିତ୍ୟିକମାନଙ୍କ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟର ଯେଉଁ ଆଲୋକପାତ କରିଛି, ଆଜି ସୁଦ୍ଧା ତାହା ସତେଜ ଏବଂ ଉଜ୍ଜ୍ୱଳ ହୋଇ ରହିଛି । କବି ଶ୍ରୀ ବ୍ରଜମୋହନ ଏହି ପତ୍ରାବଳୀରେ କେନ୍ଦ୍ରୀଭୂତ ବିଷୟବସ୍ତୁ ଦୃଷ୍ଟିରୁ ସ୍ୱୀୟ ମାନବିକତା ଓ ସାହିତ୍ୟ-ସାଧନା ବଳରେ ମହୀୟାନ୍ ହୋଇ ଉଠିଛନ୍ତି । ସେଥିପାଇଁ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଛନ୍ତି ସୁପରିଚିତ ଆଧୁନିକ କବି ଓ ଲେଖକ **ଶ୍ରୀ ଅସିତ କବି** ଏହି ଗ୍ରନ୍ଥର ସୁସମ୍ପାଦନାଦ୍ୱାରା । ତାଙ୍କର ସଦୁଦ୍ୟମ ଓ ଉତ୍ସାହ ଫଳରେହିଁ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏଇ ନୂତନ ଆବିଷ୍କାର ସମ୍ଭବପର ହୋଇଛି ।

**କାଳନ୍ଦୀଚରଣ ପାଣିଗ୍ରାହୀ**

**କଟକ**

୩୧-୮-୭୪

## ଏ ସଂକଳନର ଉଦ୍ଦେଶ୍ୟ......

ନିଜକୁ ପ୍ରକାଶ କରିବାର ଅଭୀପ୍ସା ମାନବ ମନରେ ଚିରନ୍ତନ । ଏହି ଅଭୀପ୍ସା ହିଁ 'ଭାଷା' ତଥା 'ପତ୍ର ଲିଖନ'ର ପ୍ରସୂତି । ପତ୍ରର ଭିତରେ ମଣିଷ ଲେଖିଥାଏ ମନର କଥା, ପ୍ରାଣର ଗାଥା । ଯେଉଁମାନଙ୍କର ଜୀବନ ଦେଶ ଓ ଜାତିର କଲ୍ୟାଣ ସାଧନ କଳ୍ପେ ଉତ୍ସର୍ଗୀକୃତ ସେମାନଙ୍କ ଚିଠି ଦିନେ ଜାତୀୟ ଇତିହାସର ଉପାଦାନରେ ପରିଣତ ହୁଏ ।

ଆଜକୁ ଅର୍ଦ୍ଧଶତାବ୍ଦୀ ତଳେ ସମ୍ବଲପୁରର କବି ବ୍ରଜମୋହନ ପଣ୍ଡା ଯେତେବେଳେ ଯୁବକ, ସେତେବେଳେ କେବଳ ସମ୍ବଲପୁରର ନୁହେଁ, ଅଧିକନ୍ତୁ ତତ୍କାଳୀନ ଉତ୍କଳର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଆଡ଼କୁ ଆଶାକୁଳ ନୟନରେ ଅନାଇ ରହିଥିଲେ । କବି ବ୍ରଜମୋହନଙ୍କ ନିକଟକୁ ସେମାନଙ୍କ ପ୍ରଦତ୍ତ ପତ୍ରାବଳୀ ତାର ସାକ୍ଷୀ ।

ଗଙ୍ଗାଧର ଓ ବ୍ରଜମୋହନଙ୍କ ଭିତରେ ଯେଉଁ ପତ୍ର ବିନିମୟ ହୋଇଥିଲା, ତନ୍ମଧ୍ୟରୁ ଅଧିକାଂଶ ପ୍ରକାଶିତ ହୋଇଅଛି । ବ୍ରଜମୋହନଙ୍କର ସୁପୁତ୍ର ଶ୍ରୀ ଗଙ୍ଗାଭୂଷଣ ପଣ୍ଡା, ଏ. କମ୍. ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ପତ୍ରାବଳୀ ଯତ୍ନ ସହକାରେ ରଖିଥିଲେ । ତାଙ୍କଠାରୁ ସେ ସବୁ ଆଣି ମୁଁ ଯେତେବେଳେ ପଢ଼ିଲି, ସେତେବେଳେ ମୋର ମନେ ହେଲା ତନ୍ମଧ୍ୟରେ ଅର୍ଦ୍ଧଶତାବ୍ଦୀ କାଳର ସାଂସ୍କୃତିକ ଇତିହାସର ବହୁ ମଣି କାଞ୍ଚନ ପୁଞ୍ଜି ରହିଛି । ଏତଦ୍‌ବ୍ୟତୀତ କବି ବ୍ରଜମୋହନଙ୍କ ଜୀବନର ବହୁ ହଜିଲା ଦିନର ଉଲ୍ଲେଖଯୋଗ୍ୟ ଘଟଣାର ଛବି ଏହି ପତ୍ରଗୁଡ଼ିକରୁ ସୁଲଭ୍ୟ ।

ମୋର ଆଗ୍ରହ ଦେଖି ଗଙ୍ଗାଭୂଷଣ ବାବୁ ପତ୍ରଗୁଡ଼ିକ ମୋତେ ଦେଲେ ଏବଂ ଏ ସବୁର ଉପାଦେୟତା ଉପଲବ୍ଧି କରି ଏହି ସଂକଳନର ମୁଦ୍ରଣ ଭାର ବହନ କଲେ ଶ୍ରୀ ପଦ୍ମଲୋଚନ ପଣ୍ଡା । ତେଣୁ ସେମାନଙ୍କୁ ସର୍ବାଗ୍ରେ ଧନ୍ୟବାଦ ଜଣାଉଛି । ଏ ସବୁର ସମ୍ପାଦନା ନିମିତ୍ତ କବି ଶ୍ରୀ ବ୍ରଜମୋହନ ପଣ୍ଡା ମୋତେ ଅନୁମତି ଦେଇଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

## ନିକଷ୍ଟ କିପରି ?

ଏ ସଂକଳନର ନାମକରଣ ବିଷୟରେ ମେହେର କଲେଜର ଅଧ୍ୟାପକ ଶ୍ରୀ ଗୋବିନ୍ଦଚନ୍ଦ୍ର ଉଦଗାତାଙ୍କର ପରାମର୍ଶ ମୋର ମନେ ଥିବ । ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି । ମୋର ପରମ କଲ୍ୟାଣକାମୀ ବନ୍ଧୁ ସାହିତ୍ୟ ରସିକ ଡାକ୍ତର ହୃଷୀକେତନ ସାହୁ, ଅଧ୍ୟାପକ ଦୁର୍ଗାପ୍ରସାଦ ନାୟକ, ଅଧ୍ୟାପକ ଅମୂଲ୍ୟକୃଷ୍ଣ ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅଧ୍ୟାପକ ଜନାର୍ଦ୍ଦନ ପଟେଲ ମୋତେ ଏହି ସଂଗ୍ରହର ସମ୍ପାଦନ କାଳରେ ବହୁ ମୂଲ୍ୟବାନ ଉପଦେଶ ଦେଇ ମୋର ଧନ୍ୟବାଦାର୍ହ ହୋଇଛନ୍ତି । ଏହି ପୁସ୍ତକ ସମ୍ପାଦନ କାଳରେ ମୋର ବନ୍ଧୁ ନାନା କବିଚନ୍ଦ୍ର କାଳିପ୍ରସନ୍ନ କବିଙ୍କର ତିରୋଧାନ ଜନିତ ମର୍ମନ୍ତୁଦ ସମ୍ବାଦ ମୋତେ ଅବସନ୍ନ କରି ପକାଇଲା । ଆବାଲ୍ୟରୁ ସାହିତ୍ୟ ପ୍ରତି ସେ ମୋତେ ଆକୃଷ୍ଟ କରିଥିଲେ । ତାଙ୍କ ପୁଣ୍ୟ ସ୍ମୃତିରେ ତର୍ପଣ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଗୌରବ ସେହି ମହାନ୍ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ପ୍ରାଣର ପ୍ରଣତି ଜଣାଇ ସେହି ଅମର କବିଙ୍କର ସ୍ୱର୍ଗତଃ ଆତ୍ମାର ଆଶୀର୍ବାଦ କାମନା କରୁଅଛି ।

ଶ୍ରୀ ଅସିତ କବି
ସମ୍ବଲପୁର
ତା ୧୫ । ୮ । ୬୮

# କବି ବ୍ରଜମୋହନ ପଣ୍ଡା



କବି ଓ କବିବନ୍ଧୁ ବ୍ରଜମୋହନ ପଣ୍ଡା

"ମାତୃଭୂମି ପ୍ରତି ଆପଣଙ୍କ ଯେ ଅମୂଲ୍ୟ ମମତା ପ୍ରଦର୍ଶନ କରିଅଛନ୍ତି, ତାହା ଏ କାଳରେ ଅତୁଳନୀୟ । ଆପଣଙ୍କର ତୁଲ୍ୟ ଜଣେ ମହାତ୍ମାଙ୍କୁ ମୁଁ ଆଜ ପ୍ରଧାନ ପୃଷ୍ଠପୋଷକ ଓ ସହାୟ ରୂପେ ପାଇ ଅତୁଳ ଆନନ୍ଦ ଅନୁଭବ କରୁଅଛି । ଆପଣ ଧନ୍ୟ, ଆପଣଙ୍କ ପରି ସୁପୁତ୍ର ପ୍ରସବ କରି ସମ୍ବଲପୁର ମଧ୍ୟ ଧନ୍ୟ"

ଗଙ୍ଗାଧର ମେହେର

# ସମ୍ବଲପୁରର 'ଆଶା କିଶୋର ପାଦପ'

ଏ ଭିତରେ ଅନେକ ବର୍ଷ ଅତିକ୍ରାନ୍ତ ହୋଇଛି ।

୧୯୦୯ ମସିହା ଡିସେମ୍ବର ମାସ ୨୨ ତାରିଖ । ସେ ସମୟରେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଅଧ୍ୟୟନ କରୁଥିବା ଜଣେ ସମ୍ବଲପୁରର ଛାତ୍ରଙ୍କ ନିକଟକୁ କବି ଗଙ୍ଗାଧର ମେହେର ଲେଖିଥିଲେ ·········

ମାତୃଭୂମି ପ୍ରତି ଆପଣ ଯେ ଅମୂଲ୍ୟ ମମତା ପ୍ରଦର୍ଶନ କରିଛନ୍ତି, ତାହା ଏ କାଳରେ ଅତୁଳନୀୟ । ଆପଣଙ୍କ ତୁଲ୍ୟ ଜଣେ ମହାତ୍ମାଙ୍କୁ ମୁଁ ଆଜ ପ୍ରଧାନ ପୃଷ୍ଠ ପୋଷକ ଓ ସହାୟ ରୂପେ ପାଇ ଅତୁଳ ଆନନ୍ଦ ଅନୁଭବ କରୁଅଛି । ଆପଣ ଧନ୍ୟ, ଆପଣଙ୍କ ପରି ସୁପୁତ୍ର ପ୍ରସବ କରି ସମ୍ବଲପୁର ମଧ୍ୟ ଧନ୍ୟ ।"

ସେହି ଛାତ୍ର ଜଣକ ହେଉଛନ୍ତି ଶ୍ରୀ ବ୍ରଜମୋହନ ପଣ୍ଡା । ତାଙ୍କର ଖାଖିର ସ୍ୱଦେଶ ପ୍ରୀତି, ଉଦାର ହୃଦୟ ଓ ଚଞ୍ଚଳ ମନର ସୁପରିଚୟ ପାଇ ମେହେର କବି ଆହୁରି ମଧ୍ୟ ଲେଖିଥିଲେ·····

"ସମ୍ବଲପୁରର ଅନେକ ବ୍ୟକ୍ତି ଉଚ୍ଚ ବିଦ୍ୟାଳୟରେ ଶିକ୍ଷାର୍ଜ୍ଜନ କରିଅଛନ୍ତି । ଆପଣଙ୍କ ହୃଦୟର ଭାବର ଶତାଂଶ ଯଦି ସେମାନଙ୍କର ପ୍ରତ୍ୟେକଙ୍କର ହୃଦୟରେ ଥାନ୍ତା, ତେବେ ସମ୍ବଲପୁର ଆଜି ପର୍ଯ୍ୟନ୍ତ ନିଦ୍ରିତ ହୋଇ ନ ଥାନ୍ତା, ଧନ୍ୟ ଆପଣ । ଆପଣଙ୍କର ସହାନୁଭୂତି ଲାଭ କରି ମୁଁ ମଧ୍ୟ ଧନ୍ୟ ।"

ଉତ୍କଳର ବହୁ ଶିକ୍ଷିତ ବ୍ୟକ୍ତି ବ୍ରଜମୋହନଙ୍କୁ କବି ଗଙ୍ଗାଧର ମେହେରଙ୍କ ପ୍ରିୟ ସଖା ରୂପେହିଁ ଜାଣନ୍ତି ; କିନ୍ତୁ ଏହା ତାଙ୍କର ପରିଚୟ-

ସମୁଦ୍ରର ଗୋଟିଏ ବିନ୍ଦୁ ମାତ୍ର । ଗଙ୍ଗାଧରଙ୍କ ସ୍ୱମାତ୍ରି ପ୍ରଦର୍ଶନ କଲେ ଦେବତାତ୍ମା ସେହି ଅଦ୍ରିର ବିଶାଳତା ଆମକୁ ଚକିତ କରେ । ବ୍ରଜମୋହନଙ୍କ ବ୍ୟକ୍ତିତ୍ୱ ହିମାଳୟ ଭଳି ଅଭଗ୍ନମୂର୍ତ୍ତି ।

## ସଂକ୍ଷିପ୍ତ ପରିଚୟ *

ସମ୍ବଲପୁରରେ ଶିକ୍ଷାର ପ୍ରସାର ଯା'ର ଜୀବନର ପରମ ସାଧନା, ସମ୍ବଲପୁରର ଜନ ଜୀବନର କଲ୍ୟାଣ ଯା'ର ଚିନ୍ତାର କେନ୍ଦ୍ର, ସେହି ବ୍ରଜମୋହନଙ୍କୁ ନ ଜାଣେ ଏପରି କେହି ବ୍ୟକ୍ତି ସମ୍ବଲପୁରରେ ନାହାନ୍ତି । ୧୯୧୧ ମସିହାରୁ କବି ଗଙ୍ଗାଧର ମେହେର ଲେଖି ଯାଇଛନ୍ତି—

"ସମସ୍ତେ ଆପଣଙ୍କୁ ସମ୍ବଲପୁରର ଆଶା କିଶୋର ଗାଦପ ଜ୍ଞାନ କରୁ ଅଛନ୍ତି ।" ( ଗଙ୍ଗାଧର ପତ୍ରାବଳୀ )

ଆଧୁନାତନ ସମ୍ବଲପୁରର ସର୍ବଶ୍ରେଷ୍ଠ ସନ୍ତାନ ବ୍ରଜମୋହନ ୧୮୯୦ ମସିହାରେ ସମ୍ବଲପୁର ଜିଲ୍ଲାର ଛତଲ ଲପଙ୍ଗା ଗ୍ରାମରେ ଭୂମିଷ୍ଠ ହୋଇଥିଲେ । ସେ ଦିନ ଥିଲା ଆଷାଢ଼ କୃଷ୍ଣ ଷଷ୍ଠୀ । ବ୍ରଜମୋହନଙ୍କ ପିତାଙ୍କ ନାମ ବୃନ୍ଦାବନ ଓ ମାତାଙ୍କ ନାମ ଚନ୍ଦ୍ରମା ଦେଈ । ବୃନ୍ଦାବନ ଥିଲେ ଧର୍ମପ୍ରାଣ । ବ୍ରଜମୋହନ ସ୍ୱୀୟ 'ଜୀବନ ଗାଥା' କବିତା ସଂଗ୍ରହରେ ପିତାଙ୍କ ଜୀବନର ଏହି ପବିତ୍ର ଦିଗ ଉପରେ ଆଲୋକପାତ କରିବାକୁ ଯାଇ 'ମୋର ଆତ୍ମକଥା' ଶୀର୍ଷକ ଲେଖାରେ ଲେଖିଛନ୍ତି —

"... ସ୍ୱର୍ଗତଃ ବୃନ୍ଦାବନ ପଣ୍ଡା ଜଣେ ଭଗବତ୍ ପ୍ରାଣ ବ୍ୟକ୍ତି ଥିଲେ । ତାଙ୍କର ସ୍ୱଭାବ ସୁଲଭ କୃଷ୍ଣ କର୍ମରେ ଆସ୍ଥା ତାଙ୍କ ହୃଦୟକୁ ସରଳ ଓ ଆର୍ଦ୍ର କରି ରଖିଥାଏ । କୃଷ୍ଣ ନାମ ଶ୍ରବଣ ମାତ୍ରକେ ସେ ଗଳଦଶ୍ରୁ ହୋଇ ପୁଲକାଞ୍ଚିତ ହୋଇ ପଡ଼ୁଥିଲେ ....।"

## ଶିକ୍ଷା *

ଯେଉଁ ସମୟରେ ବ୍ରଜମୋହନ ବାଳକ, ସେ ସମୟରେ ଶିକ୍ଷା କ୍ଷେତ୍ରରେ ସମ୍ବଲପୁର ବହୁତ ପଛରେ ପଡ଼ିଥିଲା । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଗ୍ରାମେ ଗ୍ରାମେ ଶିକ୍ଷାନୁଷ୍ଠାନ ସ୍ୱଳ୍ପ ଥିଲା । ମୁଷ୍ଟିମେୟ ସଙ୍ଗତିଶାଳୀ ମୂର୍ଦ୍ଧନ୍ୟ ଅବସ୍ଥାରେ କେବଳ ନୈରାଶ୍ୟର ଇଙ୍ଗିତ ଦେଉଥିଲା ନୀରବରେ । ପ୍ରାଚୁର୍ଯ୍ୟର

ଭିତରେ ବ୍ରଜମୋହନଙ୍କ ଜନ୍ମ— ସେହି ପ୍ରାଚୁର୍ଯ୍ୟ ଭିତରେ ତାଙ୍କର ଜୀବନ ବିକଶିତ । ତେଣୁ ଘରେ ଶିକ୍ଷକ ରଖି ତାଙ୍କ ପିତା ବ୍ରଜମୋହନଙ୍କର ଅଧ୍ୟୟନ ନିମିତ୍ତ ସୁବ୍ୟବସ୍ଥା କରିଥିଲେ । ବ୍ରଜମୋହନ ଯେତେବେଳେ ନବମ ବର୍ଷରେ ପଦାର୍ପଣ କଲେ, ସେତେବେଳେ ସମ୍ବଲପୁର ଆସି ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲେ । ସେ ମେଧାବୀ ; ତେଣୁ ଶିକ୍ଷକମାନଙ୍କର ପ୍ରିୟ ହେବାକୁ ବେଶି ସମୟ ଲାଗି ନ ଥିଲା । ପୁଣି ସମ୍ବଲପୁରର ସମସ୍ତ ପ୍ରାଇମେରୀ ସ୍କୁଲର ଛାତ୍ରମାନଙ୍କ ମଧ୍ୟରେ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବା ଫଳରେ କୃତିତ୍ୱ ସ୍ୱାକ୍ଷରରେ ସେ ପ୍ରଶଂସାଭାଜନ ହୋଇଥିଲେ । ତତ୍ପରେ ସେ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । କିନ୍ତୁ ତାଙ୍କ ଜୀବନର ଗୌରବମଣ୍ଡିତ ଅଧ୍ୟାୟ ଉନ୍ମୋଚିତ ହେଲା ସେତିକିବେଳେ ଯେତେବେଳେ ଜିଲ୍ଲା ସ୍କୁଲ ଛାଡ଼ି କଟକ ଯାତ୍ରା କରି ସେ ହେଲେ ରେଭେନ୍ସା କଲେଜିଏଟ୍ ସ୍କୁଲର ଛାତ୍ର ।

ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ସେହି ସ୍କୁଲରେ ଅଧ୍ୟୟନ କରୁଥିଲେ । ବ୍ରଜମୋହନଙ୍କର ସେମାନେ ଥିଲେ ଘନିଷ୍ଠ ବନ୍ଧୁ । ଏହିଭଳି ଉଚ୍ଚମନା ବନ୍ଧୁମାନଙ୍କର ଗହଣରେ ବ୍ରଜମୋହନ ସ୍କୁଲ ପାଠ ସହିତ ଦେଶ ଓ ଜାତିର ସାହିତ୍ୟ ସମ୍ପର୍କରେ ଆଲୋଚନା କରୁଥିଲେ । ଆବାଲ୍ୟରୁ ସାହିତ୍ୟ ପ୍ରତି ଥିଲା ତାଙ୍କର ପ୍ରଗାଢ଼ ଆସକ୍ତି । ତେଣୁ କଟକରେ ଅବସ୍ଥାନ କାଳରେ ସେ ସମୟରେ ଅନୁଷ୍ଠିତ ହୋଇଥିବା ସାହିତ୍ୟ ସଭାରେ ଯୋଗଦାନ କରି ସେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ଏହିଭଳି ଏକ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପରେ ହିଁ କବି ଗଙ୍ଗାଧରଙ୍କୁ ପତ୍ର ଲେଖିବା ପାଇଁ ସେ ପାଇଥିଲେ ଦୁର୍ବାର କାମନା ......ଯା'ର ଇତିବୃତ୍ତ ସେ ନିଜେ ଉଲ୍ଲେଖ କରିଛନ୍ତି ......

"୧୯୦୯ ସାଲରେ ମୁଁ ୧୧ କ୍ଲାସରେ ପଢ଼ୁଥିଲି । ଅପ୍ରେଲ ମାସ ୧୭ ତାରିଖରେ କବିବର ରାଧାନାଥଙ୍କ ସାମ୍ବତ୍ସରିକ ଶ୍ରାଦ୍ଧ ଦିନ ପାଳିତ ହେବା ଥିଲା । ସଞ୍ଜ ଛଅଟା ଠାରେ ରାଧାନାଥଙ୍କ ସମାଧି ସ୍ଥଳରେ କଟକର ସମସ୍ତ ବିଶିଷ୍ଟ ଲୋକ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ । କଟକର ଛାତ୍ର ସମାଜ ସଙ୍ଗେ ମୁଁ ସେଠାରେ ଯୋଗ ଦେଇଥିଲି । ଖ୍ୟାତନାମା Mr Das ( ମଧୁସୂଦନ ଦାସ ), ବିଶ୍ୱନାଥ କର, ମଧୁସୂଦନ ରାଓ, ନନ୍ଦକିଶୋର ବଳ ପ୍ରମୁଖ ସମସ୍ତ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ସେଠାରେ ଆଲୋଚନା ହେଲା,

ରାଧାନାଥଙ୍କ ସ୍ଥାନ କିଏ ପୂରଣ କରିବ ? କାହାରି କାହାରି ମୁଖରୁ କବିବର ଗଙ୍ଗାଧର ମେହେରଙ୍କ ନାମ ବାହାରିଲା । ସେଥିରେ ସମସ୍ତେ ଏକମତ ହେଲେ । ସମ୍ବଲପୁରର କି ଭାଗ୍ୟ ! ଏହା ଶୁଣିବା ମୁହୂର୍ତ୍ତରୁ ମୋର ମନ ଆନନ୍ଦାଳିତ ହେବାକୁ ଲାଗିଲା । କବି ଗଙ୍ଗାଧରଙ୍କୁ ମୁଁ ଦେଖିଥିଲି, ମାତ୍ର ତାଙ୍କ ସଙ୍ଗେ ମୋର ପ୍ରତ୍ୟକ୍ଷ ପରିଚୟ ନ ଥିଲା । ତାଙ୍କଠାକୁ ପତ୍ର ଲେଖିବାର ବାସନା ଜାତ ହେଉଥାଏ, ମାତ୍ର ଦମ୍ଭ ଯୁଟୁ ନ ଥାଏ । ଏପରି ଦୋଦୁଲ୍ୟମାନ ଚିତ୍ତରେ ତା ୧୭-୪-୧୯୦୯ ରୁ ତା ୨୫-୧୨-୧୯୦୯ ପର୍ଯ୍ୟନ୍ତ ରହିଲି । ତା' ପରେ ଦୈବ ଯୋଗରେ ତାଙ୍କ ସଙ୍ଗେ ଅଭିନବ ଅମୃତମୟ ସମ୍ବନ୍ଧ ସ୍ଥାପନର ସୂତ୍ରପାତ ହେଲା । ତା ୨୫-୧୨-୧୯୦୯ ରେ ତାଙ୍କଠାକୁ ପ୍ରଥମ ପତ୍ର ଲେଖିଲି । ପତ୍ର ପାଇ କବି ମୋତେ କି ଉତ୍ସାହବ୍ୟଞ୍ଜକ ପତ୍ର ଲେଖିଲେ, ତାହା ଗଙ୍ଗାଧର ଗ୍ରନ୍ଥାବଳୀର ପ୍ରଥମ ପତ୍ର ପାଠ କଲେ, ପାଠକମାନେ ଜାଣି ପାରିବେ । ସେହି ଦିନଠାରୁ କବିଙ୍କ ସହିତ ମୋ.ର ଉତ୍ତରୋତ୍ତର ମଧୁମୟ ସମ୍ବନ୍ଧ ବଢ଼ିବାକୁ ଲାଗିଲା ....।"


( 'ମୋର ଆତ୍ମ କଥା' — ଯୌବନ ଗାଥା )

୧୯୧୦ ମସିହାରେ ବ୍ରଜମୋହନ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାଶ କରି ଉଚ୍ଚଶିକ୍ଷା ଲାଭ ଉଦ୍ଦେଶ୍ୟରେ କଲିକତା ଯାତ୍ରା କଲେ । କଲିକତାର ପ୍ରେସିଡେନ୍ସି କଲେଜରୁ ବି. ଏ. ପାଶ କରି ସମ୍ବଲପୁର ପ୍ରତ୍ୟାବର୍ତ୍ତନ କଲେ ।

### ପାରିବାରିକ ଜୀବନ *

ବ୍ରଜମୋହନ ବାବୁଙ୍କ ପାରିବାରିକ ଜୀବନ ଅତି ସୁଖମୟ । ପାରିବାରିକ ଜୀବନରେ ଶାନ୍ତି ନ ଥିଲେ ଜୀବନର ଅଧିକାଂଶ ସମୟ ଦେଶ ସେବାରେ ସେ ଅତିବାହିତ କରିବାକୁ ସକ୍ଷମ ହୋଇ ପାରୁ ନ ଥାନ୍ତେ । ୧୯୦୫ ମସିହାରେ ସେ ବୈଦିକ ରୀତି ଅନୁଯାୟୀ ବିବାହ କରିଥିଲେ । ତାଙ୍କର ସ୍ତ୍ରୀଙ୍କର ନାମ ৺ ଶ୍ରୀମତୀ ଲଳିତା ଦେବୀ ।

ଲଳିତା ଦେବୀ ସ୍ୱାମୀଙ୍କର ଉଚ୍ଚଶିକ୍ଷା ନିମିତ୍ତ ଅତି ବ୍ୟାକୁଳ ଥିଲେ । କଲେଜରେ ଅଧ୍ୟୟନ ପୂର୍ବରୁ ବ୍ରଜମୋହନଙ୍କର ଦୁର୍ବାକ୍ଷତ ସମ୍ପନ୍ନ ହୋଇଥିଲା । ସ୍ୱାମୀର ଉନ୍ନତି ପ୍ରତ୍ୟେକ ସୁରମଣୀର ଶ୍ରେୟ ଓ ପ୍ରେୟ ବସ୍ତୁ । ବ୍ରଜମୋହନଙ୍କର ପ୍ରଥମ ପୁତ୍ରର ଅକାଳ ବିୟୋଗ ତାଙ୍କୁ ଶୋକ ସନ୍ତପ୍ତ କରିଥିଲା । ତାଙ୍କ ବେଦନାବିଦଗ୍ଧ ପ୍ରାଣର ଉଚ୍ଛ୍ୱାସ 'ବିଫଳ ବାସନା' କବିତାର ପ୍ରତି ଶବ୍ଦ-ତରଙ୍ଗରେ ରୂପାୟିତ ହୋଇଅଛି । ଦୁଃଖର ବିଷୟ ତାଙ୍କର ଉଚ୍ଚଶିକ୍ଷିତ ଦ୍ୱିତୀୟ ପୁତ୍ର ଅଚିରରେ ଇହଲୀଳା ସମ୍ବରଣ କଲେ ।



ଏହି ଶିକ୍ଷୟିତ୍ରୀଙ୍କ ଗୁରୁ। ସଦ୍ଗୁରୁ ଠାକୁର ମା।

ବ୍ରଜମୋହନଙ୍କର ଅନ୍ୟ ଦୁଇ ପୁତ୍ର ଶ୍ରୀ ଗଙ୍ଗାଭୂଷଣ ପଣ୍ଡା ଓ ଶ୍ରୀ ପଦ୍ମଲୋଚନ ପଣ୍ଡା ଉଚ୍ଚ ଶିକ୍ଷିତ ।

## ଶିକ୍ଷାର ପ୍ରସାର କଳ୍ପେ ସାଧନା *

ଶିକ୍ଷାର ପ୍ରସାର କଳ୍ପେ ବ୍ରଜମୋହନଙ୍କ ସାଧନା ଓ ତ୍ୟାଗର ପଟାନ୍ତର ନାହିଁ । ଆବାଲ୍ୟରୁ ସମ୍ବଲପୁରରେ ଶିକ୍ଷାର ପ୍ରସାରର ସ୍ୱପ୍ନ ସେ ଦେଖିଥିଲନ୍ତି ଓ ଏଥିପାଇଁ ତ୍ୟାଗବରଣ କରିବାକୁ କୁଣ୍ଠିତ ହୋଇ ନାହାନ୍ତି...

"......୧୯୦୭ ସାଲର କଥା××× ଏ ସମୟରୁ ମୋର ଶିକ୍ଷା ପ୍ରତି ଅନୁରାଗ ବଢ଼ୁଥିଲା । ଗାଁକୁ ଗଲି । ସେଠାରେ ଶିକ୍ଷାର କୌଣସି ଅନୁଷ୍ଠାନ ନ ଥିଲା । ପିଲାମାନେ ପୂର୍ବବତ୍ ଟାମ୍ପରସବାକୁ ଯଡ଼ ଯାଉଥାନ୍ତି । ତାହାକୁ କିଛି ପାଠ ଆସେ ନାହିଁ । ଏ ସବୁ ଦେଖି ମନରେ ବିଷାଦ ଜାତ ହେଲା । ଗାଁରେ କିପରି ଏକ ପାଠଶାଳା ହୋଇ ପାରିବ, ଏ ଚିନ୍ତାରେ ମନ ସବୁବେଳେ ବାନ୍ଧି ହେଉଥାଏ । ଗାଁର ୭ ଜଣ ପିଲା ଟାମ୍ପରସବା ଯଡ଼ ଯାଉଥିଲେ । ପିଲାଙ୍କର କର୍ତ୍ତାମାନଙ୍କୁ କହିଲି, "ଗାଁରେ ଏକ ଚାହାଳି ଆରମ୍ଭ କରୁଁ ଓ ତୁମ୍ଭ ପିଲାମାନେ ସେଠି ପଢ଼ନ୍ତୁ ।" ସମସ୍ତେ ସମ୍ମତ ହେଲେ । ମୋର ପିଲା ଦିନର ସାଙ୍ଗ ଅଭିମନ୍ୟୁ ପଣ୍ଡା ଅପରପ୍ରାଇମେରୀ ପାସ୍ କରି ଗାଁରେ ଥାନ୍ତି । ତାଙ୍କୁ ଶିକ୍ଷକ ହେବାକୁ ଅନୁରୋଧ କଲି । ସେ ରାଜି ହେଲେ । ସନାତନ ପଣ୍ଡା ବୋଲି ଜଣେ ଜ୍ଞାତିଙ୍କ ଏକ ବାରେଣ୍ଡାରେ ଚାହାଳି ଆରମ୍ଭ କରାଗଲା । ଶ୍ରୀ ଅଭିମନ୍ୟୁ ପଣ୍ଡା ଶିକ୍ଷକ ନିଯୁକ୍ତ ହେଲେ । ଏ ମହାଶୟ ବର୍ତ୍ତମାନ ଜୀବିତ ଅଛନ୍ତି । ତାଙ୍କର ଦରମା ମାସକୁ ଏକ ଟଙ୍କା ଧାର୍ଯ୍ୟ ହେଲା । ମାସ ପୂର୍ଣ୍ଣ ହେଲା । ଦରମା ଟଙ୍କା ଆସେ କାହୁଁ ? ବଡ଼ ବିଷମ ଚିନ୍ତାରେ ପଡ଼ିଲି । ବାବାଙ୍କୁ ମାଗିବାକୁ ସାହାସ ନାହିଁ । ପୁଣି ଶିକ୍ଷା ପ୍ରତି ସମସ୍ତେ ଉଦାସୀନ । ଖର୍ଚ୍ଚ କରି ପୁଅକୁ ପାଠ ପଢ଼ାଇବେ; ଏ କଥା ଅସମ୍ଭବ । ବଡ଼ ଚିନ୍ତିତ ହୋଇ ଶେଷରେ ଏକ ସମାଧାନରେ ଉପନୀତ ହେଲି । ସମ୍ବଲପୁରରେ ରହି ପାଠ ପଢ଼ିବା ପାଇଁ ଜଳଖିଆ ଖର୍ଚ୍ଚ ସକାଶେ ମୋର ପିତା ମୋତେ ମାସକୁ ୪ ଟଙ୍କା ଦେଉଥିଲେ । ତହିଁରୁ ମାସକୁ ଏକ ଟଙ୍କା ଦେବାର ସ୍ଥିର କଲି ଓ ସେହିମତ ଏକ ବର୍ଷ ପର୍ଯ୍ୟନ୍ତ ଚଳିଲି । ପରେ ପିତୃଦେବ ଜାଣି ପାରିଲେ ଯେ, ମୁଁ ଜଳଖିଆ ଖର୍ଚ୍ଚ କମ କରି ଶିକ୍ଷକଙ୍କୁ ଦରମା ଦେଉଅଛି, ସେତେବେଳେ ସେ

ନିଜ ହାତରୁ ଦରମା ଦେଲେ । ସେ ଦିନରୁ ଲରମ୍ବା ସ୍କୁଲର ସୂତ୍ରପାତ ଓ ତାହା କ୍ରମେ ଲୋଅର ପ୍ରାଇମେରି, ଅପର ପ୍ରାଇମେରି, ମିଡ଼ଲ ଭର୍ଣ୍ଣାକ୍ୟୁଲାର, ମିଡ଼ଲ ଇଂଲିଶ, ହାଇସ୍କୁଲ ହୋଇ ଏବେ ହାୟାର ସେକେଣ୍ଡାରୀରେ ପରିଣତ ହୋଇଅଛି ।" (ମୋର ଆତ୍ମ କଥା — ଯୌବନ ଗାଥା)


ଯେ କେହି ପରିଦର୍ଶକ ଲରମ୍ବାର ଶିକ୍ଷାନୁଷ୍ଠାନ ଗୁଡ଼ିକ ପ୍ରତି ଦୃଷ୍ଟି ନିକ୍ଷେପ କଲେ ବ୍ୟକ୍ତିଗତ ପ୍ରଚେଷ୍ଟାର ଏହି ଅମୃତମୟ ଫଳ ଓ ନିଃସ୍ୱାର୍ଥପର ସାଧନାର ଅନବଦ୍ୟ ସିଦ୍ଧି ଦେଖି ପ୍ରଶଂସା ନ କରି ରହି ପାରିବ ନାହିଁ । ସୁଖର କଥା, ଏବେ ଲରମ୍ବାରେ ବିଜ୍ଞାନ କଲେଜ ମଧ୍ୟ ଖୋଲିଲା ।

କେବଳ ଲରମ୍ବା କହିଲେ ଅନେକ କଥା ଅକୁହା ହୋଇ ରହିଯିବ; ସମ୍ବଲପୁରର ବହୁ ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନର ବିକାଶ ମୂଳରେ ବ୍ରଜମୋହନଙ୍କ ଦାନ ଅବିସ୍ମରଣୀୟ ।

## କବି ବ୍ରଜଭାଇର ଅରୁଣୋଦୟ *

ବ୍ରଜମୋହନ ଯେ ଜଣେ ଉଚ୍ଚକୋଟୀର କବି ଏବଂ ଆଜକୁ ଅର୍ଦ୍ଧଶତାବ୍ଦୀ ତଳେ ତାଙ୍କ ପ୍ରତିଭାର ଦ୍ୟୋତନା ଓଡ଼ିଆ ସାହିତ୍ୟରେ ନୂତନ ଆଶା ଭରସାର ସଙ୍କେତ ସ୍ୱରୂପ ଦେଖା ଦେଇଥିଲା, ଏ କଥା ନିକଟରେ ତାଙ୍କ କବିତା ସଙ୍କଳନ "ଯୌବନ ଗାଥା" ପ୍ରକାଶିତ ହୋଇ ନ ଥିଲେ ଏକାଳର ଯୁବଗୋଷ୍ଠୀ ଭିତରେ ଅନବଗତ ହୋଇ ରହିଥାନ୍ତା । କାରଣ ତାଙ୍କର କବିତା ଯେଉଁ ସବୁ ପତ୍ରିକାରେ ପ୍ରକାଶିତ ହୋଇଥିଲା, ବହୁଦିନରୁ ଉକ୍ତ ପତ୍ରିକାମାନଙ୍କ ଉତ୍କଳ ସାଂସ୍କୃତିକ ଗଗନରୁ ଅନ୍ତର୍ହିତ ହୋଇଛି ।

ବ୍ରଜମୋହନଙ୍କ କବିତ୍ୱର ସ୍ଫୁର୍ତ୍ତି ଛାତ୍ର ଜୀବନରେ ହିଁ ହୋଇଥିଲା ଏବଂ ଛାତ୍ର ଜୀବନରୁ ବିଦାୟ ଗ୍ରହଣ ପରେ ସମ୍ବଲପୁରରେ ଶିକ୍ଷାର ପ୍ରସାର କଳ୍ପେ ଆତ୍ମୋତ୍ସର୍ଗ କରିବାକୁ କର୍ମମୁଖର ଜୀବନରେ କବିତା ରଚନା ପାଇଁ ସେ ଆଦୌ ସୁଯୋଗ ପାଇ ପାରି ନ ଥିଲେ; ତଥାପି ସ୍ୱଳ୍ପକାଳ ଭିତରେ ତାଙ୍କ ରଚିତ କବିତା ଓ ଭ୍ରମଣ କାହାଣୀ ତାଙ୍କ ପ୍ରତିଭାର ଜୟଗାନ କରୁଛି । ତାଙ୍କ ପଲ୍ଲୀ ପ୍ରୀତି, ପ୍ରକୃତି ପ୍ରେମିକତା, ଆଧ୍ୟାତ୍ମିକ ଚେତନା ଓ ସ୍ୱଦେଶପ୍ରେମ "ଯୌବନଗାଥା"ରେ ସନ୍ନିବିଷ୍ଟ କବିତା ନିଚୟରେ ଅତି ମନୋଜ୍ଞ ଛନ୍ଦରେ



ଯୌବନ ଗାଥାର କବି ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡାଙ୍କ ହସ୍ତଲିପି

ଛନ୍ଦବଦ୍ଧ ହୋଇଅଛି । କବି ଗଙ୍ଗାଧର, ପଦ୍ମଚରଣ, ସାହିତ୍ୟିକ ବିଶ୍ୱନାଥ କର, ଶଶୀଭୂଷଣ ରାୟ, ଦୟାନିଧି ମିଶ୍ର ପ୍ରମୁଖ ବ୍ରଜମୋହନଙ୍କ କବିପ୍ରତିଭାର ବିଶେଷ ପ୍ରଶଂସା କରି ଯାଇଛନ୍ତି ।

## କବି ବନ୍ଧୁ ବ୍ରଜମୋହନ *

ବ୍ରଜମୋହନଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କରି ଭାଷାରେ—

"କର୍ମ ମୋହର ଜନନୀର ସେବା
ଅଶ୍ରୁ ସଜଳେ ଭାସି ।"

ସେ ଯେ କେବଳ କବି ଥିଲେ ତା ନୁହେଁ, ଅଧିକନ୍ତୁ ଥିଲେ କବି ବନ୍ଧୁ । ନୈରାଶ୍ୟ ଓ ପୃଷ୍ଠପୋଷକତା ଅଭାବରେ କବି ଗଙ୍ଗାଧର ଭାଙ୍ଗି ପଡ଼ିବା ବେଳେ ବ୍ରଜମୋହନ ବାବୁଙ୍କ ପ୍ରେରଣା ଲାଭ କରି ସେ କପରି ଉଦ୍‌ବୁଦ୍ଧ ହୋଇଥିଲେ, ତାହା 'ଗଙ୍ଗାଧର ପତ୍ରାବଳୀ'ର ପାଠକ ମାତ୍ରେ ଜାଣନ୍ତି ।

ଏକଦା ବନ୍ୟା-ପୀଡ଼ିତ ଅଞ୍ଚଳର ସେବା ସକାଶେ ଚାନ୍ଦା ସଂଗ୍ରହ କରିବା ନିମିତ୍ତ ବ୍ରଜମୋହନ ବାବୁ ବନ୍ଧୁ ଗଙ୍ଗାଧର ହୋତାଙ୍କ ସହିତ ବାଲେଶ୍ୱର ଯାତ୍ରା କରିଥିଲେ । ସେହି ସମୟରେ ଉତ୍କଳର ପ୍ରିୟ କଥାକାର ଫକୀରମୋହନଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ଫକୀରମୋହନ ତାଙ୍କ ଲିଖିତ 'ପୂଜା ଫୁଲ'ର ପାଣ୍ଡୁଲିପି ବ୍ରଜମୋହନଙ୍କୁ ଦେଇ କହିଥିଲେ···"ବାପା ! ଏଇ ବହିଟି ଲେଖିଛି ; ଯଦି ପାରିବ ତେବେ ଛପାଇ ଦେବ ।" ଫକୀରମୋହନଙ୍କ ପୁସ୍ତକ ପ୍ରକାଶନ କରିବାକୁ ମାତୃଭାଷାନୁରାଗୀ ବ୍ରଜମୋହନ ପରମ ସୌଭାଗ୍ୟ ମଣିଥିଲେ ଏବଂ ଚରମ ଆନନ୍ଦର ସହିତ ଏହି ମହତ୍ କର୍ତ୍ତବ୍ୟ ସମ୍ପାଦନ କରିଥିଲେ ।

ବ୍ରଜମୋହନଙ୍କ ସମୟରେ ସମ୍ବଲପୁରରେ ଅନ୍ୟ ଜଣେ ପ୍ରତିଭାଶାଳୀ ଲେଖକଙ୍କର ଅଭ୍ୟୁଦୟ ହୋଇଥିଲା । ସେ ହେଉଛନ୍ତି ଦୟାନିଧି ମିଶ୍ର । ଫକୀରମୋହନଙ୍କ ପରେ ଦୟାନିଧିଙ୍କ ଭଳି ଐତିହାସିକ କଥାସାହିତ୍ୟ ସୃଷ୍ଟିରେ ଅନ୍ୟ କୌଣସି ଲେଖକ ଏତେ ସଫଳତା ହାସଲ କରି ନାହାନ୍ତି । ଉପନ୍ୟାସ, କବିତା, ଗଳ୍ପ ଓ ସମାଲୋଚନା ପ୍ରଭୃତି ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଲେଖନୀ ଚାଳନା କରି ସେ ନିଜର ବଳିଷ୍ଠ ପ୍ରତିଭାର ସୁପରିଚୟ

ଦେଇ ପାରୁଛନ୍ତି । ବ୍ରଜମୋହନ ଥିଲେ ତାଙ୍କର ବନ୍ଧୁ । ଯୁବକ ଦୟାନିଧିଙ୍କୁ ସାହିତ୍ୟ ସାଧନାରେ ଉତ୍ସାହିତ କରୁଥିଲେ ବନ୍ଧୁ ବ୍ରଜମୋହନ ।

ଏତଦ୍‌ବ୍ୟତୀତ ନାରୀ କବି ୰ଅନ୍ନପୂର୍ଣ୍ଣା ପ୍ରଭୃତି ତତ୍କାଳୀନ ଅନ୍ୟାନ୍ୟ କବିମାନଙ୍କୁ ବ୍ରଜମୋହନ ସାହିତ୍ୟ ସେବାରେ ପ୍ରେରଣା ଦେଉଥିବାର ଜଣା ପଡ଼େ । କବି ପ୍ରତି ତାଙ୍କର ମମତା ଅଶେଷ ଓ ଅନୁପମ ।

## ନିର୍ବାପିତ ଆଗ୍ନେୟ ଗିରି*

ଉତ୍କଳର ସୁନାମଧନ୍ୟ କବି ଡକ୍ଟର ମାୟାଧର ମାନସିଂହ ମାସିକ 'ନବଜୀବନ' ପତ୍ରିକାରେ 'ଯୌବନ ଗାଥା'ର ଆଲୋଚନା ପ୍ରସଙ୍ଗରେ କବି ବ୍ରଜମୋହନଙ୍କୁ 'ନିର୍ବାପିତ ଆଗ୍ନେୟଗିରି' ବୋଲି କହି ଅଛନ୍ତି । ବାସ୍ତବିକ୍ 'ଯୌବନ ଗାଥା' ଅଧ୍ୟୟନ କଲେ ଆମର ମନେ ହୁଏ, ଯଦି ଏ ପ୍ରତିଭାର ସାଧନା ଅବ୍ୟାହତ ରହିଥାନ୍ତା ତେବେ ଓଡ଼ିଆ ସାହିତ୍ୟ ଅତୁଳ ସମୃଦ୍ଧି ଲାଭ କରିଥାନ୍ତା । ଓଡ଼ିଆ ସାହିତ୍ୟର ଦୁର୍ଭାଗ୍ୟ ବ୍ରଜମୋହନଙ୍କ ଲେଖନୀ ଆଜି ନୀରବ ।

## ସ୍ୱଦେଶ ପ୍ରୀତି*

ବ୍ରଜମୋହନଙ୍କ ସ୍ୱଦେଶ ପ୍ରୀତି କେବଳ ଓଡ଼ିଆ ସାହିତ୍ୟର ସମୃଦ୍ଧି-କଳ୍ପେ ଲେଖନୀ ଚାଳନା କରିବା, ଓଡ଼ିଆ କବିମାନଙ୍କର ପୃଷ୍ଠପୋଷକତା କରିବା ଓ ସମ୍ବଲପୁରରେ ଶିକ୍ଷାର ଉନ୍ନତି ପାଇଁ ସାଧନା କରିବାରେ ସୀମିତ ହୋଇନାହିଁ, ଅଧିକନ୍ତୁ ସେ ଥିଲେ କଂଗ୍ରେସ ପନ୍ଥୀ । ଏ ସମ୍ପର୍କରେ ସେ ଲେଖିଛନ୍ତି .."୧୯୨୦ରେ ନାଗପୁର କଂଗ୍ରେସ ଓ ୧୯୨୧ରେ ଅହମଦାବାଦ କଂଗ୍ରେସର ମୀମାଂସା କ୍ରମେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲି । ସେ ସମୟରେ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ବଲପୁରରେ ରହୁଥିଲେ । ସମ୍ବଲପୁରସ୍ଥ ମୋର ବାସ ଭବନରେ ପ୍ରଥମେ National Flag ଉଡ଼ାଗଲା । National School ସ୍ଥାପିତ ହେଲା ।"

(ମୋର ଆତ୍ମକଥା—ଯୌବନ ଗାଥା )

ବ୍ରଜମୋହନ ଏବେ ଜୀବନର ଚତୁର୍ଥାବସ୍ଥାରେ ; ତଥାପି ତାଙ୍କର ଯୁବକ-ସୁଲଭ କର୍ମପ୍ରବଣତା ବାର୍ଦ୍ଧକ୍ୟକୁ ପ୍ରତି ମୁହୂର୍ତ୍ତରେ ଉପହାସ କରୁଅଛି ।

# କବି ବ୍ରଜମୋହନଙ୍କୁ ପ୍ରଦତ୍ତ ପତ୍ରାବଳୀ

## କବି ପଦ୍ମଚରଣଙ୍କ ଲେଖନୀରୁ...

(୧)

ଶ୍ରୀ ଶଃ

ଗାଞ୍ଜାଁ
୨।୮।୧୩

ପ୍ରିୟ ବ୍ରଜମୋହନ ବାବୁ,

ଆସିବା ଦିନ ଆପଣଙ୍କୁ ଟିକିଏ ଦେଖି ଆସି ପାରିଲି ନାହିଁ। ଆପଣଙ୍କୁ ଓ ପ୍ରାଣକୃଷ୍ଣ ବାବୁଙ୍କୁ *୧ ଦେଖିବାକୁ ୨୦ ତାରିଖ ଦିନ ୫ ଘଣ୍ଟା ସମୟରେ ଆପଣଙ୍କର ହଷ୍ଟେଲକୁ ଯାଇଥିଲି। ନ ପାଇ ଫେରି ଆସିଲି। ଏ କଥା ବୋଧହୁଏ ଶ୍ୟାମବାବୁ *୨ ଆପଣମାନଙ୍କୁ କହିଥିବେ। ଦେଖାରୁ କ'ଣ ବା ଅଛି? ଟିକିଏ ଉତ୍ସାହର ମନେ ଭରି-ଥିବେ। ସେତିକି ମୋ ପ୍ରତି ବହୁମୂଲ୍ୟ ରତ୍ନ।

କଲିକତା ଜୀବନ ମୋତେ ଆଉ ଇହଜନ୍ମରେ ମିଳିବ ନାହିଁ! ସେ ଜୀବନଟାରେ ଗୁରୁତ୍ୱ ସେଠାରେ ଜାଣି ପାରୁ ନ ଥିଲି। ଏଠାରେ ବର୍ତ୍ତମାନ ଦେଖି ପାରୁଅଛି। ଅନୁଭବ କରି ପାରୁଅଛି କି ଅମୂଲ୍ୟ ଜୀବନ ଛାଡ଼ି ଆସିଲି। ଏଠାରେ ସବୁ ଶୀତଳତା, ସବୁ ପ୍ରାଣହୀନତା। ମୋତେ କଲିକତାର ଉତ୍ତେଜନା, କଲିକତାର କୋଳାହଳ ବଡ଼ ଭଲ ଲାଗୁଥିଲା। ତାହାରି ଭିତରେ ମୋର ସର୍ବକଳା ଟିକିକ ଫୁଟି ପାରୁଥିଲା। ହେଉ କ'ଣ କରାଯାଏ! ଏଣିକି ତ ଏହିପରି ବନ୍ଧୁହୀନ, ଦୀନ, ସଂକୀର୍ଣ୍ଣ ଜୀବନ ସାର ହେବ! ସେ ଜୀବନଟି କେବଳ ମୋର ଚିରକାଳ ଜପମାଳା ହୋଇ ରହିବ। ପୂର୍ବରୁ କୃପାସିନ୍ଧୁଙ୍କ *୩ ସଙ୍ଗେ ଏ ବିଷୟରେ କଥାବାର୍ତ୍ତା ହୋଇଥିଲା। ତାଙ୍କୁ ଆଉ ସବୁ ପଚାରିବେ। ଏ ବିଷୟରେ ଆଉ ଯାହା ଯାହା ହେବ ମୋତେ ଲେଖିବେ।

---

୧ * ଉତ୍କଳ ବିଶ୍ୱବିଦ୍ୟାଳୟର ଏବର କୁଳପତି ଡକ୍ଟର ପରିଜା

୨ * ଉତ୍କଳର ପୂର୍ବତନ ଡି: ପି: ଆଇ ଶ୍ୟାମଚନ୍ଦ୍ର ତ୍ରିପାଠୀ

୩ * ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର

କାଲି ଗଜେନ୍ଦ୍ର ବାବୁଙ୍କ * ପତ୍ରରୁ ଶୁଣି ଖୁସୀ ହେଲି Orissa Union ପୁଣି ଜାଗି ଉଠିଛି । ସେଥିରେ କେତେ କଥା ମନେ ପଡ଼ିଲା । ଗଜେନ୍ଦ୍ର ବାବୁଙ୍କ ପରି ଯୋଗ୍ୟଙ୍କୁ ସମ୍ପାଦକ ପଦରେ ଓ ଆପଣଙ୍କ ପରି ଶୁଭକଙ୍କୁ ସହକାରୀ ସମ୍ପାଦକ ପଦରେ ପାଇ 'ଇଉନିୟନ' ପୂର୍ବାପେକ୍ଷା ଅଧିକତର ଗୌରବର ସହିତ ପରିଚାଳିତ ହେବ ବୋଲି ଆଶା କରେଁ ।

ଗଜେନ୍ଦ୍ର ବାବୁଙ୍କ ପତ୍ରର ଜବାବ ଆପଣଙ୍କ ପତ୍ର ସହିତ ପଠାଇଲି । ତାଙ୍କୁ Hardinge Hostel ରେ ଦେଇ ଦେବେ । ପରେ ଆଉ ସବୁ । ଆପଣଙ୍କ ସମ୍ବାଦ ମୋତେ ଲେଖି ମୋର ଏ ନିର୍ଜନତା ମଧ୍ୟେ ୨ ଭାଙ୍ଗିବାକୁ ଚେଷ୍ଟା କରୁଥିବେ । ଇତି

ଆପଣଙ୍କର

ଚଦ୍

---

* ଗଜେନ୍ଦ୍ର ବାବୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଉଣୀ ଜ୍ୱାଇଁ । ସେ ପାଟନା ହାଇକୋର୍ଟର ଏଡ୍‌ଭୋକେଟ୍ ।



**କବି ଶ୍ରୀ ବ୍ରଜମୋହନ ପଣ୍ଡା**

"……ସମ୍ବଲପୁରର ଜଳନ୍ତ କଳେଷ୍ଟ ଆପଣ ଯେଉଁ ମହତ୍ତ୍ୱ ଆଶା ପ୍ରକାଶ କରିଅଛନ୍ତି, ତାହାକୁ ଆଶା ନ ବୋଲି ଭରସା ବୋଲିଯାଇପାରେ । ସମୟରେ ଆପଣ ସେ ବିଷୟରେ ସମ୍ବଲପୁରର ଅଗ୍ରଣୀ ହେବେ ବୋଲି ମୋର ଭରସା ହେଉଅଛି ଏବଂ ଈଶ୍ୱରଙ୍କରେଁ ସେ ଈଶ୍ୱର ଯେଉଁ କାର୍ଯ୍ୟ ସାଧନ ନିମନ୍ତେ ଆପଣଙ୍କର ଆବିର୍ଭାବ କରାଇଛନ୍ତି । ଯାହାଙ୍କର ଆଶା ଏତେ ଦୂର, ତାହାଙ୍କୁ ମହାପୁରୁଷ ନ ବୋଲି ଆଉ କ'ଣ କୁହାଯିବ ?

× × × ମୁଁ ଆପଣଙ୍କୁ ପାଇ ମୋର ଭବିଷ୍ୟତ ଆଲୋକମୟ ଦେଖୁଅଛି । ମୋର ହୃଦୟରୁ ନୈରାଶ୍ୟ ତିମିର ଦୂର ହୋଇଅଛି……"—

ଗଙ୍ଗାଧର ମେହେର [ ଗଃ ପତ୍ରାବଳୀ ]

( ୨ )

ଶ୍ରୀ ହରି

ପାଞ୍ଚଗାଁ
ପୋ: ଭୁବନେଶ୍ୱର
( ପୁରୀ ଜିଲ୍ଲା )
୨୨ । ୯ । ୧୫

ପ୍ରିୟ ବ୍ରଜମୋହନ ବାବୁ,

ପୂର୍ବର ସ୍ନେହ ଏବେ କଅଣ ତୁଟି ଗଲା କି ? କାହିଁ ଆପଣ ତ କେବେ ଦେଖିଲେ ନିଜେ ଗୋଟେ ପତ୍ର ଲେଖିଏ ଦେଉନ୍ତୁ ନାହିଁ । ଆପଣ ଶିକ୍ଷା ସାହିତ୍ୟର କେନ୍ଦ୍ର ଭୂମିରେ ଅଛନ୍ତି—କେତେ କେତେ ନୂଆ ନୂଆ ଖବର ପାଉଥିବେ । ତା ଛଡ଼ା ଆପଣମାନଙ୍କ ମନରେ ଯେଉଁ ଯେଉଁ ନୂଆ ନୂଆ ଚିନ୍ତା ଦେଉଥିବ, ମୋତେ କେବେ କେବେ ସେଥି ସଙ୍ଗେ ପରିଚିତ କରାଉଥିବେ ।

ଆଠ ଦଶ ଦିନ ହେଲାଣି ମୋତେ ଜ୍ୱର- ଯନ୍ତ୍ରଣାରେ ପଡ଼ି ରହିଛି । ଏପର୍ଯ୍ୟନ୍ତ ମଧ୍ୟ ଭଲ ହୋଇ ନାହିଁ । ରୋଗ ଶଯ୍ୟାରେ ପଡ଼ି ଏ ଚିଠି ଖଣ୍ଡିକ ଲେଖିଲି — ଅକ୍ଷରରୁ ଜାଣି ପାରିବେ ।

'ରାଧାନାଥ ଗ୍ରନ୍ଥାବଳୀ' ଆପଣ ପ୍ରକାଶ କରିବାକୁ ଯାଉଛନ୍ତି । ଦେଶ-ଉପାଦେୟ ପୁସ୍ତକ ଖଣ୍ଡିଏ ହେବ । ଯେତେ ଅଧିକ ସଂଖ୍ୟକ ଜନ ସଦନ ନିଆଇପାରେ ତାହାର ଚେଷ୍ଟା କରନ୍ତୁ । ମୋର ଗୋଟିଏ କଥା 'ସାହିତ୍ୟ'ରେ ଆପଣଙ୍କ ଲେଖା ପଢ଼ିବା ବେଳେ ମନେ ପଡ଼ୁଥିଲା । ବଙ୍ଗଳାର ଅଖିଳଚନ୍ଦ୍ର ପାଲିତଙ୍କ ପାଖରେ ଅନେକ ଗୁଣ ଏ ଛନ୍ଦ ଅଛି । ସେ ଏ କଥା ଥରେ 'ସାହିତ୍ୟ'ରେ ଲେଖିଥିଲେ । ନାନା କାରଣରୁ ମୁଁ ଜାଣେ, ଏହି ପଦଗୁଡ଼ିକ ଆପଣ ଶିକ୍ଷାକୁ ପାଇବା ପଦ୍ୟଗୁଡ଼ିକଠାରୁ ଢେର ଅଧିକ ମୂଲ୍ୟବାନ ଓ ଶିକ୍ଷାପ୍ରଦ । ବିଶ୍ୱନାଥ ବାବୁରଙ୍କ ଅଖିଳ ବାବୁ * ପରମ ବନ୍ଧୁ । ଏହି

* ଅଖିଳ ବାବୁ କଲିକତାରେ ଆଇନ ପଢ଼ୁଥିଲେ । 'ନୂଆ' ସାହିତ୍ୟରେ ତାଙ୍କର ଲେଖା ପ୍ରବନ୍ଧ ଥିଲା ।

ତାଙ୍କୁ ଲେଖିଲେ ପତ୍ର ଗୁଡ଼ିକ ମିଳି ପାରନ୍ତା ବୋଲି ମୋର ଆଶା । ୭ ମଧ୍ୟ ବୁଢ଼ି ଘରେ ମଧ୍ୟ ଅନେକ ପତ୍ର ଥିବାର କଥା । ବିଶ୍ୱନାଥ ବାବୁ ତାହା ମଧ୍ୟ ଲୁଟି ପାରନ୍ତି । ତେବେ ଯାହା ହେଉ ବିଶ୍ୱନାଥବାବୁଙ୍କୁ କହି ବା ଅନ୍ୟ ଯେ କୌଣସି ଉପାୟରେ ଅଖିଳ ବାବୁଙ୍କର ପତ୍ରଗୁଡ଼ିକ ପାଇବାକୁ ଚେଷ୍ଟା କରନ୍ତୁ । ସେଗୁଡ଼ିକ ବଡ଼ ମୂଲ୍ୟବାନ — ଏହା ନିଶ୍ଚିତ କଥା । କେବଳ ଏହି କଥା ଜଣାଇବାକୁ ରୋଗ ଶଯ୍ୟାରୁ ବଡ଼ କଷ୍ଟରେ ଏ ପତ୍ର ଖଣ୍ଡିକ ଲେଖିଲି ।

* ଦୋରା ଭାଉଜ ଆପଣଙ୍କର ବନ୍ଧୁମାନଙ୍କୁ ମୋର ସ୍ନେହ ସମ୍ଭାଷଣ । ଆଉ କିଛି ବର୍ତ୍ତମାନ ଲେଖି ପାରୁ ନାହିଁ । ଆଜି ଏତିକି । କେବଳ ପୂର୍ବ ସ୍ନେହ ମନେ କରି ଚିଠି ଦେଉଥିବେ ।

ଅକ୍ଷର ଗୁଡ଼ିକ ବଡ଼ ଖରାପ ହେଲା — କ୍ଷମା କରିବେ । ଇତି

ଆପଣଙ୍କର
ସ୍ନେହର
ପଦ୍ମ

---

* ଗଙ୍ଗାଧର ଦୋରା — ବ୍ରଜମୋହନଙ୍କର ଘନିଷ୍ଠ ବନ୍ଧୁ ଥିଲେ । ବଲାଙ୍ଗୀର ଜିଲ୍ଲାର ଲୁଇସିଂହାରେ ତାଙ୍କର ଘର ଥିଲା । ତାଙ୍କ ପିତା ସେଠାରେ ଦେୱାନ ଥିଲେ ।

## ଆଲୋଚନା

କବି ପଦ୍ମଚରଣ ପଟ୍ଟନାୟକ ଉତ୍କଳର ଜାତୀୟ କବି । 'ଧଉଳି ପାହାଡ଼', 'ଖୋର୍ଦ୍ଧା ପ୍ରଥମ ଦର୍ଶନେ' ପ୍ରଭୃତି କବିତାର କବିଙ୍କୁ ନ ଜାଣେ ଏପରି ଶିକ୍ଷିତ ଓଡ଼ିଆ କାହାନ୍ତି । ପଦ୍ମଚରଣଙ୍କ କବିତାରେ ଦେଶାତ୍ମବୋଧ ଏକ ଉଲ୍ଲେଖଯୋଗ୍ୟ ଆକର୍ଷଣ । ଯେଉଁଠାରେ ସୁବିଧା ଓ ସୁଯୋଗ ପାଇଛନ୍ତି କବି ସେଠାରେ ଦେଶବାସୀଙ୍କୁ ଅତୀତ ଗୌରବର ଗାଥା ଶୁଣାଇ ଲୁପ୍ତ ଗୌରବର ପୁନରୁଦ୍ଧାର ଲକ୍ଷ୍ୟେ ଅଶେଷ ପ୍ରେରଣା ଦେଇ ଅଛନ୍ତି ।

ବ୍ରଜମୋହନ କଟକର ରେଭେନ୍ସା କଲେଜିଏଟ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ କଲେଜ ଛାତ୍ର ପଦ୍ମଚରଣଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ପୁଣି ସେ ଯେତେବେଳେ ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କରୁଥିଲେ, ସେତେବେଳେ ସେହି କଲିକତାରେ ପଦ୍ମଚରଣ ବି. ଏଲ୍. ପଢୁଥିଲେ । କଟକର ପରିଚୟ କଲିକତାରେ ଘନିଷ୍ଠତାରେ ପରିଣତ ହେଲା ।

ଯେଉଁ ସମୟର କଥା ଏଠାରେ ବର୍ଣ୍ଣିତ ହେଉଅଛି, ସେ ସମୟରେ କଲିକତାରେ ଅଧ୍ୟୟନ କରୁଥିବା ଓଡ଼ିଆ ଛାତ୍ରମାନଙ୍କୁ ବଙ୍ଗାଳୀମାନେ ବଡ଼ ତାଚ୍ଛଲ୍ୟ ଦୃଷ୍ଟିରେ ଦେଖୁଥିଲେ । ଉତ୍କଳର ଛାତ୍ରମାନେ ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ଲକ୍ଷ୍ୟେ ତେଣୁ ସଙ୍ଘବଦ୍ଧ ହୋଇ "କଲିକତା ଉତ୍କଳ ସାହିତ୍ୟ ସମାଜ" ଗଠନ କରିଥିଲେ । ଏ ସମ୍ପର୍କରେ ବ୍ରଜମୋହନ ବାବୁ ଲେଖିଛନ୍ତି "ଏହି ସମାଜର ସେକ୍ରେଟେରୀ ହିସାବରେ ମୋତେ ଅନେକ ବର୍ଷ କାର୍ଯ୍ୟ କରିବାକୁ ପଡ଼ିଥିଲା । ଏହି ସମୟରେ ଦେଶର ବିଶେଷ ପରିବର୍ତ୍ତନ ଘଟିଥିଲା । ୧୯୧୧ ସାଲରେ ବିହାର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଉତ୍କଳର ପ୍ରାତଃ ସ୍ମରଣୀୟ ସ୍ୱନାମଧନ୍ୟ ମହାପୁରୁଷ ୰ ମଧୁସୂଦନ ଦାସ, ନବଗଠିତ ପ୍ରଦେଶର ମନ୍ତ୍ରୀ ହେଲେ । ସେ ସମୟରେ ଉତ୍କଳ ପକ୍ଷରେ ତାହା ଅତୀବ ଗୌରବର ବିଷୟ ହୋଇଥିଲା । କଲିକତାରେ ଉତ୍କଳ ଛାତ୍ର ସମାଜ ପକ୍ଷରୁ Mr. Das ଙ୍କୁ ଏକ ସମ୍ବର୍ଦ୍ଧନା କରା ଯାଇଥିଲା । ସେ ସମୟରେ

Sarsaparilla ପ୍ରସ୍ତୁତ W. Major & Co. ର ମାଲିକ ଉତ୍କଳର କୃତୀ ସନ୍ତାନ ଞ୍ଚନ୍ଦ୍ରଲୋଚନ ମହାନ୍ତି କଲିକତାରେ ରହୁଥିଲେ । ତାଙ୍କର ପ୍ରରୋଚନା ଓ ବ୍ୟୟରେ ସମ୍ବର୍ଦ୍ଧନାର ଯୋଗାଡ଼ କରା ଯାଇଥିଲା । କଲିକତା ହାଇକୋର୍ଟର ବିଚାରପତି Hassan Immam ଙ୍କ ( ଏ ମହାଶୟ ବେହାର ଲୋକ ) ସଭାପତିତ୍ୱରେ ( University Institute ) ରେ ମହା ସମାରୋହରେ Mr. Das ଙ୍କୁ ସମ୍ବର୍ଦ୍ଧନା କରା ଯାଇଥିଲା । ତଥା ୧୯୧୧ରେ ହେମଚନ୍ଦ୍ର ତ୍ରିପାଠୀ ପ୍ରଥମ ହୋଇ ଓଡ଼ିଆ ଛାତ୍ର ରୂପେ ବିଲାତକୁ ବାରିଷ୍ଟର ହ ଯିବାବେଳେ, ୧୯୧୪ ରେ ଓଡ଼ିଶାର ଭୂତପୂର୍ବ D P.I. ସ୍ୱର୍ଗୀୟ ଶ୍ୟାମଚନ୍ଦ୍ର ତ୍ରିପାଠୀ ଓ ୧୯୧୪ ରେ ଡଃ ପ୍ରାଣକୃଷ୍ଣ ପରିଜା ( ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ଚାନସେଲର ) ବିଲାତକୁ ଯିବା ବେଳେ ଛାତ୍ର-ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦେବା ଭାର ମୋର ଉପରେ ନିର୍ଭର ଥିଲା ।"

( ମୁଖବନ୍ଧ—ଯୌବନ ଗାଥା )

ଦେବଦତ୍ତଙ୍କ ପ୍ରଥମ ପତ୍ରରୁ ବ୍ରଜମୋହନଙ୍କ ସହିତ ତାଙ୍କର ଘନିଷ୍ଠତାର ପରିଚୟ ମିଳେ ନାହିଁ । କଲିକତାରୁ ମାଦ୍ରାସ ନେବା ପୂର୍ବରୁ ବ୍ରଜମୋହନ ବାବୁ ଓ ପ୍ରାଣକୃଷ୍ଣ ପରିଜାଙ୍କ ସହିତ ସାକ୍ଷାତ କରିବାକୁ ଦେବଦତ୍ତଙ୍କ ତାଙ୍କ ଛାତ୍ରାବାସକୁ ଯାଇଥିବା କଥା ପତ୍ରରେ ଉଲ୍ଲେଖ ଅଛି । ସେହି ଶ୍ୟାମବାବୁଙ୍କ କଥା ଦେବଦତ୍ତ ଲେଖିଛନ୍ତି ସେ ଉତ୍କଳର କୃତୀ ସନ୍ତାନ ଶ୍ୟାମଚନ୍ଦ୍ର ତ୍ରିପାଠୀ । ସେ ଅତି ମେଧାବୀ ଥିଲେ । ପରୀକ୍ଷାରେ କଲେଜର ସମସ୍ତ ଛାତ୍ରମାନଙ୍କ ଅପେକ୍ଷା ସର୍ବୋଚ୍ଚ ସ୍ଥାନ ଅଧିକାର କରି ପ୍ରେସିଡେନ୍‌ସି କଲେଜରେ ଓଡ଼ିଆ ଛାତ୍ରର ଗୌରବ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଓଡ଼ିଆ ପ୍ରତି ବଙ୍ଗାଳୀମାନଙ୍କର ତାଚ୍ଛଲ୍ୟକୁ ଧ୍ୱଂସ କରି ପାରିଥିଲେ ।

ବ୍ରଜମୋହନଙ୍କୁ ଦେବଦତ୍ତ କେତେ ଭଲ ପାଉଥିଲେ ତାହା ତାଙ୍କ ପତ୍ରର କେତୋଟି ଧାଡ଼ିରୁ ସୁସ୍ପଷ୍ଟ ରୂପେ ଜଣା ପଡ଼େ... "ଏଥିକି ତ ଏହାପରେ ବନ୍ଧୁହୀନ, ପ୍ରୀତ, ସଙ୍କୀର୍ଣ୍ଣ ଜୀବନ ସାର ହେବ । ସେ ଜୀବନଟି କିନ୍ତୁ ମୋର ଚିରକାଳ ଜପମାଳା ହୋଇ ରହିଥିବ ।"

କଲିକତାରୁ ପଦ୍ମଚରଣ ଗ୍ରାମକୁ ଆସିଥିଲେ ସତ୍ୟ କିନ୍ତୁ ତାଙ୍କ ମନରେ କଲିକତାର ସ୍ମୃତି ଚିର ଦେଦୀପ୍ୟମାନ ଥିଲା । କଲିକତାରେ 'ଉତ୍କଳ ଯୁବ ସମାଜ' କିପରି ସୁଦୃଢ ହେବ, ତାହାହିଁ ଥିଲା ତାଙ୍କର ପ୍ରଧାନ ଚିନ୍ତା । ପ୍ରବାସରୁ ସେ ଫେରି ଆସିଲେ କିନ୍ତୁ ପ୍ରବାସୀ ଉତ୍କଳୀୟମାନଙ୍କୁ ସେ ଭୁଲି ପାରି ନ ଥିଲେ ।

ପଦ୍ମଚରଣଙ୍କ ଦ୍ୱିତୀୟ ପତ୍ରରେ 'ରାଧାନାଥଙ୍କ ପତ୍ରାବଳୀ'ର କଥା ଉଲ୍ଲେଖ ଅଛି । କବି ରାଧାନାଥ କବି ଗଙ୍ଗାଧରଙ୍କୁ ଉତ୍ସାହିତ କରି ଏବଂ ମେହେର କବିଙ୍କ ସାଧନା-ପୁତ ଜୀବନକୁ ଉଚ୍ଚ ପ୍ରଶଂସା କରି ବହୁ ପତ୍ର ଲେଖିଥିଲେ । ଉକ୍ତ ପତ୍ରାବଳୀରେ ଗଙ୍ଗାଧରଙ୍କ ବିଭିନ୍ନ କାବ୍ୟ କବିତା ସମ୍ପର୍କରେ ରାଧାନାଥଙ୍କ ମନ୍ତବ୍ୟ ତଥା ତତ୍କାଳୀନ ଉତ୍କଳର ସାଂସ୍କୃତିକ ଜୀବନର ବହୁ ଉଲ୍ଲେଖଯୋଗ୍ୟ ଦିଗ ରୂପାୟିତ ହୋଇଥିବାରୁ ସେ ସବୁ ପ୍ରକାଶ କଲେ ମେହେର ସାହିତ୍ୟ ପ୍ରଚାର ନିମିତ୍ତ ଅଧିକତର ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ବ୍ରଜମୋହନ ଅନୁଭବ କରିଥିଲେ । ତାଙ୍କ ମନର କାମନା କବି ଗଙ୍ଗାଧରଙ୍କ ନିକଟରେ ପ୍ରକାଶ କରିବାରୁ ଗଙ୍ଗାଧର ତାଙ୍କୁ ଲେଖିଥିଲେ······"ରାଧାନାଥ ପତ୍ରାବଳୀ ପତ୍ର ମାହାତ୍ମ୍ୟରେ ପ୍ରକାଶିତ ହେବାର ଉପଯୁକ୍ତ ବିବେଚିତ ହୁଏ, ତେବେ ତାହା ପ୍ରକାଶିତ ହେଲେ ମୋର ଗୌରବ ବୃଦ୍ଧି ହୋଇପାରେ । ଯଦି ବିଶ୍ୱନାଥ ବାବୁ ସମ୍ମତ ହୁଅନ୍ତି ଏବଂ ସମ୍ବଲପୁରର ଶ୍ରୀ ନନ୍ଦକିଶୋର ବଳ *, ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ମହୋଦୟ ମାନଙ୍କର ଅଭିମତ ହୁଏ, ଅନ୍ୟଥା ତାହା ସାଧାରଣରେ ପ୍ରକାଶ କରିବାକୁ ମୁଁ ସଙ୍କୁଚିତ ଅଛି ।"

( ଗଙ୍ଗାଧର ପତ୍ରାବଳୀ – ପୃ: ୬୭ )

ପତ୍ରାବଳୀ ବହୁଦିନ ଯାଏଁ ଅପ୍ରକାଶିତ ହୋଇ ରହିଥିଲା । ଏବେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ସେହି ପତ୍ରାବଳୀର ସଙ୍କଳନ ଓ ସମ୍ପାଦନା କରି 'କବି ଲିପି' ନାମରେ ପ୍ରକାଶ କରିଛନ୍ତି ।

---

* ପଲ୍ଲୀ କବି ନନ୍ଦକିଶୋର ବଳ ସେ ସମୟରେ ସମ୍ବଲପୁର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ।

ରାଧାନାଥ ଜୀବନ୍ତ ସମୟରେ ଉତ୍କଳର ବିଶିଷ୍ଟ ବ୍ୟକ୍ତିମାନଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ ସେ ସବୁ ସଂଗୃହୀତ ହୋଇ ପ୍ରକାଶ ପାଉ — ଏହାହିଁ ଥିଲା ପଦ୍ମଚରଣଙ୍କ କାମନା । ତେଣୁ କେଉଁ କେଉଁ ବ୍ୟକ୍ତିଙ୍କ ନିକଟରେ ସେ ସବୁ ମିଳି ପାରିବ ତାର ସୂଚନା ସେ ବିଜ୍ଞପ୍ତି ପତ୍ରରେ ଦେଇଛନ୍ତି । ବ୍ରଜମୋହନ ପଦ୍ମଚରଣଙ୍କ ଅନୁରୋଧ ଅନୁଯାୟୀ ଏହି ମହତ୍ କାର୍ଯ୍ୟ ସମ୍ପାଦନ ନିମିତ୍ତ ପ୍ରୟାସ କରିଥିଲେ କିନ୍ତୁ ପ୍ରତିକୂଳ ବାତାବରଣ ଭିତରେ ତାହା ସମ୍ଭବପର ନ ହେବାରୁ ସେ ମର୍ମାହତ ହୋଇଥିଲେ ।

## ‘ଉତ୍କଳ ସାହିତ୍ୟ’ର ସମ୍ପାଦକ ବିଶ୍ୱନାଥ କରଙ୍କ ଲେଖନୀରୁ…

( ୧ )

The Utkal Sahitya Office
P. O. Chandnichauk,
Cuttack
The 3rd October 1912

ପ୍ରିୟ ବ୍ରଜମୋହନ,

ତୁମ୍ଭର ପତ୍ର ଖଣ୍ଡିକ ପାଇ ଖୁସି ହୋଇଅଛି । ତୁମ୍ଭେ ସାହିତ୍ୟ ଟିକଏ ଆଗରୁ ପାଇଥିଲ । ସାଧାରଣ ସଂସ୍କରଣଟିକ ପଠାଇବାକୁ ଅନ୍ତତଃ ଆଠଦିନ ବିଳମ୍ବ ହୋଇଥିଲା । କାଗଜ ପ୍ରସ୍ତୁତ ହୋଇ ମଧ୍ୟ ଟିକଟ ଅଭାବରୁ ପଠା ଯାଇ ପାରି ନ ଥିଲା । ଯାହା ହେଉ ଛୁଟି ପୂର୍ବରୁ ଯେ ସବୁ କାଗଜ ଗୁଡିକ ପଠାଇ ଦେଇ ପାରିଅଛି, ଏତିକି ମୋର ଆନନ୍ଦ । ନଭେମ୍ବର ୧୦।୧୨ ତାରିଖ ବେଳକୁ କାର୍ତ୍ତିକ ମାସର କାଗଜ ବାହାରିବ । ତାହାହେଲେ ଆଉ ତାହାର ପାଇବାରେ ଅସୁବିଧା ହେବ ନାହିଁ ।

*ନର୍ମଦାର ବୃତ୍ତି ହେବାରୁ ମୁଁ ଅନ୍ତତଃ କେତେକ ପରିମାଣରେ ନିଶ୍ଚିନ୍ତ ହେଲି । ପ୍ରତି ମାସରେ ଟ ୨୫୲ ପଠାଇବାକୁ ହେଉଅଛି । ତାହିଁ ଉପରେ ଆରମ୍ଭରେ କେତେ ଗୁଡ଼ାଏ ଅତିରିକ୍ତ ବ୍ୟୟ ହୋଇଥିଲା । ଏପର୍ଯ୍ୟନ୍ତ ସମସ୍ତ ପୁସ୍ତକ କିଣା ହୋଇ ନାହିଁ । ଆହୁରି ଟ ୫ ପର୍ଯ୍ୟନ୍ତ

---

* ନର୍ମଦା — ୰ ବିଶ୍ୱନାଥ କରଙ୍କ ଜ୍ୟେଷ୍ଠା କନ୍ୟା । ବ୍ରଜମୋହନ ବାବୁ କଲିକତାରେ ଥିବା ବେଳେ ନର୍ମଦା ବେଥୁନ୍ କଲେଜରେ ଅଧ୍ୟୟନ କରୁଥିଲେ ।

ଲାଗିବ । ଯାହା ହେଉ ଟ୨୦୦ ଉପରେ ମାସିକ ଯାହା ଲାଗିବ ଏବଂ ପୁସ୍ତକାଦି ବ୍ୟୟ କଷ୍ଟେ ସୃଷ୍ଟେ ଚଳାଇବାକୁ ହେବ । ଏତିକି ଯେ ହେଲା ଭାଗ୍ୟ । ଦୁଃସାହସ ତ କରି ପାରିଥିଲି ।

ନାନା କାରଣରୁ ମାନସିକ ଅବସ୍ଥା ଆଦୌ ଭଲ ନାହିଁ । କେବଳ କର୍ତ୍ତବ୍ୟ ଭାବରେ ଟାଣି ଓଟାରି କେତେକ କାର୍ଯ୍ୟ କରି ଯାଉଅଛୁ ମାତ୍ର । ଈଶ୍ୱରଙ୍କ ଯେପରି ଇଚ୍ଛା । ଆଶା କରେ, ତୁମ୍ଭର ଏବଂ କଲିକତା ପ୍ରବାସୀ ଅପରାପର ଉତ୍କଳୀୟ ଭ୍ରାତୃବୃନ୍ଦଙ୍କର ସମସ୍ତ ମଙ୍ଗଳ । ଇତି

ତୁମ୍ଭର
ବିଶ୍ୱନାଥ

( ୨ )

The Utkal Sahitya Office
P O. Chandnichauk, Cuttack

The 7th August 1913.

ପ୍ରିୟ ବ୍ରଜମୋହନ,

ତୁମ୍ଭର ପତ୍ର ଖଣ୍ଡିକ ଯଥା ସମୟରେ ପାଇଅଛି । ବଡ଼ ବ୍ୟସ୍ତତା ଯୋଗୁଁ ଉତ୍ତର ଦେଇ ପାରି ନାହିଁ ।

ସାହିତ୍ୟ କାର୍ଯ୍ୟ ଶେଷ ହେବା ବେଳକୁ ଗୋପାଳବାବୁଙ୍କ* 'ହାଲଚାଲ' ଆସି ପହଞ୍ଚିଲା ଏବଂ ଏହି ସଂଖ୍ୟାରେ ଦେବା ପାଇଁ ସେ ଟିକିଏ ଜିଦ୍ କଲେ; ସୁତରାଂ ବାଧ୍ୟ ହୋଇ ଆଉ ଗୋଟିଏ ପ୍ରବନ୍ଧ ଦେଇ ଦୁଇ ସଂଖ୍ୟା ଏକାଠି ବାହାର କରିବାକୁ ହେଲା । କାର୍ଯ୍ୟ ଶେଷ ହୋଇ ଗଲାଣି । କେବଳ ବନ୍ଧାବନ୍ଧା ହୋଇ ଯିବାକୁ ଆଉ ୨।୩ ଦିନ ଲାଗିବ ।

ରାଜା ପ୍ରାର୍ଥନାରେ ନୂତନ କାହାଠାକୁ ପଠାଇବାକୁ ଆଉ ପ୍ରବୃତ୍ତି ନାହିଁ । ଏତେ ଅନାସ୍ଥା ଓ ଉପେକ୍ଷା ସହ୍ୟ ହେବ ନାହିଁ । ତେବେ ପୁରୁଣା କେତେକଣଙ୍କ ଠାକୁ ଭି ପି: କରି ଦେଇଅଛି । ରଖିଲେ ଭଲ ନ ରଖିଲେ ଭଲ । ପଦ୍ମଚରଣଙ୍କ ପତ୍ର ଓ କେତୋଟି କବିତା ପାଇଥିଲି । ତାଙ୍କର ତିନୋଟି କବିତା ଏଥର ଯାଉଅଛି । ମୁଁ ତାଙ୍କୁ ତୁମ୍ଭ କମ୍ପଦର୍ଶୀ କଥା ଆଜ ଲେଖିଲି । ତୁମ୍ଭେ ଲେଖିଥିଲ କି ? କି ଉତ୍ତର ଦେଲେ ?

ସାହିତ୍ୟ ପ୍ରସ୍ତାବ ସମ୍ବନ୍ଧରେ ଯାହା ଲେଖିଅଛ ତାହା ମନ୍ଦ ନୁହେଁ । ମୋ ଦ୍ୱାରା ଯେତେ ଦୂର ହେବ, କରିବାକୁ ସର୍ବଦା ପ୍ରସ୍ତୁତ ଅଛି ଜାଣିବ; କିନ୍ତୁ ତତ୍ପୂର୍ବରୁ ଭଲ ଭାବରେ ଭାବି ଗୋଟିଏ ସୁନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରଣାଳୀ ସ୍ଥିର କରିବା ଉଚିତ ।

ମୁଁ ସପରିବାର ଏକ ପ୍ରକାର କୁଶଳରେ ଅଛି । ଆଶାକରେଁ ତୁମ୍ଭର ସମସ୍ତ କୁଶଳ । ଇତି

ତୁମ୍ଭର
ବିଶ୍ୱନାଥ

---

* ଉତ୍କଳର ସୁନାମଧନ୍ୟ ଲେଖକ ଗୋପାଳଚନ୍ଦ୍ର ପ୍ରହରାଜ । ସେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଣେତା ରୂପେ ଅକ୍ଷୟ ଯଶ ଅର୍ଜ୍ଜନ କରିଅଛନ୍ତି ।

( ୩ )

The Utkal Sahitya Offic:
P. O. Chandnichauk, Cuttack
The 10th September 1913.

ପ୍ରିୟ ବ୍ରଜମୋହନ,

ତୁମ୍ଭର ପତ୍ର ଓ କବିତା ଦ୍ୱୟ ପାଇ ଖୁସି ହେଲି । ଏଥର ସାହିତ୍ୟ ପ୍ରାୟ ଶେଷ ହୋଇ ଯାଇଅଛି । କେବଳ ଶେଷ ଫର୍ମା ଛପା ହୋଇ ବାହାରିବାକୁ ୩।୪ ଦିନ ଲାଗିବ । ସାମ୍ପୁ, ରତ୍ନାବଳୀ, ଚାଇମାହାତ୍ମ୍ୟ ପାଞ୍ଜି ଏ ତିନିଖଣ୍ଡ ଏକାବେଳକେ ବାହାର କରିବାକୁ ପଡ଼ିବାରୁ ବିଳମ୍ବ ଘଟିଲା । ଏଥି ପାଇଁ ପଛେ ସବୁ ସଂଖ୍ୟା ବାହାର କରି ଦେବାକୁ ଯତ୍ନ କରୁଅଛି ।

ତୁମ୍ଭର କବିତା ଦ୍ୱୟ ସୁନ୍ଦର ହୋଇଅଛି । ଆଗାମୀ ସଂଖ୍ୟାରେ ଅନ୍ତତଃ ଗୋଟିଏ ଦେବି ।

ଦେବଚରଣଙ୍କ ପାଇଁ ମୁଁ ଯେ କିପରି ମର୍ମାନ୍ତିକ ବେଦନା ଅନୁଭବ କରୁଅଛି ତାହା ଆଉ କିଅଣ ପ୍ରକାଶ କରିବି । କିଛିଦିନ ପୂର୍ବେ ତାଙ୍କଠାରୁ ଖୁବ୍ ଆଶା ଓ ଉତ୍ସାହପୂର୍ଣ୍ଣ ଖଣ୍ଡିଏ ପତ୍ର ପାଇ ଅତ୍ୟନ୍ତ ଉତ୍‌ଫୁଲ୍ଲ ହୋଇଥିଲି । ମାତ୍ର ଏ ଧକ୍‌କାଟା ତାଙ୍କୁ କିଛିଦିନ ଅବସନ୍ନ କରି ରଖିବ । ମୁଁ ତାଙ୍କଠାକୁ ଖଣ୍ଡିଏ ପତ୍ର ଲେଖି କିଛି ଉତ୍ତର ପାଇ ନାହିଁ ।

ତୁମ୍ଭର ପୂର୍ବ କବିତାଟି ଅନେକ ଦିନ ପୂର୍ବେ ଦେଖିଥିଲି । ଆଉ ଥରେ ଦେଖି ମତ ଜଣାଇବି । ବର୍ତ୍ତମାନ ଭାରି ବ୍ୟସ୍ତ ଅଛି ।

ଶୁଣି ଖୁସି ହେବ ପ୍ରତିଭାର* ସେଇ ବୃତ୍ତି ହୋଇଅଛି, ଯଥା ଲାଭ । ମୁଁ ସମ୍ଭବତଃ ୨୮।୨୯ ତାରିଖକୁ କଲିକତା ଯିବି । ତୁମ୍ଭେ ସେତେବେଳକୁ ଥିବ କି ?

ଆଶା କରେ ସମସ୍ତ କୁଶଳ । ଇତି

ତୁମ୍ଭର
ବିଶ୍ୱନାଥ

---

* ପ୍ରତିଭା— ୰ ବିଶ୍ୱନାଥ କରଙ୍କ ଦ୍ୱିତୀୟା କନ୍ୟା ।

( ୪ )

The Utkal Sahitya Office
P. O. Chandni chauk, Cuttack
The 11th December 1913

ପ୍ରିୟ ବ୍ରଜମୋହନ,

ଭ୍ରମରର ପଞ୍ଚ ଖଣ୍ଡ ଓ କବିତା ଦୁଇଟି ପାଇଅଛି । ଦୟାନିଧିଙ୍କ* ଠାରୁ ମଧ୍ୟ ଭ୍ରମର ଗୋଟିଏ କବିତା ପାଇଅଛି । ମୁଁ ଗତ ସପ୍ତାହରେ ଥରେ ବ୍ରହ୍ମପୁର ଯାଇଥିଲି । ସେଣୁ ଆସି କେତେ ଗୋଳମାଳରେ ପଡ଼ି ଯାଇଅଛି । କର୍ମଚାରୀ ଅସୁବିଧାରୁ ପ୍ରେସ କାର୍ଯ୍ୟରେ ନାନା ବିଶୃଙ୍ଖଳା ଘଟି-ଅଛି । ତେଣୁ ସାହିତ୍ୟ ଆରମ୍ଭ କରି ପାରି ନାହିଁ । ବଡ଼ଦିନ ଛୁଟିରେ ପୌଷ ବାହାରିବା ଆଶା ଦିଶୁ ନାହିଁ । ତଥାପି ଚେଷ୍ଟା କରୁଅଛି । ଯାହା ହେବ । ତେବେ ଜାନୁଆରୀ ପହିଲାରୁ ବଳିବ ନାହିଁ ।

ନାନା ଅସୁବିଧାରୁ ଭ୍ରମର କବିତା ଗୁଡ଼ିକ ଭଲ କରି ଦେଖି ପାରି ନାହିଁ । ଦେଖି ଏଥର ଯାହା ହେବ ଦେବି । ଅଭିମତ ଜଣାଇବି ।

ନୂତନ ବର୍ଷରୁ ଗଙ୍ଗାଧର ବାବୁଙ୍କ କାବ୍ୟ ରଚନା କରିବାରେ ଅବଶ୍ୟ କିଛି ଆପତ୍ତି ଥାଇ ପାରେ । ଆନନ୍ଦ ସହକାରେ ପ୍ରକାଶ କରିବି ।

ଦୟାନିଧି ଜଣେ ଉଦୀୟମାନ ଲେଖକ । ତାଙ୍କୁ ଉତ୍ସାହ ଦେବାରେ କେବେ ତ୍ରୁଟି କରିବି ନାହିଁ । ସାହିତ୍ୟର ପ୍ରବନ୍ଧ ସମ୍ପର୍କରେ ଯାହା ଲେଖିଅଛ ସେ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ ଗଳ୍ପଟିରେ 'ମାମୁଁ'ର ଛାୟା ପଡ଼ିଥିଲେ ହେଁ ଶ୍ରେଷ୍ଠ ଗଳ୍ପ ହିସାବରେ Plot ଟି ଅତି ସୁନ୍ଦର ହୋଇଛି । ଭଗଲୀର ଟଙ୍କା ଆଣିବା ତଥା ନନ୍ଦକିଶୋରଙ୍କ ଗଳ୍ପ ସଙ୍ଗେ ମିଳିଥିଲେ ସୁଦ୍ଧା ଉଦ୍ଦେଶ୍ୟ ମଧ୍ୟରେ ଜମିନ୍ ଆସମାନ ପ୍ରଭେଦ । 'ଗୁଆଳ' ଶବ୍ଦର ଅର୍ଥ ଗଉଡ଼ ନୁହେଁ । ଏ ଅଞ୍ଚଳର ମଫସଲ ମାନଙ୍କରେ କସେଇଙ୍କୁ 'ଗୁଆଳ' କହନ୍ତି । ସେହି ଅର୍ଥରେ କଥାଟି ଦିଆ ଯାଇଅଛି ।

---

* ସୁଲେଖକ ଦୟାନିଧି ମିଶ୍ର ।

* ମୃତ୍ୟୁଞ୍ଜୟଙ୍କ ସମାଲୋଚନାରେ ଅତିରଞ୍ଜିତ କିଛି ନାହିଁ । ବଜଙ୍କର ନାଟକ ଓ କାବ୍ୟ ମୁଁ ଶୁଣିଥିଲି ଖୁବ୍ ଭଲରୂପେ ଦେଖିଅଛି । ପ୍ରଶଂସାର କଥା ଯଥେଷ୍ଟ ଅଛି । ଦୋଷ ମଧ୍ୟରେ କଠିନ ଶବ୍ଦ ପ୍ରୟୋଗ । ତା ନ ହୋଇଥିଲେ ଅତି ଉପାଦେୟ ହୋଇଥାନ୍ତା । କାବ୍ୟ ଖଣ୍ଡିକ ଅବଶ୍ୟ ପୁରାତନ ଧରଣର ; Plot ଭଞ୍ଜ କାବ୍ୟର ଅନୁରୂପ । ସେ ସମ୍ବନ୍ଧରେ ମୃତ୍ୟୁଞ୍ଜୟ ଯାହା କହି ଅଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ପଦ୍ମମଳା ମହୀଗମନକୁ 'ମେଘନାଦ ବଧ' ସହିତ ତୁଳନା କରିବାର ହେତୁ ଏହି ଯେ, ଉଭୟର Plot ଏକ ପ୍ରକାର କହିଲେ ଚଳେ । ଏପରି ସ୍ଥଳେ ତୁଳନା ଅସଙ୍ଗତ ନୁହେଁ, ତେବେ ( ତୁଳନାରେ ସବୁ ସ୍ଥଳରେ ତାଙ୍କର ସହିତ ମୋର ମତର ମିଳନ ନାହିଁ । ସେ 'ମେଘନାଦ ବଧ'କୁ ଟିକିଏ lower କରିବାକୁ ଚେଷ୍ଟା କରିଅଛନ୍ତି । ତେବେ ତାହା ବ୍ୟକ୍ତିଗତ ମତ । ଶତ ସଂଖ୍ୟା 'ଆଶା'ରେ 'ସାହିତ୍ୟ'ର ଟିକିଏ ସମାଲୋଚନା ବାହାରି ଅଛି । ନିତାନ୍ତ Superficial ବୋଧ ହେଲା, ସେ ଯାହା କହିବେ କହନ୍ତୁ ।

ଅନ୍ୟାନ୍ୟ ସନ୍ଦର୍ଭ ଏକ ପ୍ରକାର ଭଲ । ଆଶା କରେ ତୁମ୍ଭେ ଭଲ ଅଛ । ଇତି ।

ତୁମ୍ଭର

ବିଶ୍ୱନାଥ

---

* ପ୍ରାବନ୍ଧିକ ମୃତ୍ୟୁଞ୍ଜୟ ରଥ । ଉଭୟ ଓଡ଼ିଆ ଓ ସଂସ୍କୃତ ସାହିତ୍ୟରେ ତାଙ୍କର ବିଶେଷ ଖ୍ୟାତି ଥିଲା ।

( ୪ )

The Utkal Sahitya Press,
P. O. Chandnichauk, Cuttack
The 28th January 1914

ପ୍ରିୟ ବ୍ରଜମୋହନ,

ତୁମ୍ଭ କାର୍ଡ଼ ଖଣ୍ଡି ପାଇଅଛି । 'ସାହିତ୍ୟ' ବାହାର କରି ଦେଇ ମୁଁ ଉତ୍ସବ କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥିଲି । ମୁହୂର୍ତ୍ତେ ଅବସର ନ ଥିଲା । ଉତ୍ସବ ଶେଷ ହୋଇଅଛି । ଆସନ୍ତା ଶନିବାର ଶ୍ରୀପଞ୍ଚମୀ ଦିନ ମଧୁବାବୁଙ୍କ ସମାଧି ପ୍ରତିଷ୍ଠା । ତହିଁର ଆୟୋଜନରେ ଟିକିଏ ବ୍ୟସ୍ତ ଅଛି । ସେତିକି ସରିଲେ ଗୁନ ସମାଜର ସାମ୍ବତ୍ସରିକ । କଲିକତାରୁ ହେରମ୍ବ ବାବୁ ଆସିବେ । ସେ କାର୍ଯ୍ୟ ନ ସରିବା ଯାଏ କଲିକତା ଯାଇ ପାରୁ ନାହିଁ । ସମ୍ଭବତଃ ୯।୧୦ ତାରିଖକୁ ଯାଇ ପାରିବ । ସେବାପତି ଓ ନନ୍ଦକିଶୋର ଉଭୟେ ଅସୁସ୍ଥ । ତେଣୁ ସେମାନଙ୍କର ରଚନା ନ ପାଇ ମୁଁ ମଧ୍ୟ ନିତାନ୍ତ ଦୁଃଖିତ । ଆଗାମୀ ଥରକୁ କ'ଣ ହେଉଛି କେଜାଣି ।

'ଆଶା'ରେ ସାହିତ୍ୟର ସମାଲୋଚନା ବାହାରୁ ଅଛି । ଲେଖାର ଧରଣଟା ବିଦ୍ରୂପାତ୍ମକ । ପୁଣି ଜଣେ ପତ୍ର ପ୍ରେରକ ମୋର 'ବିବିଧ ପ୍ରବନ୍ଧ' ସେନ ବେଶ୍ ଆକ୍ରମଣ ଆରମ୍ଭ କରି ଅଛନ୍ତି । ହେଉ ମୁଁ ଅଣୁମାତ୍ର ଦୁଃଖିତ ନୁହେଁ ।

ଏ ବର୍ଷ ସାହିତ୍ୟ ଯେତେ ଛପା ହେଉଥିଲା ପ୍ରାୟ ଶେଷ ହେଲାଣି । ତୁମ୍ଭ ବନ୍ଧୁଙ୍କ ପାଇଁ ଏକ ସେଟ୍ ପଠାଇବାକୁ ଚେଷ୍ଟା କରିବି । ୨।୩ ଦିନ ବିଳମ୍ବ ହେବ । ସେ ଟ ୨୲ ଦେବେ କି ଟ ୧୲ ଦେବେ କିଛି ଲେଖି ନାହିଁ । ଏ ବର୍ଷ 'ସାହିତ୍ୟ'ର ଆକାର ତ ସ୍ୱତଃ ବଢ଼ି ଯାଉଅଛି । ଆସନ୍ତା ବର୍ଷକୁ ୫ ଫର୍ମା ସ୍ଥିର ରଖିବାକୁ ହେବ । ତହିଁ ଉପରେ ଯାହା

ସେତେବେଳେ ପଢ଼ିବ । ଆଉ ମଝି ଭାଗଙ୍କ ଓ Cover ଟିକିଏ ଭଲ କରିବାକୁ ଇଚ୍ଛା ଅଛି, ମାତ୍ର ଏ ସବୁ କରିବାକୁ ଗଲେ ଆଉ ଗ୍ରାହକମାନଙ୍କୁ ଟ ୧୧ ମୂଲ୍ୟରେ ଦେବା ଅସମ୍ଭବ ହେବ । ତେଣୁ ଟ ୧୨ କରିଅଛୁ । ତୁମେ କ'ଣ କହ ? ବୋଧହୁଏ କାହାରି ବିଶେଷ ଆପତ୍ତି ହେବ ନାହିଁ । ଆଗାମୀ ସଂଖ୍ୟାରେ ସେହିପରି ବିଜ୍ଞାପନ ଦେବି । ଅନ୍ୟାନ୍ୟ ସମସ୍ତ ଏକ ପ୍ରକାର କୁଶଳ । ଆଶା କରେ ତୁମେ ସମ୍ପୂର୍ଣ୍ଣ କୁଶଳରେ ଅଛ ।

। ଇତି ।

ତୁମର

ବିଶ୍ୱନାଥ

( ୭ )

The Utkal Sahitya Press
P. O. Chandnichauk,
Cuttack

The 17th March 1914

ପ୍ରିୟ ବ୍ରଜମୋହନ,

ତୁମ୍ଭ ପତ୍ର ଓ କବିତାଟି ଯଥା ସମୟରେ ପାଇଥିଲି । ବଡ଼ ଗୋଳମାଳରେ ଉତ୍ତର ଦେଇ ପାରି ନାହିଁ । ସାହିତ୍ୟ କାମ ଚାଲିଅଛି । ପାଞ୍ଚ ଫର୍ମା ହେଲାଣି । ଏଥିର ମଧ୍ୟ ସାତ ଫର୍ମା ବା ତହିଁରୁ ବେଶି ହୋଇ ପଡ଼ିବ । ୨୫ ତାରିଖ ପୂର୍ବରୁ କୌଣସି ପ୍ରକାରେ ଶେଷ କରି ପଠାଇ ଦେବ । ଏଣେ ଫକୀରମୋହନ ବାବୁଙ୍କର 'ଅବସର ବାସରେ' ଅତି ଶୀଘ୍ର ଛପିବା ଦରକାର ପଡ଼ିବାରୁ ସେଥି ପାଇଁ ମଧ୍ୟ ଟିକିଏ ବ୍ୟସ୍ତ ହୋଇ ପଡ଼ି ଅଛି । ତହିଁ ଉପରେ ଛପା କଳଟି ମଝିରେ ମଝିରେ ବଡ଼ ଦଗା ଦେଉଅଛି । ହଠାତ୍ ଦୁଇ ତିନି ଦିନେ କାମ ବନ୍ଦ ହୋଇ ଯାଉଅଛି । ଏହିପରି ତ ବ୍ୟସ୍ତ । ଏହି କଳରେ ଆଉ ବେଶି ଦିନ କାମ ଚଳିବ ନାହିଁ । କାମ ବଢ଼ୁଅଛି । ମାତ୍ର ଟଙ୍କା ନାହିଁ ଯେ ନୂଆ କଳଟିଏ କିଣିବି ? କ'ଣ କରିବି କିଛି ବୁଝି ପାରୁ ନାହିଁ ।

ମୋର ଶୀଘ୍ର କଲିକତା ଯିବା କଥା ବୋଧହୁଏ ହେଉ ନାହିଁ । ନର୍ମଦା ଓ ପ୍ରଭାସ ଜଣେ ବନ୍ଧୁଙ୍କ ସଙ୍ଗେ କାଲି ଚାଲି ଆସିଲେ । ତେବେ ଚକଟୀର ବନ୍ଧ ବନ୍ଧାଇବା କଥା ଶୀଘ୍ର ଠିକ୍ ହୋଇଗଲେ ଏପ୍ରିଲ ପ୍ରଥମ ସପ୍ତାହରେ ଯାଇ ପାରେ, ନତୁବା ବିଳମ୍ବ ହେବ ।

ତୁମ୍ଭର ଏଥର କବିତାଟି ଦେଖିଲି । ରଚନା ଭଲ ହୋଇଛି । × ×
ଯାହା ହେଉ, ଏଥର ତୁମ୍ଭର 'ଶେଫାଳୀ' ବାହାରିବ । × × ×

ଏଥର ସେନାପତିଙ୍କର ଗୋଟିଏ ଗଳ୍ପ ଅଛି । ଦିବ୍ୟସିଂହ ପାଣିଗ୍ରାହୀଙ୍କର ମଧ୍ୟ ଗୋଟିଏ ଗଳ୍ପ ଅଛି ।

'ଆଶା'ର ରକମ ତ ଦେଖୁଅଛ । ଦେଖ କେତେ ଦୂର ଯିବାର ଯାଇ କିଏ ସେ ସବୁ କଥା ଶୁଣୁଛି ? ମାତ୍ର ଏପରି କରିବା ଦ୍ୱାରା ସେ ନିଜ ଗୋଡ଼ରେ କୁରାଢ଼ୀ ମାରୁ ଅଛନ୍ତି ।

ଆଜି ସବୁ ଏକ ପ୍ରକାର ଭଲ । ଆଶା କରେ ତୁମେ ଭଲ ଅଛ ।

ଇତି
ତୁମର
ବିଶ୍ୱନାଥ



## ଆଲୋଚନା ·····

'ଉତ୍କଳ ସାହିତ୍ୟ'ର ସମ୍ପାଦକ ୰ ବିଶ୍ୱନାଥ କର ଆଧୁନିକ ଉତ୍କଳ ସାହିତ୍ୟ ସମ୍ପର୍କରେ ଧାରଣା ଥିବା ପ୍ରତ୍ୟେକ ବ୍ୟକ୍ତି ନିକଟରେ ସୁପରିଚିତ । ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଓ ପ୍ରଚାର ତଥା ନବ ନବ ଲେଖକ-ମାନଙ୍କୁ ଉତ୍ସାହିତ କରି ସେମାନଙ୍କର ପ୍ରତିଭାର ଅଭିବ୍ୟକ୍ତି ନିମିତ୍ତ 'ଉତ୍କଳ ସାହିତ୍ୟ' ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା । ଏହି ଉତ୍କଳ ସାହିତ୍ୟରେ ଧୂର୍ଜଟି ନାମରେ ଫକୀରମୋହନ ସ୍ୱୀୟ ବିଖ୍ୟାତ ଗଳ୍ପ 'ରେବତୀ'କୁ ପ୍ରକାଶ କରିଥିଲେ । ତତ୍କାଳୀନ ବିଶିଷ୍ଟ କବିମାନଙ୍କର ବିଶିଷ୍ଟ ସୃଷ୍ଟି ଏଥିରେ ପ୍ରକାଶିତ ହେଉଥିଲା । ଓଡ଼ିଆ ସାହିତ୍ୟରେ ସବୁଜ ଯୁଗର ଅନ୍ୟତମ ଅର୍ଘ୍ୟ ଅନ୍ନଦା ଶଙ୍କର ନିଜେ ସ୍ୱୀକାର କରିଅଛନ୍ତି ଯେ* ବିଶ୍ୱନାଥ ବାବୁଙ୍କୁ ପ୍ରଥମେ ସେ ଭୟ କରୁଥିଲେ । ସେ ସମୟରେ ହଠାତ୍ କାହାରି ଲେଖା ଉତ୍କଳ ସାହିତ୍ୟରେ ପ୍ରକାଶ ପାଉ ନ ଥିଲା । ଏହି ପତ୍ରିକାରେ ଯାହାର ଲେଖା ପ୍ରକାଶିତ ହେଉଥିଲା, ସମଗ୍ର ଉତ୍କଳ ତାର ଲେଖାରେ ଗୁରୁତ୍ୱ ଆରୋପ କରୁଥିବାରୁ ତରୁଣ କବିମାନେ ତାଙ୍କ ଲେଖା 'ସାହିତ୍ୟ'ର ପୃଷ୍ଠାରେ ଦେଖିଲେ ନିଜକୁ ଭାଗ୍ୟବାନ ମଣୁଥିଲେ ।

ବିଶ୍ୱନାଥ ବାବୁ କେବଳ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ଭାବରେ ପରିଚିତ ନୁହନ୍ତି ଅଧିକନ୍ତୁ ସେ ଜଣେ ଉଚ୍ଚକୋଟୀର ଲେଖକ ଓ ବକ୍ତା ରୂପେ ପ୍ରଶଂସା ଭାଜନ ହୋଇ ପାରିଥିଲେ । କୌଣସି ଏକ ସାହିତ୍ୟିକ ସମସ୍ୟାରେ ତାଙ୍କର ମତ ଉପରେ ଉଭୟ ପ୍ରବୀଣ ଓ ନବୀନ ଗୋଷ୍ଠୀ ବିଶେଷ ଗୁରୁତ୍ୱ ଦେଉଥିଲେ । କବି ଉପେନ୍ଦ୍ର ଭଞ୍ଜଙ୍କୁ କେନ୍ଦ୍ର କରି ନାନା ପ୍ରକାର ମତବାଦ ଦେଖା ଦେଇଥିବା ବେଳେ ସେ ଏ ବିଷୟର ସମାଧାନ ପାଇଁ ଯାହା ଲେଖିଥିଲେ ତାହା ତାଙ୍କର 'ବିବିଧ ପ୍ରବନ୍ଧ'ରେ ସ୍ଥାନ

---

* ମତ୍ ଲିଖିତ 'ଅ: ବାପୁଙ୍କ ସବୁଜ ସ୍ମୃତି' ପ୍ରବନ୍ଧ—ଦୈନିକ କଳିଙ୍ଗ (ଜୁନ ୧୯୬୩)

ଯାଇଅଛି । ତାହା ପାଠ କଲେ ୰ ବିଶ୍ୱନାଥ କରଙ୍କ ବସ୍ତୁନିଷ୍ଠ ନିରପେକ୍ଷ ଦୃଷ୍ଟିକୋଣ ସମ୍ବନ୍ଧ ଅନେକଙ୍କର ପରିଚିତ ହେବା ସମ୍ଭବପର ହୁଏ ।

କବି ବ୍ରଜମୋହନଙ୍କ 'ମୁହିଁ ପଲ୍ଲୀ ବାସୀ' କବିତାଟି ସୁଲେଖକ ଉପନ୍ୟାସୀଙ୍କ ଠାରୁ ପ୍ରାପ୍ତ ହୋଇ ଦୂରଦ୍ରଷ୍ଟା ବିଶ୍ୱନାଥ ଜାଣି ପାରିଥିଲେ ଯେ ଏହି ପ୍ରତିଭା-ବଲ୍ଲରୀ ସଯତ୍ନ ବର୍ଦ୍ଧିତ ହେଲେ ଏକଦିନ ତାର ପୁଷ୍ପ ସମ୍ଭାର ସାରସ୍ୱତ ମଣ୍ଡଳକୁ ଆମୋଦିତ କରିପାରିବ । ତେଣୁ ସେ ବ୍ରଜମୋହନଙ୍କ ପ୍ରତି ଆକୃଷ୍ଟ ହେଲେ ।

ନାନା କାରଣରୁ ବ୍ରଜମୋହନ ବାବୁଙ୍କ ସହିତ ବିଶ୍ୱନାଥ ବାବୁଙ୍କର ପତ୍ରାଳାପ ଥିଲା । ପ୍ରଥମେ ବ୍ରଜମୋହନ ଥିଲେ କବି । ତେଣୁ 'ସାହିତ୍ୟ'ରେ ପ୍ରକାଶ ପାଇଁ ନିଜ କବିତା ବିଶ୍ୱନାଥ ବାବୁଙ୍କ ନିକଟକୁ ପଠାଉଥିଲେ । ଦ୍ୱିତୀୟରେ କବି ଗଙ୍ଗାଧର ମେହେରଙ୍କର ଉତ୍ସାହଦାତା ବନ୍ଧୁ ଭାବେ ତାଙ୍କ ଲେଖା ପ୍ରକାଶ ଓ ପୁସ୍ତକ ପ୍ରକାଶ ସମ୍ପର୍କରେ ସେ ବିଶ୍ୱନାଥ ବାବୁଙ୍କୁ ବହୁ ପତ୍ର ଦେଉଥିଲେ । ଗଙ୍ଗାଧର ମେହେରଙ୍କ ପୁସ୍ତକ ଉତ୍କଳ ସାହିତ୍ୟ ପ୍ରେସରେ ଛପା ହେଉଥିଲା । ପୁସ୍ତକରେ ମୁଦ୍ରଣ ଜନିତ ତ୍ରୁଟି ଯେପରି ନ ରହେ ବିଶ୍ୱନାଥ କର ସେଥିପ୍ରତି ବିଶେଷ ଯତ୍ନବାନ ଥିବାରୁ ସେ ମେହେରଙ୍କର ଅଧିକାଂଶ ଉପାଦେୟ ପୁସ୍ତକର ମୁଦ୍ରଣ ତାଙ୍କ ପ୍ରେସରୁ କରାଇଥିବାର ଜଣାପଡେ । ତୃତୀୟରେ ବ୍ରଜମୋହନ କଲିକତାରେ ଓଡ଼ିଆମାନଙ୍କର ଐକ୍ୟ ଓ ସମୃଦ୍ଧି ପାଇଁ ପ୍ରୟାସୀ ଥିଲେ । ବିଶ୍ୱନାଥ ବାବୁଙ୍କର ଦୁଇଟି ଝିଅ ସେ ସମୟରେ କଲିକତାରେ ଅଧ୍ୟୟନ କରୁଥିଲେ । ବ୍ରଜମୋହନ ବାବୁ ସେମାନଙ୍କ କୁଶଳ ସମ୍ବାଦ ବିଶ୍ୱନାଥ ବାବୁଙ୍କୁ ଲେଖି ତାଙ୍କର ଉତ୍କଣ୍ଠା ଦୂର କରୁଥିଲେ ।

ଓଡ଼ିଆ ପତ୍ର ପତ୍ରିକାର ଦୀର୍ଘ ଜୀବନ ବ୍ରଜମୋହନ ସବୁବେଳେ କାମନା କରୁଥିଲେ କିନ୍ତୁ ଗ୍ରାହକ ସମସ୍ୟା ସେ ସମୟରେ ଥିଲା ଅତି ନୈରାଶ୍ୟପ୍ରଦ । ବିଶ୍ୱନାଥ ବାବୁ ଆମ ଜାତୀୟ ଜୀବନର ସେହି ଅନ୍ଧକାର ଦିଗ ପ୍ରତି ବ୍ରଜମୋହନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଇ ଲେଖିଥିଲେ -

"ତମ୍ଭ ପ୍ରାର୍ଥନାରେ ନୂତନ କାହାଣିଠାରୁ ସ୍ୱାତନ୍ତ୍ର୍ୟ ତୋଳିବାକୁ ଆଦୌ ପ୍ରବୃତ୍ତି ନାହିଁ । ଏଠେ ଅନାସ୍ଥା ଓ ଉପେକ୍ଷା ଆଉ ସହ୍ୟ ହେଉ ନାହିଁ । ତେବେ ସ୍ୱରୂପା ଦେଲେ ଜଣଙ୍କଠାରୁ ଭାଷା କରି ଦେଉଅଛୁ । ରଖିଲେ ଭଲ, ନ ରଖିଲେ ଭଲ ... ସାହିତ୍ୟ ପ୍ରବନ୍ଧ ସମ୍ବନ୍ଧରେ ଯାହା ଲେଖିଅଛ, ତାହା ମନ୍ଦ ନୁହେଁ । ସେ ବିଷୟ ସେପରେ ଦୂର ସମ୍ଭବ କରିବାକୁ ସର୍ବଦା ପ୍ରସ୍ତୁତ ଅଛୁ, ଜାଣିବ । କିନ୍ତୁ ବିଷୟଟିକୁ ଭଲ କରି ଭାବି ଗୋଟିଏ ସୁନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରଣାଳୀ ସ୍ଥିର କରିବା ଉଚିତ ।"

( ୭ ଅଗଷ୍ଟ ୧୯୧୩ )

ବିଶ୍ୱନାଥ ବାବୁଙ୍କ ପ୍ରଦତ୍ତ ୧୧ ଡିସେମ୍ବର ୧୯୧୩ ର ଚିଠିରୁ ଜଣା ପଡ଼େ ଯେ ଗଙ୍ଗାଧର ମେହେର ନୂତନ କାବ୍ୟ ରଚନାରେ ଲେଖନୀ ଚାଳନା କଲେ ତାହା ସାହିତ୍ୟରେ ପ୍ରକାଶ କରିବାକୁ ବିଶ୍ୱନାଥ ବାବୁ ବ୍ରଜମୋହନଙ୍କୁ ମାନଧରେ ପ୍ରତିଶ୍ରୁତି ଦେଇଥିଲେ । ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ, ଗଙ୍ଗାଧରଙ୍କ ଜୀବନର ଚତୁର୍ଥାବସ୍ଥାରେ ବ୍ରଜମୋହନ ତାଙ୍କର ସଂସ୍ପର୍ଶରେ ଆସିଥିଲେ ଏବଂ ଅନ୍ଧକାର ଭିତରେ ତାଙ୍କୁ ଆଶାର ପ୍ରଦୀପ ଦେଖାଇ ନୂତନ ନୂତନ କାବ୍ୟ କବିତା ରଚନା କରିବାକୁ ତାଙ୍କୁ ଅଶେଷ ପ୍ରେରଣା ଦେଇଥିଲେ । କେବଳ ପ୍ରେରଣା ପ୍ରଦାନ କରି ସେ ସନ୍ତୁଷ୍ଟ ନ ଥିଲେ ଅଧିକନ୍ତୁ ଗଙ୍ଗାଧରଙ୍କ ଲେଖା ଯେପରି ଶୀଘ୍ର ପ୍ରକାଶିତ ହୁଏ, ସେଥିପ୍ରତି ମଧ୍ୟ ସତତ ଯତ୍ନଶୀଳ ଥିଲେ ।

ଉକ୍ତ ପତ୍ରରୁ ଆହୁରି ମଧ୍ୟ ଜଣାପଡ଼େ ଯେ ବ୍ରଜମୋହନ ବାବୁ ସେ ସମୟରେ 'ସାହିତ୍ୟ'ରେ ପ୍ରକାଶିତ କୌଣସି ଲେଖାରେ ମୌଳିକତାର ଅଭାବ ଲକ୍ଷ୍ୟ କଲେ ଦୃଢ଼ତାର ସହିତ ସେ ସମ୍ପର୍କରେ ବିଶ୍ୱନାଥ ବାବୁଙ୍କ ଭଳି ଜଣେ ବିଜ୍ଞ ସମ୍ପାଦକଙ୍କ ନିକଟକୁ ମଧ୍ୟ ପ୍ରତିବାଦ ପତ୍ର ଲେଖିବାକୁ ପଛଘୁଞ୍ଚା ଦେଉ ନଥିଲେ । ବିଶ୍ୱନାଥ ବାବୁ ଏହି ଉପଦେଶମାନ ଉପର ଯେତକ ଯେ ଗୁରୁତ୍ୱ ଦେଉଥିଲେ ତାହା ତାଙ୍କର ଲେଖାରୁ ସ୍ପଷ୍ଟ ... ... "ସାହିତ୍ୟ"ରେ ପ୍ରବନ୍ଧ ସମ୍ବନ୍ଧରେ ଯାହା ଲେଖିଅଛ ସେ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ, ଗଳ୍ପଟିରେ ମାମୁଁର ଗ୍ରନ୍ଥ ପଢ଼ିଥିଲେ ହେଁ ସ୍ୱତନ୍ତ୍ର ଗଳ୍ପ ଭାବରେ Plot ଟି ଅତି ସୁନ୍ଦର ହୋଇଅଛି । କମଳୀର ଟଙ୍କା ଆଣିବା

କଥା ନନ୍ଦକିଶୋରଙ୍କ ଗଳ୍ପ ସଙ୍ଗେ ମିଳୁଥିଲେ ସୁଦ୍ଧା ଉଭୟ ମଧ୍ୟରେ × × ପ୍ରଭେଦ × ×। ହେମଚନ୍ଦ୍ରଙ୍କ ବୃତ୍ରସଂହାରକୁ 'ମେଘନାଦ ବଧ' ସହିତ ତୁଳନା କରିବାର ହେତୁ ଏହି ଯେ ଉଭୟଙ୍କର Plot ଏକ ପ୍ରକାର କହିଲେ ଚଳେ। ଏପରି ସ୍ଥଳରେ ତୁଳନା ଅସଙ୍ଗତ ନୁହେଁ। ତେବେ ଏ ତୁଳନାରେ ସବୁ ସ୍ଥଳରେ ତାଙ୍କ ସହିତ ମୋର ମତର ମିଳନ ନାହିଁ। ସେ 'ମେଘନାଦ ବଧ'କୁ ଟିକିଏ lower କରିବାକୁ ଚେଷ୍ଟା କରି ଅଛନ୍ତି। ଏହା ତାହା ବ୍ୟକ୍ତିଗତ ମତ।

ଶଶିଭୂଷଣଙ୍କ ସମ୍ପାଦନାରେ ଯେଉଁ 'ଆଶା' ପତ୍ରିକା ପ୍ରକାଶିତ ହେଉଥିଲା ସେହି ପତ୍ରିକାର "ତତ୍ତ୍ୱାତ୍ମକ ସମାଲୋଚନା" ସମ୍ପର୍କରେ ବିଶ୍ୱନାଥ ବାବୁ ତାଙ୍କର ନୋଟରେ ବାରମ୍ବାର ଉଲ୍ଲେଖ କରିଛନ୍ତି। "ବିଶ୍ୱନାଥ ଗ୍ରନ୍ଥାବଳୀ"ରେ ମଧ୍ୟ 'ଆଶା'ର ଏହି ସମାଲୋଚନାର ଉଲ୍ଲେଖ ଥିବାରୁ ବର୍ତ୍ତମାନ ସେ ସମ୍ପର୍କରେ ଆଲୋଚନାରୁ କ୍ଷାନ୍ତ ହେଲି।

ବିଶ୍ୱନାଥ ବାବୁଙ୍କ ପତ୍ରରୁ ଉତ୍କଳ ସାହିତ୍ୟ ସମ୍ପର୍କରେ ଆହୁରି ଅନେକ ଉଲ୍ଲେଖଯୋଗ୍ୟ କଥା ଜଣାପଡ଼େ। 'ଉତ୍କଳସାହିତ୍ୟ' ଯେପରି ଛାତ୍ରମାନେ ପଢ଼ି ପାରିବେ, ସେଥିପାଇଁ ଛାତ୍ରମାନଙ୍କୁ ସାଧାରଣଙ୍କ ଅପେକ୍ଷା କମ୍ ମୂଲ୍ୟରେ ଉତ୍କଳ ସାହିତ୍ୟ ଯୋଗାଇ ଦିଆ ଯାଉଥିଲା—

"... ଏ ବର୍ଷ ସାହିତ୍ୟ ଯେତେ ଛପା ହେଉଥିଲା ପ୍ରାୟ ଶେଷ ହୋଇଗଲାଣି। ତୁମ୍ଭ ବନ୍ଧୁଙ୍କ ପାଇଁ ଏକ ସେଟ୍ ପଠାଇବାକୁ ଚେଷ୍ଟା କରିବ। ୨।୩ ଦିନ ବିଳମ୍ବ ହେବ। ସେ ଟ ୨୮ ଦେବେ କି ଟ ୧୮ ଦେବେ କିଛି ଲେଖି ନାହିଁ, ଏ ବର୍ଷ 'ସାହିତ୍ୟ'ର ଆକାର ତ ସ୍ୱତଃ ବଢ଼ି ଯାଉଛି। ଆସନ୍ତା ବର୍ଷ ୫ ଫର୍ମା ସ୍ଥିର ରଖିବାକୁ ହେବ। ତହିଁ ଉପରେ ଯାହା ଯାହା ଯେତେବେଳେ ହେବ। ଆଉ ମଧ୍ୟ କାଗଜ ଓ Cover ଟିକିଏ ଭଲ କରିବାକୁ ଇଚ୍ଛା ଅଛି। ମାତ୍ର ଏ ସବୁ କରିବାକୁ ଗଲେ ଆଉ ଛାତ୍ରମାନଙ୍କୁ ଟ ୧୮ ମୂଲ୍ୟରେ ଦେବା ଅସମ୍ଭବ ହେବ। ତେଣୁ ଟ ୧୫ ସ୍ଥିର କରିଅଛି। ତୁମ୍ଭେ କଣ କହ ? ବୋଧହୁଏ କାହାରି ଆପତ୍ତି ହେବ ନାହିଁ। ଆଗାମୀ ସଂଖ୍ୟାରେ ସେହିମତ ବିଜ୍ଞାପନ ଦେବ।" (ଜାନୁଆରୀ ୨୮, ୧୯୧୪)

ବିଶ୍ୱନାଥ କରଙ୍କ ପତ୍ରାବଳୀରୁ ଜଣାପଡ଼େ ଯେ, ସେ ସମୟରେ କୌଣସି ଏକ ପ୍ରତିଷ୍ଠିତ ଲେଖକ ଅସୁସ୍ଥ ବା କାରୁଣ୍ୟର ସମ୍ମୁଖୀନ ହେଲେ ତାହା ପତ୍ରିକା ଦ୍ୱାରା ମଧ୍ୟ ବହୁତ ପ୍ରଚାରିତ ହେଉଥିଲା । ସେ ସମୟରେ ଲେଖକଙ୍କର ସଂଖ୍ୟା ଏବର ତୁଳନାରେ କମ୍ ଥିଲା। ତେଣୁ ଗୋଟିଏ ଗୋଟିଏ ଲେଖକଙ୍କର ଗୋଟିଏ ସଂଖ୍ୟାରେ ଦୁଇଟି ଲେଖା ବା ତା'ଠାରୁ ବେଶି ମଧ୍ୟ ପ୍ରକାଶିତ ହେଉଥିଲା। ପତ୍ରିକାର ମର୍ଯ୍ୟାଦା ପ୍ରକାଶିତ ଲେଖାର ମାନଦଣ୍ଡ ଉପରେ ନିର୍ଭର କରେ। ତେଣୁ ବିଶ୍ୱନାଥ ବାବୁ ସବୁବେଳେ ଭଲ ଭଲ ଲେଖାକୁ ନିଜ ପତ୍ରିକାରେ ପ୍ରକାଶ କରିବାକୁ ସ୍ପୃହ ଥିଲେ । ପଦ୍ମଚରଣଙ୍କ ଜୀବନର କାରୁଣ୍ୟ ଓ ନନ୍ଦକିଶୋରଙ୍କ ତଥା ଫକୀରମୋହନଙ୍କ ଅସୁସ୍ଥତାରେ ସେ କିପରି ବିବ୍ରତ ହୋଇ ପଡ଼ିଥିଲେ ତାର ସାକ୍ଷୀ ତାଙ୍କର ପ୍ରଦତ୍ତ ପତ୍ରାବଳୀ।

ଏହି ପତ୍ରାବଳୀର ଆଲୋଚନା ପ୍ରସଙ୍ଗରେ ଅନ୍ୟ ଏକ କଥା ଉଲ୍ଲେଖଯୋଗ୍ୟ, ଯାହାର ସୂଚନା ମାତ୍ର ବିଶ୍ୱନାଥ ଦେଇ ଅଛନ୍ତି— "ମୁଁ ତାଙ୍କୁ ତୁମର କିମ୍ବଦନ୍ତୀ କଥା ଆଜ ଲେଖିଲି। ତୁମେ ଲେଖିଥିଲ କି ? କି ଉତ୍ତର ଦେଲେ ?" ଏ କିମ୍ବଦନ୍ତୀ ହେଉଛି ସମ୍ବଲପୁରର ଗୌରବୋଜ୍ଜ୍ୱଳ ଐତିହ୍ୟ ସମ୍ପର୍କୀୟ ମହତ୍ତ୍ୱ ଗାଥା । କବି ବ୍ରଜମୋହନ ସମ୍ବଲପୁରର ଗୌରବ ପ୍ରଚାର ପାଇଁ ଯୌବନର ଆଦ୍ୟ ଉଷାରୁ ମଧୁର ସ୍ୱପ୍ନ ଦେଖିଥିଲେ । ଓଡ଼ିଶାର ଖ୍ୟାତ କବିମାନଙ୍କ ଦ୍ୱାରା ସମ୍ବଲପୁରର ଇତିହାସ ଓ କିମ୍ବଦନ୍ତୀ ସାହିତ୍ୟରେ ଅମର ହେଉ—ଏହାହିଁ ଥିଲା ତାଙ୍କର ଐକାନ୍ତିକ କାମନା ।

## ସୁଲେଖକ ବସ୍ୟାନିଧିଙ୍କ ଲେଖନୀରୁ......


( ୧ )

କଲେଜ ହଷ୍ଟେଲ
କଟକ
୭ । ୧୨ । ୧୩

ପ୍ରିୟତମ ଭାଇ,

ତୁମ୍ଭର ହୃଦୟ ସଙ୍ଗେ ମୋର ହୃଦୟ କେଉଁ ପାଶରେ ବନ୍ଧା, ତାହା ମୁଁ ଜାଣେ ନାହିଁ । ମୁଁ କେବଳ ଏତିକ ଜାଣେ ଯେ, ତୁମ୍ଭେ ଓ ମୁଁ ଗୋଟିଏ ଜନନୀର କୋଳରେ ଲାଳିତ ପାଳିତ ଓ ବର୍ଦ୍ଧିତ । ଜନନୀର ସ୍ତନ୍ୟ ନିଃସୃତ ସୁଧାମୟ କ୍ଷୀରଧାର ସମ ଯେଉଁ ସରିତ୍ କୁଳେଶ୍ୱରୀ ଶତସ୍ରୋତା ଜନନୀର ବକ୍ଷରେ କଳକଳ ନାଦରେ ପ୍ରବାହିତ ହେଉଅଛି, ତାର୍ ଅକ୍ଷୟ କୋଡ଼ରୁ ସୁଧା ବଣ୍ଟାଏ ଲେଖା ଖାଇ ଆମ୍ଭେ ଦୁହେଁ ପରିପୁଷ୍ଟ । ଆଜ ମୁଁ କଟକରେ ଏବଂ ତୁମ୍ଭେ କଲିକତାରେ । ଆମ୍ଭ ଦୁହିଁଙ୍କ ମଧ୍ୟରେ ଏ ପାର୍ଥିବ ବ୍ୟବଧାନ ସତ୍ତ୍ୱେ କାହିଁକି ମୋର ହୃଦୟ ତୁମ୍ଭ ବିଚ୍ଛେଦରେ ଆକୁଳ ହେଉଅଛି ? ତୁମ୍ଭର ସେ ନୟନ ଦୁର୍ଲ୍ଲଭ ମୋହନ ଛବି ମୋର ମାନସ ନୟନ ପଥରେ କାହିଁକି ଅହରହ ନାଚୁଅଛି ? ଭାଇ, ତୁମ୍ଭର ହୃଦୟର ଗୂଢ଼ତମ ପ୍ରଦେଶରେ କେଉଁ ଆକର୍ଷିକା ଶକ୍ତି ଅଛି ତୁମ୍ଭର ଭାଇ ତାହା ଜାଣେ ନାହିଁ । ସେ ତୁମ୍ଭଙ୍କୁ ପ୍ରେମ କରେ, ତୁମ୍ଭର ପ୍ରେମମୟ ନାମ ଉଚ୍ଚାରଣ କରି ତାର ତାପିତ ପ୍ରାଣକୁ ଶୀତଳ କରେ । କାହିଁକି ? ମଙ୍ଗଳମୟ ବିଧାତାଙ୍କର ଏ ଗୂଢ଼ ତତ୍ତ୍ୱ ବୁଝିବା ମୋର ସାଧ୍ୟାତୀତ । ମୁଁ ସଂସାର ସ୍ରୋତରେ ସନ୍ତରଣାନଭିଜ୍ଞ ହୋଇ ଭାସୁଅଛି । ସ୍ରୋତର ଭୀଷଣ ତରଙ୍ଗରେ ମୋର ଅଙ୍ଗପ୍ରତ୍ୟଙ୍ଗ ବିତାଡ଼ିତ । ତଥାପି ମୋର ହୃଦୟାକାଶରେ ଆଶା ଧ୍ରୁବତାରା ପ୍ରାୟ ଝଲସୁଅଛି । ଏ ଆଶାର ଉତ୍ପତ୍ତି କେଉଁଠାରେ, କହି ଦେବ କି ?

'ସମ୍ବଲବାସୀ ଭାଇ' ! ଆହା କି ମଧୁମୟ ନାମ ! ଭାଇ, ତୁମ୍ଭେ ଯେ ବସ୍ତ୍ର ଫଳାଇ ନାଚ ନାଚ ଏହି ନାମରେ ଗର୍ବ କରୁଅଛ; ସେଥିରେ



## ସୁଲେଖକ ଦୟାନିଧି ମିଶ୍ର

### — ଶାରିକା —

ରହିଛୁ, ଶାରିକା, ସୁଖେ ହେମ-ପିଞ୍ଜରରେ
କରୁଛୁ ଆନନ୍ଦେ ନିତ ଭକ୍ତ-ନାମଗାନ,
ସମର୍ପିଛୁ ମନପ୍ରାଣ ଈଶ୍ୱରଙ୍କ ଠାରେ,
ହୋଇଛୁ ହରଷେ କାଳସ୍ରୋତେ ଭାସମାନ

ତୋ ସୁରୂପ ମୂରତି ଦେଖି କାନନ ସୁନ୍ଦରୀ
ହରଷେ ଉଠଇ ନାଚି ଅନ୍ତର ମୋହର,
ପିଏ ତୋ ସୌନ୍ଦର୍ଯ୍ୟ ସୁଧା, ସଖି, ଚକ୍ଷୁଭରେ
ଶୁଣେ ଲୋ ପୁଲକେ ତୋର ସୁଲଳିତସ୍ୱର

ସ୍ୱଜନର ଅଙ୍କ ମୋର ଦାରୁଣ ପ୍ରବାସେ,
ବସେ ଯାଇଁ ନିତ ତୋର ନିକଟେ, ସୁନ୍ଦରି
ଅକପଟ ପ୍ରୀତି ତୋର ପାଇବାର ଆଶେ,
ଖାଇବାକୁ ଦିଏ ଭଲେ ଅନ୍ନ ଗେଲ କରି ।

ତଥାପି ତୋ ମନ କିପାଁ ବିଷାଦେ ମଳିନ ?
ନ ରୁଚଇ କିପାଁ ତୋତେ ଏସୁଖ ସକଳ ?
ଯିବାକୁ ପିଞ୍ଜର ତେଜି କିପାଁ ତୋହ ମନ
ହେଉଛି, ଲୋ ପ୍ରିୟପକ୍ଷୀ, ସତତ ବିକଳ ?

ନାହିଁ ଲୋ ଏ ସୁଖ ତୋର କାନନ ନିବାସେ;
ପରହସ୍ତୁ ଖାଇ ସୁଖେ ଯାଏ ତୋର ଦିନ;
ନ ବାହାରେ କାନନେ ତୋ ମୁଖୁ ମଧୁଭାଷେ
ହରି-ନାମ ସୁଧା-ରସ, ପ୍ରେମ ସଙ୍କୀର୍ତ୍ତନ

ପବିତ୍ରିତ ବୋଲି ଭଲେ ଘୃଣା ତୋର ମନେ
ସ୍ୱଚ୍ଛନ୍ଦ ବିହାର ପାଇଁ ବ୍ୟାକୁଳ ତୋ ମନ ?
ଭକ୍ତି ନାହିଁ ସ୍ୱାଧୀନତା ସୁଖ-ସେ ଜୀବନେ ?
କାହୁଁ ସେ ବୁଝିବ ତୋର ଅନ୍ତର କଷଣ

— ଦୟାନିଧି

ମୋର କେତେଦୂର ଗର୍ବ ହୋଇଅଛି, ତହିଁର ସୁମଧୁର ସ୍ପର୍ଶ ତୁମର ହୃଦୟରେ ଅନୁଭୂତ କରାଇବାକୁ ମୋର ଶକ୍ତି ନାହିଁ । କିନ୍ତୁ ମୋର ବିଶ୍ୱାସ ତୁମର ହୃଦୟ ଏବଂ ମୋର ହୃଦୟ ଗୋଟିଏ ଉପାଦାନରେ ଗଢ଼ା । ଏଣୁ ବିନା ପରିଶ୍ରମରେ ତୁମ୍ଭେ ମୋର ମନର ଗର୍ବ ଅନୁଭବ କରି ପାରିବ ଭାବି ସୁଖୀ ମଣୁଅଛି ।

ଭାଇ, ସମ୍ବଲବାସୀ ଭାଇର ମୁଖରେ ମା ସମଲେଶ୍ୱରୀଙ୍କ ଯଶୋଗାନ ଶୁଣି ହୃଦୟ ଆନନ୍ଦରେ ନାଚି ଉଠୁଅଛି । ତୁମର 'ସନ୍ନ୍ୟାସୀ' ଭାଇଠାରେ ତୁମର ପ୍ରୀତି ଉପହାରର ପ୍ରତିଦାନ ସ୍ୱରୂପ କିଛି ନାହିଁ । ତୁମ୍ଭେ ଯେଉଁ 'ଗଗ୍ରାଳି ପ୍ରେମ'ରେ ମାତି ମା'ଙ୍କ ପବିତ୍ର ନାମୋଚ୍ଚାରଣ କରୁଅଛ, ତାର ପ୍ରତିଦାନ ପାଇଁ ହୃଦୟ ଲାଳାୟିତ, କିନ୍ତୁ ବିଚରା ସନ୍ନ୍ୟାସୀ ଅଧୁନା ରିକ୍ତହସ୍ତ । ଉପହାରର ପ୍ରତ୍ୟୁପହାର ଆଶା ତୁମ୍ଭେ ଆଗରୁ ଛାଡ଼ି ଥିବାରୁ ସେ କୈଫିୟତ ଦେବାକୁ ଅନିଚ୍ଛୁକ ; କିନ୍ତୁ ଭାଇ ତାର ସ୍ମୃତିକୋଷରେ କେତୋଟି ଅମୂଲ୍ୟ ସମ୍ପଦ ଅଛି ଓ ରହିବ, ସେମାନଙ୍କ ସଙ୍ଗେ ତୁମର ଏ ଉପହାର ଶୀର୍ଷସ୍ଥାନ ପାଇବ ।

ଆଜି ଉତ୍କଳର Cowper ଗଙ୍ଗାଧର ଦୋବଙ୍କ ଠାରୁ ଗୋଟିଏ ସ୍ନେହପୂର୍ଣ୍ଣ ପତ୍ର ପାଇଅଛି । ଦାର୍ଶନିକ ଗଙ୍ଗାଧରର ଦାର୍ଶନିକ ଉକ୍ତି ଅଦାର୍ଶନିକ ଦସ୍ୟାନିଧି ବୁଝି ନ ପାରି ଦୁଃଖ ପ୍ରକାଶ କରୁଅଛି । ଗଙ୍ଗାଧରଙ୍କ Melancholia ହୃଦୟଙ୍ଗମ କରିବାକୁ ମୋର ନୀରସ ହୃଦୟ ଅସମର୍ଥ । ତାଙ୍କୁ କହିଦେବ ତାଙ୍କର John Gilpin ର ବାହାଣିକା ପାଏଁ ମୁଁ ତାଙ୍କ ନିକଟକୁ ଲେଖିନି ନାହିଁ । ଏଥିରେ ବୋଧହୁଏ ସେ ଜମା ତୁମ୍ଭେ ଦୁଃଖିତ ହେବ ନାହିଁ । କିନ୍ତୁ ଭାଇ, ଭାବିବ ନାହିଁ ଯେ ମୁଁ ତାଙ୍କଠାରୁ ଲେଖିବ ନାହିଁ ବୋଲି ତାଙ୍କର ମଧୁର ସ୍ମୃତି ଭୁଲିଯିବି । "ସ୍ମୃତି କି କଦାପି ଲୁଚେ" ଲିଭିବାର, ଥାଇଲେ ଚିହ୍ନି ସେ ଲଭନ୍ତି ନିସ୍ତାର ।" ଯା'ର ଜୀବନ ସଙ୍ଗେ ମୋର ଜୀବନର ଘନିଷ୍ଠ ସମ୍ପର୍କ, ସେ କି ଭୁଲିବାର ବସ୍ତୁ ?

ଆଉରି ଗୋଟିଏ କଥା, ମୋର "ସମ୍ବଲବାସୀ ଭାଇ"ଙ୍କୁ ଗୋପନରେ ରଖିବାକୁ ମୋର ଇଚ୍ଛା ହେଉ ନାହିଁ । ସବୁ ଉତ୍କଳୀୟ

ଭାଇମାନେ ତାର ସୁଧାମୟୀ ଗୀତ ଶୁଣନ୍ତୁ, ତାହା ହେଲେ ମୋର ଉପରେ ବିରକ୍ତ ହେବେ ନାହିଁ । ଯଦି ତଦ୍ୱାରା ତୁମ୍ଭର ମନରେ କଷ୍ଟ ହେବ, ତାହାହେଲେ ମୁଁ ଉକ୍ତ କାର୍ଯ୍ୟରୁ ନିରସ୍ତ ହେବି ।

ଆଜି ଏତିକି, ପତ୍ରାନ୍ତରେ ଆହୁରି ଅନେକ କଥା ଲେଖିବି । ମୋର ଶାରୀରିକ କୁଶଳ । ତୁମ୍ଭର କୁଶଳ ସମାଚାର ଫେରନ୍ତା ଡାକରେ ଲେଖିବ । କଲିକତା ପ୍ରବାସୀ ସମ୍ବଲପୁର ଭାଇମାନଙ୍କୁ ମୋର ଅନ୍ତରର ପ୍ରେମ ଜଣାଇବ ।

ତୁମ୍ଭର ପ୍ରାଣର ଭାଇ
ବିଶ୍ୱନାଥ



( ୨ )

ଓଁ ମା-

ଓଃଭ

ତା ୧୧।୧୨।୮୩

ଭାଇ ମୋର,

ତୁମର ସ୍ନେହପୂର୍ଣ୍ଣ ପତ୍ର ପାଇ ଖୁସି ହେଲି । ତୁମର ପତ୍ରରେ କଣ ଅଛି, ମୁଁ ଠିକ୍ କହି ପାରୁ ନାହିଁ । ତୁମର ପତ୍ର ଯେତେଥର ପଢୁଛି ସେତେଥର ତାହା ନୂଆଁ ଲାଗୁଛି । ଯେତେ ପଢ଼ିଲେ ସୁଦ୍ଧା ମନରେ ତୃପ୍ତି ହେଉ ନାହିଁ । ତୁମର ପ୍ରେମମୟ ମୂର୍ତ୍ତି ଦେଖିବାକୁ ମନ ସର୍ବଦା ବ୍ୟାକୁଳ, କିନ୍ତୁ ଈଶ୍ୱର ସେ ସୁଯୋଗ ଦେଉ ନାହାନ୍ତି । ମୋର ଇଚ୍ଛା ସତ୍ତ୍ୱେ ମୁଁ କଲିକତାରେ ରହି ପାରୁନାହିଁ । ଏଥିପାଇଁ ମୋର ମନରେ ଯେତେ ଦୁଃଖ ହେଉଛି ତାହା ତୁମେ ସହଜରେ ବୁଝି ପାରୁଥିବ । ଈଶ୍ୱରଙ୍କ ଇଚ୍ଛା ବଳବତ୍ତର । ମନୁଷ୍ୟ ନିଜକୁ ନିଜ ଇଚ୍ଛାମତେ ନେଇ ନ ପାରେ । କିନ୍ତୁ ମୁଁ ଯେତେବେଳେ ତୁମର ପତ୍ର ପଢ଼େ ; ପତ୍ର ପାଠ କାଳରେ ଏ ଦାରୁଣ ଯନ୍ତ୍ରଣା କୁଆଡେ଼ ଉଭେଇ ଯାଏ ! ସେତେବେଳେ ମୁଁ ତୁମର ସଂଲାପ ସୁଖ ଭୋଗ କରେ । ତୁମର ପତ୍ରକୁ ବାରମ୍ବାର ପଢିବାକୁ ଇଚ୍ଛା କରେ , କିନ୍ତୁ —

"ସୁଧରେ ତୃପ୍ତିର ଅବସାଦ ନାହିଁ,
ଯେତେ ପେଉଥିଲେ ନୂଆ ଲାଗୁଥାଇ ।"

ଭାଇ, ତୁମର ହତଭାଗା ଭାଇ ନିଜ କର୍ତ୍ତବ୍ୟ ଭୁଲି ଜନନୀର ସେବା ଭୁଲି, ଈଶ୍ୱରଙ୍କ ସେବା ଭୁଲି, ଘୋର ବିଳାସିତାମୟ ଜୀବନ ଯାପନ କରୁଅଛି । ମୁଁ ଏ ମଧ୍ୟରେ ମୋର ବହୁମୂଲ୍ୟ ସମୟର ଯେତେ ଅପବ୍ୟୟ କରିଛି ତହିଁର ଷଡପ୍ରଭଣ କରି ପାରିବ ନାହିଁ । ସଭ୍ୟ ସଂସାରର ରଙ୍ଗ-ଢଙ୍ଗ ଦେଖି ପଡୁଥିଲେ ଜନନୀର ପ୍ରଶାନ୍ତ ମଳିନ ମୂର୍ତ୍ତି ମନେ ପଡୁଛି ।

ଆମ୍ଭେମାନେ ମା’ର ଅଧମ ସନ୍ତାନ । ଜନନୀର ଦୁଃଖ ମୋଚନ ନିମିତ୍ତ ସ୍ୱାର୍ଥ ତ୍ୟାଗ ଶିଖି ନାହୁଁ । କେବଳ ବୃଥା ଆମୋଦରେ ମାତି କର୍ତ୍ତବ୍ୟ ପଥରୁ ଭ୍ରଷ୍ଟ ହେଉଛୁଁ, କିନ୍ତୁ ମୋର ‘ସମ୍ବଲପୁରବାସୀ ଭାଇ’ଙ୍କ ପ୍ରତିଜ୍ଞା ଏବଂ କର୍ତ୍ତବ୍ୟ ନିଷ୍ଠା ଦେଖି ପ୍ରାଣରେ ପୁଣି ନବୀନ ଆଶାର ସଞ୍ଚାର ହେଉଅଛି । ଓଡ଼ିଆ ଜାତି ଆଜି କେତେ ଦିନ ଲକ୍ଷ୍ମିତ ହେଉଥିବ ? ଈଶ୍ୱର ନିଶ୍ଚୟ ସୁଦିନ ଦେବେ । ଓଡ଼ିଆର ହୃଦୟରେ ପୁଣି ନବୀନ ବଳ ଆସିବ । ଜନନୀ ପାଇଁ ଓଡ଼ିଆମାନେ ଆତ୍ମ ଭୁଲିବେ, ଭାଇକୁ ଭାଇ ଆଲିଙ୍ଗନ କରିବ । ଭାଇ ତୁମ୍ଭର ସେ ଗମ୍ଭୀର ପ୍ରେମ’ କିଛି ଯାଏ ଶିଖି ପାଇଲେ ଆମ୍ଭେମାନେ କୃତାର୍ଥ ହେବୁଁ । ତୁମ୍ଭର ସେ ଗମ୍ଭୀର ପ୍ରେମ ବଳରେ ମୁଁ ସନ୍ନ୍ୟାସ ବ୍ରତ ସଫଳ ହେବ । ତୁମ୍ଭେ ଭାଇ ‘ସନ୍ନ୍ୟାସୀ’ଙ୍କୁ ଆଦର୍ଶ ଦେଇ କାର୍ଯ୍ୟ କରୁଛି । କିନ୍ତୁ ତୁମ୍ଭ କଥାରେ କହିବାକୁ ଗଲେ “ତପସ୍ୟା କରି ସନ୍ନ୍ୟାସୀ ନାମ ସାର୍ଥକ କରିବାକୁ ଶିଖି ନାହିଁ ।

ତୁମ୍ଭେ ମୋର ଇଚ୍ଛା ପୂର୍ଣ୍ଣ କରିବ, ଏଥିରେ ଅବା ବିଚିତ୍ରତା କଣ ? “ତୁମ୍ଭେ ଇଚ୍ଛାମୟ, ଯାହା ଇଚ୍ଛା ତାହା କରି ପାର” । ତୁମ୍ଭର ଏ କଥାଗୁଡ଼ିକ ତୁମ୍ଭର ଉପଯୁକ୍ତ ହୋଇଅଛି । ମୋର ‘ସମ୍ବଲପୁରବାସୀ ଭାଇ’ଙ୍କୁ ନେଇ ମୁଁ ବିଶ୍ୱନାଥ ବାବୁଙ୍କ ହାତରେ ଦେଇ ଆସିଛି । ଆଶା କରେ ମୋର ହୃଦୟର ଆକାଙ୍କ୍ଷା ସଫଳ ହେବ ।

ବିଶ୍ୱନାଥ ବାବୁ ତୁମ୍ଭର ଆଦ୍ୟର କବିତା ପାଇଛନ୍ତି । ତୁମ୍ଭର ନବାବିଷ୍କୃତ ଛନ୍ଦ ବିଷୟରେ ସେ ଅନେକ କଥା କହୁଛନ୍ତି ।

× × × ×

ମୋର କବିତା ବିଷୟରେ ଶୁଣିଲେ ତୁମ୍ଭେ ହସିବ । ଏଥର ମୁଁ ‘ଶକୁନ୍ତଳା’ ବିଷୟରେ ଗୋଟିଏ କବିତା ଲେଖିଛି । କିନ୍ତୁ ତାହା କବିତାଟି ଅର୍ଦ୍ଧକଷ୍ଟ । ଏଥର ‘ସାହିତ୍ୟ’ ପାଇଲେ ତୁମ୍ଭେ ଜାଣି ପାରିବ । ଯଦି ସୁବିଧା ହୁଏ, ତେବେ ଆଦ୍ୟର ଗୋଟିଏ କବିତାକୁ ‘ସାହିତ୍ୟ’ରେ ସ୍ଥାନ ଦେବେ ବୋଲି ବିଶ୍ୱନାଥ ବାବୁ କହିଛନ୍ତି ।

ମୁଁ ଆଜକାଲ ୰ରାଧାନାଥ ବାବୁଙ୍କ 'ନନ୍ଦକେଶ୍ୱରୀ'କୁ ନବନ୍ୟାସା-କାରରେ ଲେଖିବାକୁ ଚେଷ୍ଟା କରୁଛି । ତିନୋଟି ପରିଚ୍ଛେଦ ଲେଖି ସାରିଲଣି । ଏଥିରେ ମୁଁ ମୋର ସ୍ୱତନ୍ତ୍ର ଚିନ୍ତା ଅବଲମ୍ବନ କରିଛି । ମା ଖାଣାପାଣି କଣ କରୁଛନ୍ତି କେଜାଣି ? ଭାଇ, ତୁମ୍ଭେ ମୋ ପାଇଁ ମା'ଙ୍କୁ ଥରେ ପ୍ରାର୍ଥନା କରିବ— ଆମ୍ଭର ଦୁହିଁଙ୍କର ପ୍ରାର୍ଥନା ମା' ନିଶ୍ଚୟ ଶୁଣିବେ ।

ବଡ଼ଦିନ ଛୁଟିରେ ତୁମ୍ଭେ ଗାଁକୁ ଯିବ । ସୁଖର କଥା । ମୋର ସ୍ନେହର ପୁଷ୍ପଟିକୁ ମୋ ପାଇଁ ଚୁମାଟିଏ ଦେଇଥିବ ।

ମୋର ଶାରୀରିକ କୁଶଳ । ତୁମ୍ଭର କୁଶଳ ସମାଚାର ଲେଖିବ ! କଲିକତା ପ୍ରବାସୀ ସମ୍ବଲପୁରୀ ଭାଇମାନଙ୍କୁ ମୋର ଆନ୍ତରିକ ପ୍ରେମ ଓ ଶ୍ରଦ୍ଧା ଜଣାଇବ ।

ତୁମ୍ଭର
ଭାଇ



( ୫ )

କଟକ
୧୫ । ୧୨ । ୧୬

ଭାଇ ମୋର,

ତୁମ୍ଭଠାକୁ କଣ ଲେଖିବି ? ମନରେ କେତେ ଭାବ ଉଠୁଛି ! କିନ୍ତୁ କାହିଁ··· ସେ ଭାବ ପ୍ରକାଶ କରିବାକୁ ଭାଷା କାହିଁ ? ଭାବୁଛି— ଭାବିବା ବେଳେ କେତେ କଥା ମନେ ପଡ଼ୁଛି ! କିନ୍ତୁ ସେ ଭାବର ଯେ ସୀମା ନାହିଁ । ଏ ଅସୀମ ଭାବକୁ ସୀମାବଦ୍ଧ ଭାଷାରେ କିପରି ବ୍ୟକ୍ତ କରିବି ? କେବେ ମୋର ହୃଦୟର ଭାବ ହୃଦୟରେ ମିଳି ହୃଦୟକୁ ଝୁରିବ ? ତୁମପାଇଁ ମୋର ହୃଦୟର ରୁଦ୍ଧ ଦ୍ୱାରକୁ ଖୋଲି ପାରିବି ନାହିଁ ? ଯଦି ତୁମ୍ଭ ନିକଟରେ ଥାନ୍ତି ତୁମ୍ଭଙ୍କୁ ସ୍ନେହାଲିଙ୍ଗନ କରି ନୟନ ଜଳରେ ମୋର ଭାବ ପ୍ରକାଶ କରନ୍ତି । କିନ୍ତୁ ସେ ସୌଭାଗ୍ୟ ମୋର ନାହିଁ । ମୁଁ ତୁମ୍ଭ ବିଚ୍ଛେଦରେ ଦାରୁଣ କଷ୍ଟ ଭୋଗ କରୁଛି । ଏ ଦୁର୍ବଳ ଲେଖନୀ ତୁମ୍ଭଙ୍କୁ ମୋର ହୃଦୟର ଯନ୍ତ୍ରଣା ଜଣାଇବାକୁ ଅକ୍ଷମ । ଭାଇ, ତୁମ୍ଭେ ଯେଉଁ ପ୍ରେମର ବଳରେ ବଳୀୟାନ ହୋଇ ତୁମ୍ଭର ହୃଦୟର ଆଶାକୁ ମୋର ହୃଦୟରେ ପ୍ରତିଫଳିତ କରୁଛ ; ବର୍ତ୍ତମାନ ସେହି ପ୍ରେମହିଁ ମୋର ଏକମାତ୍ର ଭରସା ସ୍ଥଳ ।

ତୁମ୍ଭେ ବଡଦିନ ଛୁଟିରେ ଘରକୁ ଯାଇ ମୋର ସ୍ନେହର ପୁତୁରାକୁ ମୋର ପ୍ରତିନିଧି ଦେବାକୁ ସ୍ୱୀକୃତ ହୋଇଛ । କିନ୍ତୁ ଏଥିରେ ଯେ ତୁମ୍ଭର ଶ୍ରଦ୍ଧା ମେଣ୍ଟି ନାହିଁ । ଆହୁରି ତା'ର ଫଟୋଟିଏ ମୋଠାକୁ ପଠାଇବାକୁ ଇଚ୍ଛା କରିଛ । ମୁଁ କି ଭାଇ, ତୁମ୍ଭର ଏତେ ଶ୍ରଦ୍ଧାର ପାତ୍ର ? ତୁମ୍ଭର ସଦ୍ଭାବ ସୁଖରେ ମୋତେ ଭାଗୀ କରିବାକୁ ସୁଦ୍ଧା ତୁମ୍ଭେ କୁଣ୍ଠିତ ହେଉ ନାହଁ । ତୁମ୍ଭେ ଗାଁକୁ ଯିବ । ମୋର ପୁତୁରାକୁ କାଖେଇ ତାର ଦେହର ଧୂଳିରେ ତୁମ୍ଭର ଅଙ୍ଗକୁ ପବିତ୍ର କରିବ ! ମୁଁ ବିଦେଶରେ ଥାଇ ସେ ସୁଖ କିପରି ଭୋଗ କରନ୍ତି । କିନ୍ତୁ ଭାଇ, ମୁଁ ଯେଉଁଦିନ ତାର ସ୍ନେହମାଖା ଫଟୋ ଖଣ୍ଡିକ ପାଇବି, ତାକୁ ହୃଦୟରେ ଲଗାଇ ତୁମ୍ଭଠାରୁ ଦ୍ୱିଗୁଣ ସୁଖ ଭୋଗ

କରିବ । ନିଦ୍ରାରେ, ଜାଗରଣରେ, ସବୁବେଳେ ତାର ସ୍ନେହାଞ୍ଚିତ ପ୍ରତିକୃତି ମୋର ମାନସ ନୟନରେ ଦେଖି ମୋର ତାପିତ ପ୍ରାଣକୁ ଶୀତଳ କରିବ ।

ମୁଁ ତୁମକୁ ଛାଡିଲେ ଛାଡି ପାରେ ; କିନ୍ତୁ ତୁମେ ମୋତେ ଛାଡିବ ନାହିଁ । ତୁମେ ମୋର ଭାଇ ବ୍ରଜମୋହନ ଯେ । ତୁମେ ମୋତେ ଛାଡିବ କିପରି ? ଭାଇ, ଦିନେ ବ୍ରଜମୋହନ ପ୍ରେମର ମନ୍ତ୍ର ଉଚ୍ଚାରି ସମଗ୍ର ହିନ୍ଦୁ ସଂସାରକୁ ମୁଗ୍ଧ କରିଥିଲେ ଓ ପୃଥ୍ୱୀ ପ୍ରଳୟପ୍ରାପ୍ତ ହେବାଯାଏ କରୁଥିବେ । ଆଜି ଆଉଥରେ ଗୋଟିଏ ବ୍ରଜମୋହନ ପ୍ରେମର ମନ୍ତ୍ର ଉଚ୍ଚାରି ସମଗ୍ର ଉତ୍କଳକୁ ପ୍ରେମରେ ଭସାଇବାକୁ ଉଦ୍ୟତ । କିନ୍ତୁ ତାଆଠାରେ ମୋର ପ୍ରେମର ଖୁବ୍ ତାଡଣା ବେଶି । ମୁଁ ଛାଡିଲେ ସୁଦ୍ଧା ସେ ମୋତେ ଛାଡିବ ନାହିଁ । ମୋତେ ଆଲିଙ୍ଗନ କରି ପ୍ରେମାଶ୍ରୁରେ ମୋର ଶରୀରକୁ ସିକ୍ତ କରୁଥିବ । ଭାଇ, ମୁଁ କେଡେ ଭାଗ୍ୟବାନ୍ କହ ତ !

ମୁଁ ବଡଦିନ ଛୁଟିରେ ବ୍ରହ୍ମପୁରକୁ ଯିବି ବୋଲି ଭାବୁଛି । ସେଠାରେ ବିଚ୍ଛିନ୍ନ ଜାତିର ଭାଇମାନଙ୍କ ସଙ୍ଗେ ଦିନାକେତେ ରହି ମୋର ଉତ୍କଣ୍ଠା ମେଣ୍ଟାଇବି । ସେମାନଙ୍କ ସଙ୍ଗେ ଖେଳିବି, ସେମାନଙ୍କ ସଙ୍ଗେ ହସିବି, ସେମାନଙ୍କ ସଙ୍ଗେ ଖାଇବି, ସେମାନଙ୍କ ସଙ୍ଗେ ଶୋଇବି । ନିକଟ ଭବିଷ୍ୟତରେ ଆମ୍ଭମାନଙ୍କର ମହାସମ୍ମିଳନୀରେ ଅପୂର୍ବ ମିଳନ ହୋଇଥାନ୍ତା କିନ୍ତୁ ବୃଟିଶ ଗଭର୍ଣ୍ଣମେଣ୍ଟ କି ତାହା କରିବାକୁ ଦେବ ? କୁଟିଳ ନୀତିଚକ୍ରର ଆବର୍ତ୍ତନରେ ପଡି ହାଡ ଭାଙ୍ଗି ଗଲାଣି । ତଥାପି ତାର ସଧ ମେଣ୍ଟି ନାହିଁ ; କିନ୍ତୁ ଈଶ୍ୱର କଣ ଆମ୍ଭମାନଙ୍କୁ ଚିରକାଳ ଏପରି ରଖିଥିବେ ? ଅବଶ୍ୟ ଦିନେ ଦୁଃଖର ଅବସାନ ହେବ । ବିଚ୍ଛେଦରେ ପ୍ରେମର ମାତ୍ରା ବଢ଼େ ସିନା ।

ମୋର ପଢ଼ାଶୁଣା କିଛି ହେଉନାହିଁ ବୋଲିଲେ ଚଳେ । ନ ହେଉ, କଣ କରିବ ? ଗତବର୍ଷ ମୋର ସ୍ୱାସ୍ଥ୍ୟର ଯେ ଶୋଚନୀୟ ଅବସ୍ଥା ହୋଇଥିଲା ଆଜିଯାଏ ତାର ଉନ୍ନତି ହୋଇ ନାହିଁ । ଈଶ୍ୱରଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ ହେଉ । ମନୁଷ୍ୟ ଭଗବଦିଚ୍ଛାର ଅଧୀନ । ପ୍ରଥମ ଭାଇ ହେଉଁଯାକ ଯାହା

କରି ପାରିବା, ସେଥିରେ ସନ୍ତୁଷ୍ଟ ଥିବା । ସମ୍ମୁଖରେ ଯେ ମହାସଂ ବର୍ତ୍ତମାନ ପ୍ରାଣ ପଣେ ତହିଁରେ ଜୀବନ-ଆହୁତି ପର୍ଯ୍ୟନ୍ତ ଦେବାକୁ କୁଣ୍ଠି ହେବା ନାହିଁ । ତୁମ୍ଭର ପ୍ରେମ ମନ୍ତ୍ରରେ ମୁଗ୍ଧ ହୋଇ ମୋର କା କରିବ ।

ଆଜ ମା' ବୀଣାପାଣିଙ୍କ ବରପୁତ୍ର ଗୋପବନ୍ଧୁଙ୍କଠାରୁ ଚିଠିଏ ପା ଆସିଛି । ତହିଁର ଉତ୍ତର କାଲି ଦେବ ବୋଲି ଭାବୁଛି ।

ଗଙ୍ଗାଧର ବୋଧ କଣ କରୁଛନ୍ତି ? ମୁଁ ତାଙ୍କ ସମ୍ବନ୍ଧରେ ମୋ ପ୍ରତିଜ୍ଞା ପାଳନ କରିବାକୁ ମନସ୍ଥ କରିଛି । ଦେଖାଯାଉ, କେତେ ଦିନ ଯା ଏ ପ୍ରତିଜ୍ଞା ପାଳନ କରିବାକୁ ପଡ଼ିବ ?

ମୋର କୁଶଳ । ତୁମ୍ଭର କୁଶଳ ସମାଚାର ଲେଖିବ । କଲିକତ ପ୍ରବାସୀ ମୋର ସମ୍ବଲପୁର ଭାଇମାନଙ୍କୁ ମୋର ଅନ୍ତରର ପ୍ରେମ ଜଣାଇବ

ତୁମ୍ଭର
ଭାଇ



( ୪ )

କଲେଜ ହଷ୍ଟେଲ
କଟକ

ଶ୍ରୀ ମା- ୧୨ । ୨ । ୧୪

ଭାଇ ବ୍ରଜମୋହନ,

ତୁମଠାରୁ ଅନେକ ପତ୍ର ଲେଖେଁ, ମୋର ସେହି ପୁରୁଣା କୈଫିୟତର କଥା ମନେ ପଡ଼େ । ତୁମଠାରେ ସବୁବେଳେ ମୁଁ ଦୋଷୀ, ବିଶେଷତଃ ପତ୍ର ଦେବାରେ । ପତ୍ର ଦେବା ପାଇଁ ମୁଁ କାହିଁକି ଏତେ କୁଣ୍ଠିତ, ମୁଁ ଜାଣେ ନାହିଁ । ଯେଉଁମାନଙ୍କର ଜୀବନ ସଙ୍ଗେ ମୋର ଜୀବନ ପ୍ରେମର ଶୁଭ୍ର ବନ୍ଧନରେ ବନ୍ଧା, ଯେଉଁମାନଙ୍କଠାରୁ ବହୁ ଦୂରରେ ରହି ମୁଁ ସର୍ବଦା ବିରହ-ବେଦନା ଅନୁଭବ କରୁଛି, ସେମାନଙ୍କ ନିକଟକୁ ହୃଦୟର କଥା ଖୋଲି କରି ଲେଖିବା ପାଇଁ ମୁଁ ଏତେ ନାରାଜ କାହିଁକି ? ସେମାନଙ୍କର ହୃଦୟର କଥା ନ ଶୁଣିଲେ ଯେ ମୋର ମନ ଶାନ୍ତି ହୁଏ ! ଭାଇ, ମୋତେ ଏ ଆଳସ୍ୟ କେବେ ଛାଡ଼ିବ ? ମୁଁ ଯଦି ସବୁବେଳେ କାର୍ଯ୍ୟରେ ବ୍ୟସ୍ତ ଥାନ୍ତି ତାହାହେଲେ ମୁଁ ମୋର ପ୍ରାଣର ଭାଇମାନଙ୍କ ନିକଟକୁ ପତ୍ର ନ ଲେଖିଲେ ଶୋଭା ପାଆନ୍ତା କିନ୍ତୁ ମୁଁ ଯେ ସବୁବେଳେ ଅଳସୁଆ ! ଆଳସ୍ୟ ମୋର ଏକମାତ୍ର ଉପାସ୍ୟ ଦେବତା ହୋଇ ପଡ଼ୁଛି ! ପଢ଼ିବା ବିଷୟରେ ଯେପରି ଅବହେଳା, ଲେଖିବା ବିଷୟରେ ମଧ୍ୟ ତଦ୍ରୂପ । ଭବିଷ୍ୟତରେ ମୁଁ କେଉଁ କାର୍ଯ୍ୟ କରି ପାରିବି ? ମା ସମ୍ବଲପୁର ମୋତେ କେତେ ଯତ୍ନରେ ପାଳୁଛି ! ତା'ର ଦେହର ରକ୍ତ ଦେଇ ମୋର ଜୀବନ ରକ୍ଷା କରୁଛି ; କିନ୍ତୁ ମୁଁ କୃତଘ୍ନ ! କି ପାପୀ ! ମୁଁ ମା'ର କାର୍ଯ୍ୟ କରି ପାରିବି ନାହିଁ । ସବୁଦିନ ମାମୁ ଝର ଝର ମସ୍ତାଗୁଣ୍ଡା କରୁଥିବ । ଭାଇ, ଏ ବିଷୟରେ ଭାବିଲା ବେଳକୁ ପ୍ରାଣ କାନ୍ଦି ଉଠୁଛି । ମୋର ସକଳ ଆଶା ଭରସା ନୈରାଶ୍ୟର ତମୋମୟ ଗର୍ଭରେ ବିଲୀନ ହୋଇ ଯାଉଛି । ମୁଁ ଯେଉଁ ଆଡ଼କୁ ଅନାଉଛି, ଅନ୍ଧକାର......ଘୋର ଅନ୍ଧକାର— ବିଭୀଷିକାମୟ ଅନ୍ଧକାର । ଏ ଅନ୍ଧକାର ମଧ୍ୟରେ ଛୁଡ଼ା ହୋଇ ମୋତେ କିଏ କର୍ତ୍ତବ୍ୟ ପଥକୁ ଟାଣି ନେବ । ମୋର ଏ ଅସାର ଜୀବନରେ ଖାଲି ହେଲ ମୋର

ଜୀବନକୁ କିଏ ପାର କରିବ ? ସେ ଶାଶ୍ୱତ ଆଲୋକ— ଅନ୍ଧକାରରେ ଆଲୋକ, ସେ ଏକା ମୋତେ ରକ୍ଷା କରି ପାରନ୍ତି । ତାଙ୍କ କୃପା କଟାକ୍ଷ ନ ହେଲେ ମୁଁ ଭାସିଯିବି, ତୁମର ଭାଇ ଭାସିଯିବ । ବର୍ତ୍ତମାନ ମୋର ଏକମାତ୍ର ଭରସା ସ୍ଥଳ ସେହି ବିଶ୍ୱନିୟନ୍ତା ଚିଦାନନ୍ଦମୟ ଶାଶ୍ୱତାଲୋକ-ମୟ କରୁଣା ନିଧାନ ପରମେଶ୍ୱର ।

ମୁଁ ତୁମଠାକୁ ପତ୍ର ଲେଖେ ନାହିଁ ବୋଲି ତୁମ ମନରେ କଷ୍ଟ ହୁଏ ; କିନ୍ତୁ ସେହି କଷ୍ଟ ମୋତେ ଅପୂର୍ବ ଆନନ୍ଦ ଦିଏ । ତୁମେ ମୋର ଅବହେଳା ଅନୁଭବ କର, ଅନୁଭବ କରି ସନ୍ତପ୍ତ ହୁଅ । ତୁମ ସନ୍ତାପ ଆସି ମୋର ମନରେ ସୁଖ ଦିଏ । ମୁଁ ଭାବେ ଯେ ମୋର ଭାଇ ମୋର ଅବହେଳା ଯୋଗୁଁ ଦୁଃଖ ପ୍ରକାଶ କରେ । ସେ ମୋତେ ସ୍ନେହ କରେ ବୋଲି ସିନା ତାର ଏ ଦୁଃଖ ! ତାର ସେ ନିଃସ୍ୱାର୍ଥ ସ୍ନେହହିଁ ମୋର ଏକମାତ୍ର ସୁଖ । ସେହି କେବେ ମୁଁ ତ ତାକୁ ଚିହ୍ନି ପାରିଲି ନାହିଁ ! ତାକୁ ମୁଁ କେତେ ଥର ପଚାରିଛି, "ତୁମେ କିଏ ?" କିନ୍ତୁ ସେ ମୋତେ କୌଣସି ଉତ୍ତର ଦିଏ ନାହିଁ । ସେ ମଧ୍ୟ "କିଏ ତୁମେ" କହି ବ୍ୟସ୍ତ । ସେ ଚିର ହାସ୍ୟମୟ କୁସୁମ କଳିକା ନିକଟକୁ ଯାଇ, ଶୁକ୍ଳ-ଶୋଭିତ ଜ୍ୟୋତ୍ସ୍ନା ଧଉଳ ଧବଳିତ ବେଳାଭୂମି" ନିକଟକୁ ଯାଇ କାହାକୁ ଖୋଜୁଛି, ମୁଁ ତ ଜାଣେ ନାହିଁ । ସଂସାରର ଏ ସକଳ ଖୋଜା ଦେଖି ସେ କେଉଁ ଅପୂର୍ବ ଖୋଜାର କଥା ମନେ ପକାଉଛି, ସେ ଏକା ଜାଣେ । ଭାଇ, ତାକୁ କହିବଟି, ସେ ମୋତେ ସେ ଖୋଜାର ନିଧାନ ନିକଟକୁ ନେଇ ଯିବେ କି ?

ମୁଁ ଏଥି ପୂର୍ବେ ତୁମଠାକୁ ଖଣ୍ଡିଏ ପତ୍ର ଦେଇଛି । ସେ ଉତ୍ତର ପ୍ରତ୍ୟାଶାରେ ମୁଁ ବ୍ୟାକୁଳ ପ୍ରାଣ ହୋଇ ରହିଛି । ପ୍ରତିଦିନ ପୋଷ୍ଟ ପିଅନ ନିକଟକୁ ଯାଇ ନିରାଶ ହେଉଛି । ଏହି ମଧ୍ୟରେ ଦୁଇଜଣ ପୋଷ୍ଟ ପିଅନଙ୍କ ପରିବର୍ତ୍ତନ ହୋଇ ସାରିଛି । ଆଜିକାଲି ଯେ ନୂଆ ପୋଷ୍ଟ ପିଅନ ଅଛି ସେ ତ ମୋର ଭାଇର ପତ୍ର ଅନ୍ୟର ହସ୍ତଗତ କରିନାହିଁ ?

ଆଜି ସକାଳୁ ଉଠିଲା କ୍ଷଣି ହରିଶଙ୍କରକୁ ଦେଖିଲି । ସେ ମୋତେ ଦେଖିଲା କ୍ଷଣି ହସି ଦେଲା । କାହିଁକି ହସିଲା, ସେ ଜାଣେ । ଶିଶୁର ମନର କଥା ବୁଝିବାକୁ ଗଲେ ଶିଶୁ ହେବା ଦରକାର । କିନ୍ତୁ ମୁଁ ତ ଶିଶୁ ନୁହେଁ ।

ଶୈଶବ ଅତିକ୍ରମ କରି ମୁଁ ଯୌବନର କୋଳରେ ଶୟନ କରିଅଛି । ମୋର ସମ୍ମୁଖ ସେ ସ୍ୱର୍ଗୀୟ ଆଲୋକରେ ( କବି Wordsworth ଙ୍କ Heavenly Light ) ଆଲୋକିତ ନୁହେଁ, କିମ୍ବା ମୋର ଜୀବନ ସ୍ୱପ୍ନମୟ ନୁହେଁ । ମୁଁ ଯେ ବାସ୍ତବ ରାଜ୍ୟରେ ବିଚରଣ କରୁଛି । ମୁଁ ଆଜି 'Visionary dreams' କାହିଁ ପାଇବି ? ସ୍ୱର୍ଗର ଅପ୍ସରାମାନେ ଆସି ମୋତେ କୋଳ କରୁ ନାହାନ୍ତି । ବର୍ତ୍ତମାନ ମୋର ଜୀବନକୁ କାରାଗାରର ତମୋମୟ ଛାୟା ( "Shades of the prison house ) ଆଚ୍ଛନ୍ନ କରିଛି । ମୁଁ ସେ ସ୍ୱର୍ଗର ଆଲୋକ ଆଉ କାହିଁ ପାଇବି ? କିନ୍ତୁ ହରିଣଙ୍କରର ସେହି ପ୍ରଫୁଲ୍ଲ ମୁଖ ଦେଖିଲାବେଳେ ମୋର ମନେ ପଡ଼ୁଛି — "Heven has around us in our infancy"

ତୁମେ ଏଥର 'ଆଶା'ର ଦୁର୍ଦ୍ଦଶା ଦେଖିଥିବ । ସେ ତିନି ଗୁରି ସପ୍ତାହ ହେଲା ତାର ସମାଲୋଚନାର ମାତ୍ରା ବେଶି ବଢ଼ାଇଛି । ତାର ଏ ସଂଖ୍ୟାଟି ସତରେ କଳି ଗଲା । ରାଧାନାଥ ବାବୁଙ୍କ ଗଦ୍ୟ ଲେଖା ଉପରେ ତା'ର ତୀବ୍ର କଟାକ୍ଷ ! ମଧୁବାବୁଙ୍କ ଲେଖାକୁ ସେ ଲେଖାରେ ଗଣନା କରୁ ନାହିଁ । × × × ଉତ୍କଳ ସାହିତ୍ୟ କାନନର ପାରିଜାତ ଫୁଲ ଦଉଟି ତାଙ୍କ ସମାଲୋଚନା-ଝଞ୍ଜା-ବାତ ଦ୍ୱାରା ସେ ମଉଳାଇ ଦେବାକୁ ଇଚ୍ଛା କରିଛନ୍ତି । କି ଦୁରାଶା ? ଯଦି ମୋର ଶକ୍ତି ଥାନ୍ତା, ତା ହେଲେ ଇଅଙ୍କ ସମ୍ପାଦକପଣ ଦେଖନ୍ତି ! ପୃଷ୍ଠି କ'ଣ ନା, ଆଉ କିଏ ବୁଝିଛି ଅଛନ୍ତି ଯେ, ଉତ୍କଳ ସାହିତ୍ୟର ପ୍ରବନ୍ଧ ଗୁଡିକ ସେମାନଙ୍କର ମନକୁ ଆସୁ ନାହିଁ । ସେମାନେ କେଉଁ ସାହିତ୍ୟ ବାହାର କରିବେ ; ସେଥିରେ ବା କେଉଁ ଲିପି ସଂସ୍କାର ଥିବ; ସେମାନେ ଜାଣନ୍ତି । ଏହିଟା ଓଡ଼ିଶାର ସେହି ସ୍ୱାର୍ଥତ୍ୟାଗୀ ମାନଙ୍କ କାର୍ଯ୍ୟ । ଉଥ ବର୍ଷର ସେମାନଙ୍କ ହାତରେ ପଡ଼ ପିଲ୍ଲା ପ୍ରାୟ ଯାଉଛି । ଧନ୍ୟ ସେମାନଙ୍କ ସ୍ୱାର୍ଥତ୍ୟାଗ । ସ୍କୁଲଟାଏ କରି ବାହାରଙ୍କୁ ସ୍ୱାର୍ଥ ତ୍ୟାଗ ଦେଖାଇ ହେଉଛନ୍ତି । × × ×

ଲେଖୁଁ ଲେଖୁଁ କିଣ ଗୁଡାଏ ଲେଖି ପକାଇଲି । ଏଥର ସାହିତ୍ୟରେ ଏ ସମ୍ବନ୍ଧରେ ଦୁଇ ଗୁରି କଥା ଶୁଣିବ । ସାହିତ୍ୟର ଛାପା ଆରମ୍ଭ ହେଲାଣି ।

ତୁମେ ଆଜଯାଏ କିଛି ପଠାଇ ନାହଁ ବୋଲି ତୁମ୍ଭର ପୁରୁଣା କବିତା ମଧ୍ୟରୁ ଗୋଟିଏ ଦୁଇଟି ସାହିତ୍ୟରେ ଦେବେ ବୋଲି ବିଶ୍ୱନାଥ ବାବୁ କହୁଥିଲେ । ଏଥର ମୁଁ ବାହାରିବ କି ନା, ତୁମେ ଏକା ଜାଣି ପାରିବ ।

ତୁମ୍ଭର ଶାରୀରିକ କୁଶଳ ତ ! ମୁଁ କୁଶଳରେ ଅଛି । ପରଶୁରାମ ଓ ବଂଶୀଧର* ମଧ୍ୟ କୁଶଳରେ ଅଛନ୍ତି । ସେମାନେ ତୁମ୍ଭର ସ୍ନେହର ମୂର୍ତ୍ତି ସବୁବେଳେ ମନେ ପକାନ୍ତି । ସମ୍ବଲପୁରୀ ଭାଇମାନେ ମଧ୍ୟ କୁଶଳରେ ଅଛନ୍ତି । ମୋର Cowper ଭାଇ କିପରି ? ଆଉ ଭାଇମାନଙ୍କୁ ମୋର ସ୍ନେହ ଦେବ । 'କଲ୍ୟାଣୀ'ଟା ଲକ୍ଷ୍ମୀନାରାୟଣ ବାବୁଙ୍କ whim ପରି ଜଣା ପଡୁଛି । ଏ ବିଷୟରେ ପରେ ଲେଖିବ ।

ତୁମ୍ଭର
ଭାଇ
ଦୟାନିଧି

* ପରଶୁରାମ ଓ ବଂଶୀଧର ଦୟାନିଧିଙ୍କ ଦୁଇ ଅନୁଜ । ପରଶୁରାମ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି — ଡକ୍ଟର ପରଶୁରାମ ମିଶ୍ର । ବଂଶୀଧର ମିଶ୍ର ପୋଲିସ ସବଇନସପେକ୍ଟର ଥିଲେ ।

( ୫ )

ଓଁ ମା-

କଲେଜ ହଷ୍ଟେଲ
କଟକ
ତା ୪ । ୩ । ୧୪

ଭାଇ,

ତୁମେ ମତେ ଏତେ ସ୍ନେହ କର ! ପ୍ରାଣଭରି ସ୍ନେହ କର ! ମୋର ପତ୍ର ପଢ଼ି ତୁମେ କାନ୍ଦିଲ । କାନ୍ଦି କାନ୍ଦି ତୁମେ ଶୋଇ ପଡ଼ିଲ । ଭାଇ, ମୁଁ ତ ଏହା ଜାଣି ନ ଥିଲି ! ମୁଁ ଭାବିଥିଲି, ମୁଁ ସଂସାରରେ ନିଃସହାୟ । କିନ୍ତୁ ଦେଖୁଛି ମୋର ଭାବନା ଭ୍ରାନ୍ତି ମୂଳକ । ମୋର ସମ୍ପୂର୍ଣ୍ଣ ଅଜ୍ଞାତରେ ମୋର ଭାଇର ହୃଦୟ ମୋର ପାଇଁ କାନ୍ଦେ । ତାର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୁଏ ! ମୁଁ ଅଳସୁଆ ବୋଲି ସେ ଖାତିର ନ କରି ମୋତେ ଭାଇ ବୋଲି ସେ ସ୍ନେହ କରେ । ଭାଇ, ଏବେ ଦେଖି ପାରୁଛି ତୁମର ରକ୍ତ ଓ ମୋର ରକ୍ତ ଏକ । ଗୋଟିଏ ମା'ର କୋଳରେ ବର୍ଦ୍ଧିତ ହୋଇ ଆମେ ଦୁହେଁ ସମଭାବାପନ୍ନ । ପାର୍ଥକ୍ୟ କେବଳ ଏତିକି ମୁଁ ଅଳସୁଆ ଏବଂ ତୁମେ କର୍ମଠ । ମୋର ପତ୍ର ପାଇଲାକ୍ଷଣି ତୁମେ ପତ୍ର ନ ଲେଖି ରହି ପାରିଲ ନାହିଁ ; କିନ୍ତୁ ମୁଁ କ'ଣ କଲି ? ତୁମ ପତ୍ର ପାଇ ସୁଦ୍ଧା ଆଜଯାଏ ନିରୁତ୍ତର ; ମୁଁ କାହିଁକି ନିରୁତ୍ତର, ମୁଁ ଜାଣେ ନାହିଁ କିମ୍ବା ଜାଣିବାକୁ ଚେଷ୍ଟା କରୁ ନାହିଁ । ଏହା ଅବଶ୍ୟ ତୁମକୁ କଷ୍ଟ ଦେଉଥିବ । କିନ୍ତୁ ମୁଁ କଣ କରିବି ? ମୋର ଏ ଆଳସ୍ୟ ପାଇଁ ସଭର୍ଷ ମୋର ଉପରେ ବର୍ତ୍ତୁ । କିନ୍ତୁ ମୁଁ ଯେତେ ଦିନ ଯାଏ ଜାଣୁଥିବି, ଯେ ମୋର ଆଳସ୍ୟ ସକାଶେ ତୁମ ମନରେ କଷ୍ଟ ହୁଏ, ମୁଁ ସୁଖୀ ହେବି ।

ଭାଇ, ତୁମେ କାହିଁକି ମୋତେ କାଉ ପାହାଡ଼ ଶିଖରକୁ ନେଇ ଭୁଲି ଯାଇଛ, ମତେ ଘନକୃଷ୍ଣ ମେଘ ଭଳି ମନ ମଧ୍ୟରେ ଅନେକ ଆଶା ପୋଷଣ କରିଛ । ତୁମ ପ୍ରେମ ବଳରେ ସେ ମେଘକୁ କନ୍ଦାଇ, ତା'ର ଅଶ୍ରୁ ନିଚୟ ତୁମର ଜୀବନ ମରୁର ସଙ୍ଗେ ମିଳିତ କରିବ । କେଜାଣି କା ତୁମେ କରି ପାର । ତୁମ 'ଈଶ୍ୱର ପ୍ରେମ' ବଳରେ ଅସମ୍ଭବକୁ ସମ୍ଭବ

କରି ପାର । ତୁମର ହୃଦସ୍ଥ ଯେ ଆଶା ପୂର୍ଣ୍ଣ । ତୁମେ ଅନ୍ଧକାରରେ ଆଲୋକ ଦେଇ ପାରୁଛ । କିନ୍ତୁ ଭାଇ, ମୋର ତ ସେ ଆଶା ନାହିଁ । ମୁଁ ତୁମକୁ ହୃଦୟ ଖୋଲି କହୁଛି, ମୋର ସେ ଆଶା ନାହିଁ । ତୁମେ ଯଦି ଏଠେଇଁ ଥାନ୍ତ, ତାହାହେଲେ ତୁମେ ନିଜେ ଦେଖି ପାରନ୍ତ । ଦେଖି ନ ବାଢ ଚିହ୍ନି ପାରନ୍ତ ନାହିଁ । ମୁଁ କର୍ତ୍ତବ୍ୟ ପଥରୁ ଅନେକ ଦୂରକୁ ଖସି ଯାଇଛି । ମୁଁ ସେହି ଘନକୃଷ୍ଣ ମେଘ । ଧଳା ହୋଇଥିଲେ ମୁଷଳ ଧାରାରେ ବାରି ବର୍ଷଣ କରି ତୁମ କର୍ତ୍ତବ୍ୟ ସ୍ରୋତରେ ଅଙ୍ଗପୁଷ୍ଟ କରନ୍ତି, କିନ୍ତୁ ମୋର ତ ସେ ସୌଭାଗ୍ୟ ନାହିଁ । ମୁଁ କଳା ମେଘ ପ୍ରାୟେ ଧାଉଛି ; କିନ୍ତୁ ପଣ୍ଡୁର* ମେଘ ଯିନା ବୃଷ୍ଟି ଧାରା ଦେଇ ଧରଣୀର ବକ୍ଷକୁ ଶୀତଳ କରେ । ଯଦି ଈଶ୍ୱରଙ୍କ ଇଚ୍ଛା ହୁଏ, ତାହାହେଲେ ବା ତୁମେ ମତେ ଧଳା କରି ପାର । ତୋମାର ଏକାନ୍ତ ଭରସା, ଈଶ୍ୱର ଏହା କରିବେ । ତାହାହେଲେ ମୁଁ ଆନନ୍ଦରେ ମୋର କର୍ତ୍ତବ୍ୟ କରି ମୁଁ ସୁଖୀ ହେବି ।

ଲରମ୍ବାରୁ ଚିଠି ପାଇଥିଲି ? ହରିଶଙ୍କର କିପରି ଅଛି ? ତୁମ ମାଆର ଆରୋଗ୍ୟ ଲାଭ କଲାଣି ? × × ଏ ମଧ୍ୟରେ ମୁଁ ଯେପରି ଦୁଃଖରେ କାଳ କାଟିଛି ନିକଟରେ ଥିଲେ ଦେଖିଥାନ୍ତ । ତୁମର ଆରୋଗ୍ୟ ଖବର ପାଇଲେ ମୋର ତାପିତ ପ୍ରାଣ ଶୀତଳ ହେବ ।

ମୋର Cowper ଭାଇ କିପରି ଅଛନ୍ତି ? ସେ କଣ ଆଉ ମୋର ପାଖକୁ ପତ୍ର ଲେଖିବେ ନାହିଁ । ତାଙ୍କର ଦୁଃଖୀ ଭାଇକୁ ଏତେ ବେଳରେ ଭୁଲି ଯିବେ ? ମୋର ତ ସେ ବିଶ୍ୱାସ ହେଉ ନାହିଁ । ଭାଇ, ଯେତେକ କେତେ ଦିନ ହେଉଛି ମୁଁ କେତେ ଅସ୍ଥିର ହେଉଛି । ତୁମେ ଏଥିର ଯୋଗ କରି ପାରିବ ନାହିଁ ? କିନ୍ତୁ ଦେଖିବ, ଯେପରି ମୋର ପ୍ରତିଜ୍ଞା ରହିବ ଓ ଏ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ ।

---

* ପଣ୍ଡୁର— ଧଳା ( ଆଞ୍ଚଳିକ ଶବ୍ଦ )

ତୁମେ କେବେ ଲକ୍ଷ୍ନୌକୁ ଯିବ ? ତୁମ୍ଭର ବାର୍ଷିକ ପରୀକ୍ଷା କେବେ ପଡୁଛି ? ମୋର Cowper ଭାଇ କେବେ ଯିବେ ? ଏଥର ଗଲେ ଘରେ କି କାମ କରିବେ ?

ତୁମ୍ଭେ ସାହିତ୍ୟ ପତ୍ର ପାଇଲଣି । ଛପି ସଂସ୍କାର ସମ୍ବନ୍ଧରେ ବିଶ୍ୱନାଥ ବାବୁ ଯାହା ଲେଖିଛନ୍ତି, ତୁମ ମନକୁ ଆସିଲା ତ ? 'ନଦୀ' ମଧ୍ୟ ରାଧାନାଥ ବାବୁଙ୍କ ଗଦ୍ୟ ରଚନାର ସୁସମାଲୋଚନା କରି ତାଙ୍କ 'ଛୀପା ଖାତା'କୁ ସର୍ବାଙ୍ଗ ସୁନ୍ଦର କରିଛନ୍ତି । ଆଜକାଲି ଆମ ଦେଶକୁ କି ହାଉଆଟାଏ ଆସିଛି ମୁଁ ବୁଝି ପାରୁ ନାହିଁ ; ଏଇଟା ସମାଲୋଚନାର ଯୁଗ ସତ !

× × × ×

ମୋର ଶାରୀରିକ କୁଶଳ । ଆଶା କରେ ତୁମେ ଆରୋଗ୍ୟ ଲାଭ କରି ସାରିଥିବଣି । ମୋର ସମ୍ବଲପୁରୀ ଭାଇମାନଙ୍କୁ ମୋର ସ୍ନେହ ଅର୍ପଣ କରିବ । ମୋର ଆଳସ୍ୟ ଉପରେ ଭ୍ରୂକ୍ଷେପ ନ କରି ଶୀଘ୍ର ପତ୍ର ଦେବ ।

ତୁମ୍ଭର ଭାଇ
ଦୟାନିଧି



( ୭ )

College Hostel
Cuttack
10-3-14

ଓଁ ମା-

ଭାଇ ,

ଏଥର ଭାବିଥିଲି ଯେ ତୁମଠାକୁ କଦାକେବେ ପତ୍ର ଦେବି ନାହିଁ । ଏହା ଦ୍ୱାରା ଯେ କିଛି ନୂଆ କରିଥାନ୍ତି ତାହା ନୁହେଁ । ଚିରକାଳ ଯାହା, ଆଜି ମଧ୍ୟ ତାହା ହୋଇଥାନ୍ତା । ଫଳ କେବଳ ଏତିକି—ମୁଁ ନିଜେ ଅପରାଧହୋଇ ତୁମକୁ ଅପରାଧ କରିଥାନ୍ତି । କିନ୍ତୁ ଦେଖୁଛି, ତୁମେ ତାହା କରିବାକୁ ଦେବ ନାହିଁ । ମୁଁ ଘଟ[illegible]ବସିଲେ ନୂତନ ଗୁଞ୍ଜିବ ନାହିଁ । ସେହିଛା ମୋର ଶରୀରର ପ୍ରତ୍ୟେକ ରକ୍ତ, ପ୍ରତ୍ୟେକ ଶିରାରେ ଅନୁଭୂତ ହେଲେ ସୁଦ୍ଧା, ମୁଁ କଥାରେ ପ୍ରକାଶ କରି ପାରିବି ନାହିଁ । ମୁଁ କେବଳ ଏତିକି ଜାଣେ ଯେ ତୁମ୍ଭ ଚିଠି ନ ହେଲା ବେଳୁ କିଏ ଆସି ମୋର କାନେ କାନେ କହୁଛି — "ଚିଠି ଲେଖ··· ଚିଠି ଲେଖ ।" ମୁଁ ସେ ଅଜ୍ଞାତ ଆଦେଶ ନ ମାନି ରହି ପାରିଲି ନାହିଁ ।

ତୁମେ ଆରୋଗ୍ୟ ଲାଭ କରି ନଥିବା ସମ୍ବାଦ ଶୁଣି ଚିନ୍ତିତ ହେଲି । ତୁମ ଶରୀରର ଅସୁସ୍ଥତା ଏଥର ପତ୍ର ଦେବାରେ ବିଳମ୍ବ ଘଟାଇଛି । ପୁଣି ଏ ଭିତରେ ଭଲ ଭାବରେ ପଢ଼ି ନାହିଁ ବୋଲି ଭୟ କରୁଛ । "ବୋଝ ଉପରେ ନଳିତା ବିଡ଼ା ।" ଆଶା କରେ ଈଶ୍ୱର ଅଚିରେ ତୁମ୍ଭର ଏ କାୟିକ ଓ ମାନସିକ ବେଦନା ଦୂର କରିବେ । ତୁମ୍ଭର ମନ ନିଶ୍ଚିନ୍ତ ହେବାର ଶୁଣିଲେ ମୋର କର୍ତ୍ତବ୍ୟ-ଅବହେଳା ଜନିତ କଷ୍ଟ କିଞ୍ଚିତ ପରିମାଣରେ ଅପସୃତ ହେବ ।

ଏ ମଧ୍ୟରେ ଏଠାରେ କଟକ ପ୍ରବାସୀ ସମ୍ବଲପୁରୀ ଛାତ୍ରମାନଙ୍କ ସାନ୍ଧ୍ୟ ମିଳନ ହୋଇଥିଲା । ପ୍ରବେଶିକା ପରୀକ୍ଷାର୍ଥୀ ସମ୍ବଲପୁରୀ ଛାତ୍ରମାନଙ୍କ ସଙ୍ଗେ ସେଦିନ ସୁଖରେ ଦୁଇ ସ୍ତୁର ଘଣ୍ଟା କାଳ କଟାଇଥିଲୁ । ପ୍ରେମାଶ୍ରୁରେ

ସିକ୍ତ କରି ସେ ଦିନ ଭାଇ ଭାଇକୁ ଆଲିଙ୍ଗନ କରିଥିଲି । ମୋର ବିଶ୍ୱାସ ତୁମ୍ଭେ ଏ ସମ୍ବାଦ ଶୁଣିଲେ ତୁମ୍ଭର ଗଣ୍ଡଦେଶ ମଧ୍ୟ ପ୍ରେମାଶ୍ରୁରେ ସିକ୍ତ ହେବ । ମୋର Cowper ଭାଇଙ୍କୁ କହିବ ଗତବର୍ଷ ସେ ଯଜ୍ଞର ସୂତ୍ରପାତ କରିଥିଲେ, ଏ ବର୍ଷ ମଧ୍ୟ ତାର ଅନୁଷ୍ଠାନ ହୋଇଛି ।

ତୁମେ ଅପ୍ରେଲ ପନ୍ଦର ବେଳକୁ ଲରମ୍ବା ଯିବ ବୋଲି ଲେଖିଛ । ମୁଁ କିନ୍ତୁ ସେହି ମାସ ପ୍ରଥମ ଭାଗରେ ଏଠାରୁ ବାହାରିବି । ସମ୍ବଲପୁର ବାଟେ ଯାଇ "ମୋର ଦରିଦ୍ର ଭାଇ"କୁ ଅନୁଗୃହୀତ କରିବି ବୋଲି ଭାବିଛି । କେଜାଣି ଯଦି ପରିବାରର ଆକର୍ଷଣ ବାଧା ଦିଏ; କିନ୍ତୁ ମୋର ବିଶ୍ୱାସ ତାହା ହେବ ନାହିଁ । ପରିବାରର ଆକର୍ଷଣ ଏତେ ସ୍ୱାର୍ଥପର ନୁହେଁ ଯେ ଅନ୍ୟ ଆକର୍ଷଣ ଗୁଡ଼ିକୁ ଅବହେଳା କରି ମୋତେ ତା ଆଡ଼କୁ ଟାଣି ନେବ।

ବିଶେଷତଃ ବ୍ରଜମୋହନଙ୍କ ଆକର୍ଷଣକୁ × × × × । ଅନେକ ଦିନ ହେଲା ଲରମ୍ବା ଦେଖି ନାହିଁ । ତୁମ୍ଭ ବାପାଙ୍କ ସଙ୍ଗେ ମଧ୍ୟ ମୋର ସାକ୍ଷାତ ହୋଇ ନାହିଁ । ଯଦି ଈଶ୍ୱରଙ୍କ ଅନୁକୂଳ ଇଚ୍ଛା ହୁଏ, ତାହା ହେଲେ ମୋର ମନର ସଧ ଶୀଘ୍ର ମେଣ୍ଟାଇବି ।

ମୋର Cowper ଭାଇ 'ସମ୍ବଲ-ସାରଥିଙ୍କ ଆଦରର ଯାଦ' ହେବାକୁ ଚେଷ୍ଟା କରୁଥିବାର ଶୁଣି ସୁଖୀ ହେଲି । ସେ ତୁମ୍ଭର କବିତା ପଢ଼ି ମୁଗ୍ଧ-ପ୍ରାଣ ହୁଅନ୍ତି ।××× ମୋର Cowper ଭାଇ ସବୁବେଳେ କହନ୍ତି, ଅମିତ୍ରାକ୍ଷରରେ ଭାବ ପ୍ରକାଶ କରିବା ସୁବିଧା । ମିତ୍ରାକ୍ଷର ଛନ୍ଦର ବନ୍ଧନ ଭାବନା ସ୍ରୋତର ସ୍ୱାଧୀନ ଗତିକୁ ରୋଧ କରେ । ଦେଖାଯାଉ; ସେ ଅମିତ୍ରାକ୍ଷର ଲେଖ୍ୟରେ କ'ଣ କରୁଛନ୍ତି, କିନ୍ତୁ ତାହା ବୋଲି ଅମିତ୍ରାକ୍ଷର ମିତ୍ରାକ୍ଷର ଅପେକ୍ଷା ସହଜ ନୁହେଁ, କିମ୍ବା ମିତ୍ରାକ୍ଷର ପରି ଶ୍ରୁତିମଧୁର ନୁହେଁ । ଯାହାର ଯେଉଁଆଡ଼େ ରୁଚି, ସେ ତାହା କରିବ । ଗତ ବର୍ଷ ତୁମେ ମୋତେ ଭଦ୍ରକୋଳିଆ ଘାଟରେ ଗାଧୋଇବା ବେଳେ ପଚାରିଥିଲ······"ଗ୍ରୀଷ୍ମାବକାଶରେ କ'ଣ କରିବ ?" ମୁଁ କହିଥିଲି ଗୋଟା କେତେ କବିତା ଲେଖିବି ।

× × × × ×

ତମାର Cowper ଭାଇ ଅମିତ୍ରାକ୍ଷର ଛନ୍ଦରେ ଲେଖିବେ, ତୁମେ ମିତ୍ରାକ୍ଷର ଛନ୍ଦରେ ଲେଖିବ, ଆଉ ମୁଁ ଗଦ୍ୟରେ ଲେଖିବି । କିନ୍ତୁ କେତେ-କେତେବେଳେ କ'ଣ ଲେଖେଁ ତାର କିଛି ଠିକ୍ ନାହିଁ । ଯେତେବେଳେ ଯାହା ମନକୁ ଆସେ ଲେଖି ପକାଏଁ । କିନ୍ତୁ ମୋର ଲକ୍ଷ୍ୟ ହେଲା, ମୁଁ ଗଦ୍ୟରେ ଲେଖିବା ପାଇଁ ଚେଷ୍ଟା କରିବି । ପ୍ରସ୍ତାବ ତୁମ ମନକୁ ଆସିଲା କି ?

ସାହିତ୍ୟର ଛପା କାର୍ଯ୍ୟ ପ୍ରାୟ ଶେଷ ହେଲାଣି । ଏଥର 'ସ୍ୱରଙ୍ଗ' ନାହିଁ କିମ୍ବା 'ଶାରଙ୍ଗ' ନାହିଁ । କ'ଣ ଅଛି କହି ପାରୁ ନାହିଁ । କିନ୍ତୁ ଏଥର ମୋର ଗଦ୍ୟ ଲେଖା ବାହାରିବ ନାହିଁ । ଯଦି ବାହାରେ, କବିତାଟିଏ । ମୁଁ ଏଥର କିଛି ଦେଇ ନାହିଁ । ଆଗରୁ ଗୋଟିଏ କବିତା ବୈଦ୍ୟନାଥ ବାବୁଙ୍କଠାରେ ଥିଲା । ଯଦି ସେଇଟା ବାହାରି ପଡ଼େ ! ତୁମେ ସେ ?

ନୂତନ ବର୍ଷର ସାହିତ୍ୟର ପ୍ରଥମ ସଂଖ୍ୟାରେ ମୁଁ ସୁରେନ୍ଦ୍ର ସାଏଙ୍କ ଫଟୋଟିଏ ଦେବି ବୋଲି ଭାବୁଛି ।XXX

ଶୀଘ୍ର ପତ୍ର ଦେବ ।

ତୁମର

ଭାଇ

( ୭ )

ଶ୍ରୀ ମା-

କଲେଜ ହଷ୍ଟେଲ
କଟକ
୧୪।୬।୧୪

ଭାଇ ମୋର,

ତୁମ୍ଭର ପତ୍ର ପାଇ ସୁଖୀ ହେଲି । ଏ ମଧ୍ୟରେ ପୁରୀକୁ ରଥ ଯାତ୍ରା ଦେଖିବା ସକାଶେ ଯାଇଥିଲି । ପୁରୀରୁ ଆସି ତୁମ୍ଭର ପତ୍ର ପାଇଲି । ଭାବିଥିଲି, ତୁମ୍ଭର ପତ୍ର ଆଗରୁ ଆସି ମୋର ଅପେକ୍ଷାରେ ଥିବ । କିନ୍ତୁ ଆସି ଦେଖିଲି ଯେ, ଠିକ୍ ବିପରୀତ ହୋଇଛି । ତୁମ୍ଭର ପତ୍ର ଅପେକ୍ଷାରେ ମୋତେ ରହିବାକୁ ପଡ଼ିଲା । ଏଥିପାଇଁ ମୁଁ ତୁମ୍ଭଙ୍କୁ ଦୋଷ ଦେବାକୁ ଯାଉ ନାହିଁ । ବରଂ ନିଜ ଅସୁବିଧା ପ୍ରତି ଦୃଷ୍ଟି ନ ରଖି ତୁମେ ଗଭୀର ପ୍ରେମର ଅନୁରୋଧରେ ଯେ ମୋରଠାକୁ ଲେଖିଲ, ସେଥିପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି । ତୁମ୍ଭର ଶରୀରର ଅସୁସ୍ଥତା ସମ୍ବାଦ ମୋର 'ତାପିତ ପ୍ରାଣକୁ' ଆତଙ୍କ ତାପିତ କରୁଛି । ମୁଁ ନିକଟରେ ଥିଲେ ତୁମ୍ଭର ଶୁଶ୍ରୂଷା କରନ୍ତି । ତୁମ୍ଭର କଷ୍ଟ ଦୂର କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ମୋର ସେ ସୌଭାଗ୍ୟ ନାହିଁ । ଭାଗ୍ୟ-ବଶୀଭୂତ ହୋଇ ଏଣେ ତେଣେ ବୁଲୁଛି । ମୋର ବନ୍ଧୁ-ମାନଙ୍କଠାରୁ ବହୁ ଦୂରରେ ରହୁଛି । ଯଦି ମାଇବରେ ଜାଡ଼, ଭର୍ଜନରେ ଛବି, ଶୟନରେ ବା ଜାଗରଣରେ ଈଶ୍ୱରଙ୍କ ପ୍ରାର୍ଥନା କରି ତୁମ୍ଭର କଷ୍ଟର ଲାଘବ କରିପାରେଁ, ତେବେ ସେଥିପାଇଁ ମୁଁ ପ୍ରସ୍ତୁତ । ଦୁର୍ବଳ ମାନବ ଆଉ କେତେ କ'ଣ କରି ପାରେ ? କିନ୍ତୁ ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ଯଦି Cure by sympathy ବୋଲି କୌଣସି ଜିନିଷ ଥାଏ, ତାହା ହେଲେ ମୋର ଏ କ୍ରନ୍ଦନ କଦାପି ବିଫଳ ହେବ ନାହିଁ ।

× × × ×

ଯାଣ ଘରେ ବ୍ରାହ୍ମଣ ଭୋଜନ ହେଲେ ବ୍ରାହ୍ମଣର ଗୌରବ ନଷ୍ଟ ହୁଏ ନାହିଁ ; ବରଂ ଯାଣର ଗୌରବ ବଢ଼େ । Robert Bruce Wallace ପ୍ରଭୃତି ବୀରମାନଙ୍କୁ ଇଂଲଣ୍ଡ ଘୃଣା ଚକ୍ଷୁରେ ଦେଖିଥାଏ ; କିନ୍ତୁ ସ୍କଟଲଣ୍ଡବାସୀମାନେ ସେମାନଙ୍କ ମନ୍ତ୍ରମାନେ ତନ୍ମୟ ହୋଇ ସେମାନଙ୍କର ଗୌରବର କାହାଣୀ ଗାଇ ବୁଲନ୍ତି । ଏହା କରି ସେମାନେ ଅକୃତ୍ରିମ ଆନନ୍ଦ ଭୋଗ କରିଥାନ୍ତି । ଉତ୍କଳର ଘରେ ଘରେ ବୁଲି ସୁରେନ୍ଦ୍ର ସାଏଙ୍କ ଯଶୋଗୀତ ଗାଇବାକୁ ମୋର ଶକ୍ତି ନାହିଁ । ମୁଁ ଯାହା କରିପାରେ ସେଥିରୁ କ୍ଷାନ୍ତ ହେବା ଉଚିତ ହେବ କି ? ଯଦି ଈଶ୍ୱର ବାଧା ଦିଅନ୍ତି ତେବେ ନୀରବ ପୂଜାହିଁ ଏକମାତ୍ର ଆଶ୍ରୟ । ଜଗତ ମୋତେ ନିନ୍ଦା କରୁ, ଚିନ୍ତା ନାହିଁ । ସେ ନିନ୍ଦା ମୋତେ ଚନ୍ଦନ ପ୍ରାୟ ଶୀତଳ ଲାଗିବ । ମୋର ହସ୍ତରେ ବୀରକେଶରୀଙ୍କ ଅପମାନ ହୋଇ ପାରେ । ତଥାପି ମୁଁ ସଦା ସର୍ବାନ୍ତଃକରଣରେ [illegible] ପୂଜା କରିବି ଈଶ୍ୱର ମୋ ଉପରେ ବିରକ୍ତ ହେବେନାହିଁ । ତୁମେ ସୁରେନ୍ଦ୍ର ସାଏଙ୍କ ପ୍ରକୃତ ଉପାସକ ବୋଲି ଏକଥା ତୁମଠାକୁ ଲେଖିଲି । ତୁମେ ମୋର ଭାଇ ବୋଲି ଲେଖିଲି । ମୋର ଶ୍ରଦ୍ଧା ଭକ୍ତି ଅନ୍ୟ କାହାରି ମନକୁ ଆସି ନ ପାରେ କିନ୍ତୁ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ତୁମେ ସେ ପ୍ରକାରେ ଆନନ୍ଦିତ ହେବ । ପ୍ରେମାଶ୍ରୁରେ ବୀରକେଶରୀଙ୍କର ପାଦପ୍ରକ୍ଷାଳନ କରି ତୁମର ଭକ୍ତିକୁସୁମାଞ୍ଜଳି ଶ୍ରୀଚରଣରେ ଅର୍ପଣ କରିବ ।

କାଲି ମୋର ଦାଦାଙ୍କଠାରୁ ପତ୍ର ଆସିଥିଲା । ମୁଁ ତାଙ୍କଠାରେ ମୋର ଉଦ୍ଦେଶ୍ୟ ବ୍ୟକ୍ତ କରି ନ ଥିଲି । ଏଣୁକରି ଫଟୋ ହଜିଯିବା ଭୟରେ ସେ ପଠାଇଲେ ନାହିଁ । ପୁଣି ଆଜି ଲେଖିଛି , Registered Book Post କରି ପଠାଇ ଦେବେ । ତୁମଠାରେ ମୋର ଆଉରି ଗୋଟାଏ ଅନୁରୋଧ, ତୁମର ସୁମଧୁର ଭାଷାରେ ସୁରେନ୍ଦ୍ର ସାଏଙ୍କ ଜୀବନୀଟାଏ ଲେଖି ମୋରଠାକୁ ପଠାଇ ଦେବ ।

× × × ×

× × ବ୍ରଜମୋହନ ବଂଶୀ ବଜାଇ ଲଳିତା, ବିଶାଖା ପ୍ରଭୃତି ଗୋପୀମାନଙ୍କୁ ମୁଗ୍ଧ କରିପାରେ, ସେମାନଙ୍କୁ ଆତ୍ମହରା କରିପାରେ, ହୃଦ ପ୍ରେମରେ ପାଗଳିନୀ କରି ପାରେ । ସେମାନଙ୍କ ପ୍ରେମାଶ୍ରୁରେ ଗଛର ପତ୍ରମାନଙ୍କୁ ଶୁଖା କରାଇ ପାରେ । ଭାଇ, ମୋର କିନ୍ତୁ ସେ କନ୍ଦାଇବାର ଶକ୍ତି ନାହିଁ । ତୁମେ କନ୍ଦାଇଲେ ମୁଁ ହସାଇବାକୁ ଚେଷ୍ଟା କରିବି । × ×

ଶୁଣି ଦୁଃଖିତ ହେବ ଯେ, ଆମ୍ଭର ବାର୍ଷିକ ପରୀକ୍ଷା ଅପ୍ରେଲ ୧୬ ତାରିଖକୁ ଘୁଞ୍ଚିଗଲା । ଏଠାରେ ପୁଣି ସପ୍ତାହେ ବେଶି ରହିବାକୁ ପଡ଼ିବ । ଈଶ୍ୱର ଏ ବିଚିତ୍ର ଲୀଳା କି ଉଦ୍ଦେଶ୍ୟରେ କରନ୍ତି, କିଏ କହି ପାରେ ? ପୁଣି ତାଙ୍କର ଇଚ୍ଛା ହେଲେ ଆଉ ସାତ ଦିନ ଘୁଞ୍ଚି ଯାଇବ ! ହାୟ ! ମନୁଷ୍ୟର ଆଶା ଏତେ ଦୁର୍ବଳ !

ମୋର Cowper ଭାଇଙ୍କୁ ମୋର କଥା କହିଥିଲ କି ? ସେ କ'ଣ କହିଲେ ? ମୋର ପ୍ରସ୍ତାବ ସମ୍ବନ୍ଧରେ ତାଙ୍କର ମତ କଣ ? ତୁମେ ତ କିଛି ଲେଖିଲ ନାହିଁ ।

ଭାଇ, ଲରମ୍ପାରେ କେବେ ତିନିହେଁ ଯାଇ ଏକାଠେଇଁ ମିଳିବା, ସେ ଦିନ ଆଉ କେତେ ଦିନ ପରେ ଆସିବ ? ଦିନଗୁଡ଼ିକ ଭାରି ଦୁଷ୍ଟ । ସେମାନେ ପରର ସୁଖ ସହି ପାରନ୍ତି ନାହିଁ । ଯେ ସେମାନଙ୍କୁ ରହ ବୋଲି କହିବ, ସେମାନେ ତା'ର କଥା ନ ଶୁଣି ପଳେଇବେ । ପୁଣି ଯେ ସେମାନଙ୍କୁ ପଳେଇବାକୁ କହିବ ସେମାନେ ଚକା ପାଡ଼ି ଲେପଟି ହୋଇ ବସି ରହିବେ । ଛି ! ଭାଇ, ଦିନ ଦୁଷ୍ଟ ନା ମନୁଷ୍ୟର ମନ ଦୁର୍ବଳ ?

ଭଲ, ତୁମେ Theory of the state ରେ Roman triumvirate ର କଥା ପଢ଼ିଥିବ । ଆମର ଏ ମିଳନ ସେପରି ମିଳନ ନୁହେଁ ତ ? ଯଦି ତାହା ହୋଇଥାଏ; ତେବେ Caesar କିଏ Antony କିଏ, Lepidus କିଏ ? କିନ୍ତୁ ଭାଇ, ମୋତେ ଟିକେ ରାଜନୈତିକ

ମିଳନ ଭଲ ଲାଗେ ନାହିଁ । ସାନ୍ତ୍ୱଷ୍ୟକ ମିଳନର ଆସ୍ୱାଦ ଅନେକ ଉଚ୍ଚରେ । ଆମ୍ଭର ଏ ମିଳନ ଭ୍ରାତୃ ମିଳନ ! ଏହା ଆଜି ହୋଇ ନାହିଁ, ଅନେକ ଦିନ ହେଲା ହୋଇଛି । କିନ୍ତୁ ତାହା ବୋଲି, ମୁଁ ରାଜନୀତିକୁ ଘୃଣା କରୁ ନାହିଁ । ଦେଶର ସେବା କରିବାକୁ ଗଲେ ରାଜନୀତି ଜାଣିବା ଦରକାର । ମୋର ଉପରୋକ୍ତ କଥାର ଉଦ୍ଦେଶ୍ୟ ବୁଝି ପାରୁଥିବ ।

ମୋର ଶାରୀରିକ କୁଶଳ । ଈଶ୍ୱର ତୁମ୍ଭର ସର୍ବବିଧ ମଙ୍ଗଳ କରନ୍ତୁ । ଶୀଘ୍ର ପତ୍ର ଦେବ । ଇତି ।

ତୁମ୍ଭର
ଭାଇ
ଦସ୍ତାବଧି

( ୮ )

ଓଁ ମା-

କଲେଜ ହଷ୍ଟେଲ
କଟକ
ତା ୧୫।୬।୧୪

ପ୍ରିୟତମ ଭାଇ,

କାହିଁକି ପତ୍ର ଲେଖିବ ? ସାନ୍ତ୍ୱନା ଦେବାକୁ ? ମୁଁ ଯେ ନିଜକୁ ସାନ୍ତ୍ୱନା ଦେଇ ପାରୁ ନାହିଁ । ବିଧାତାର ଏ ଦାରୁଣ ଶାସ୍ତି ଦେଖି ମୁଁ ସ୍ତବ୍ଧ ହୋଇଛି । ଈଶ୍ୱରଙ୍କ ନିୟମରେ ସୁଦ୍ଧା ଏତେ କଠୋରତା ଥାଇ ପାରେ !

ମୁଁ ତାହାକୁ କେବେ ଦେଖି ନାହିଁ । କେବଳ ତାର ପ୍ରତିମୂର୍ତ୍ତି ଦେଖିଥିଲି ଓ ଦେଖୁଅଛି । ତାର ସେ ଉନ୍ନତ ଲଲାଟ, ବିସ୍ଫୃତ ଲୋଚନ ଉନ୍ନତାଧର ଶୟନରେ, ଜାଗରଣରେ ସବୁବେଳେ ମନେ ପଡ଼ୁଛି । କେବଳ ଆଶା ମନ ମଧ୍ୟରେ ପୋଷଣ କରି ଭବିଷ୍ୟତବ୍ୟଟା ଆଡ଼କୁ ଆଶାଦୃପ୍ତ ନେତ୍ରରେ ଅନାଇ ରହିଥିଲି । କିନ୍ତୁ ଈଶ୍ୱର ତାହା କଲେ ନାହିଁ । ମୋର ଆଶା ଆଶାରେ ପର୍ଯ୍ୟବସିତ ରହିଗଲା । କୋମଳ କୋରକ ବୃନ୍ତଚ୍ୟୁତ ହେଲା । କୋରକଟି ତ ଆଉ ଫୁଟି ପାରିଲା ନାହିଁ । ଫୁଟିବାକୁ ବସିଥିଲା । ବିଧାତାଙ୍କର କଠୋର ହସ୍ତସ୍ପର୍ଶରେ ଝାଉଁଳି ଗଲା । ଦର୍ଶକଙ୍କର ହିଂସାବ-କାରୀ ହେଲା । ତାର କାୟା ପଞ୍ଚଭୂତରେ ଲୀନ ହେଲା, କିନ୍ତୁ ତା'ର ସ୍ମୃତି ଅପାର୍ଥିବ ହେଲେ ସୁଦ୍ଧା ପୃଥିବୀରେ ବର୍ତ୍ତମାନ ଥିବ ।

କେତେ ଆଶା ବାନ୍ଧିଥିଲି — ଦେବଦର୍ଶନଙ୍କରକୁ ଦେଖିବି । ତା'ର ସେ ସୁନ୍ଦର ମୂର୍ତ୍ତି ଦେଖି ମୋର ଚକ୍ଷୁର ଅତୃପ୍ତ ବାସନା ପୂର୍ଣ୍ଣ କରିବ । କିନ୍ତୁ ସେ ତ ମୋତେ ଦେଖା ଦେଲା ନାହିଁ । ମୁଁ ଏଡ଼େ ପାପୀ ! ନନ୍ଦନର

କୋରକକୁ ଅଟର ହେଲେ ଏ ପାପ ନେତ୍ରରେ ଦେଖି ପାରିଲି ନାହିଁ ! ଛି ! ମୋର ସେ ଅଧିକାର ନାହିଁ । ମୁଁ ପୃଥିବୀର କୀଟ ! ସ୍ୱର୍ଗର ଦେବତାକୁ ଦେଖିବାକୁ ମୋର କି ଅଧିକାର ଅଛି ?

ଭାଇ, ତୁମେ କାତର ହେଉଛ ? ତରୁଣ ବୟସରେ ଏ ଆଘାତ ପାଇ ହତଭାଗ୍ୟ ହେଉଛ ? ୬ ହରିଶଙ୍କର ତୁମର ନୁହେଁ, ସେ ପ୍ରକୃତିର ସନ୍ତାନ । ପ୍ରକୃତିର କୋଳକୁ ଚାଲି ଯାଇଛି । ସେ ମର୍ତ୍ତ୍ୟର ଜୀବ ନୁହେଁ, ସେ ଦେବତା । ଦେବତା ମାନଙ୍କ ସଙ୍ଗେ ରହିବାର ଯୋଗ୍ୟ । ଈଶ୍ୱର ତାକୁ ଏଠାକୁ ପଠାଇଥିଲେ ; ପୁଣି ସେହି ଈଶ୍ୱର ତାକୁ ନେଇ ଗଲେ । ଈଶ୍ୱରଙ୍କ ପଦାର୍ଥରେ ଆମ୍ଭର କି ଅଧିକାର ଅଛି ? କାଳ ସ୍ରୋତରେ ଜୀବନ ତରୀର ତରଙ୍ଗରେ ସେ ଗୋଟାଏ ବୁଦ୍ବୁଦ । ପୁଣି କେତେ ବୁଦ୍ବୁଦ ଫୁଟିବ । ଆତ୍ମାର୍ଥେ ପ୍ରଚଣ୍ଡ ଝଟିକାଘାତରେ ( ଈଶ୍ୱର ନ କରନ୍ତୁ ) ତଟ ଇତଃସ୍ତତଃ ହୋଇଯିବ । ତୁମ୍ଭେ ଅନ୍ଧକାର ଭିତରେ ଯେଉଁ ଆଲୋକ ଦେଖି ପାରୁଛ, ସେହି ଆଲୋକକୁ ଲକ୍ଷ୍ୟ କରି ଗନ୍ତବ୍ୟ ପଥରେ ଚାଲ; ସବୁ ବାଧାବିଘ୍ନ ଅତିକ୍ରାନ୍ତ ହେବ । ଦେହର କାର୍ଯ୍ୟ କର ଜଗତର କାର୍ଯ୍ୟ କର ସନ୍ଧ୍ୟା ସମୟରେ ପ୍ରକୃତିର ମଧୁର କୋଳକୁ ହସି ହସି ଚାଲିଯିବ ! ତୁମେ ଯିବ, ମୁଁ ଯିବି, ସମସ୍ତେ ଯିବା । ନିସ୍ପୃହଃ କେବଳ ବାଧକେ ।"

## ବୃନ୍ତଚ୍ୟୁତ କୋରକ

ମୁଁ ତ ତାକୁ ଦେଖି ନାହିଁ କେବେ ଏ ଜୀବନେ
ସେ ଯେ ସରଗର ଛବି ;
ଅମିୟ ଶୋଭା ପସରା ,
ତାହାର କଥନେ ଆଜି ବସି ଘର କୋଣେ
ଝୁରୁଅଛି କେତେ ଦିନ ଅତୃପ୍ତ ନୟନେ । ୧ ।



ଶିବିରରେ ପତ୍ନୀ ଲଳିତା ଦେବୀ ଓ ପୁତ୍ର ହରିଶଙ୍କର ସହିତ ଯୁବକବି ବ୍ରଜମୋହନ । କବିଙ୍କର ଜ୍ୟେଷ୍ଠ ପୁତ୍ର ଏହି ହରିଶଙ୍କରଙ୍କ ଅକାଳ ବିୟୋଗରେ କବି ବ୍ରଜମୋହନଙ୍କ ଶ୍ରେଷ୍ଠ ସୃଷ୍ଟି 'ବିଫଳ ବାସନା' ବିରଚିତ ହୋଇଥିଲା । କବି ଦୟାନିଧି ମଧ୍ୟ ଏହି ବନ୍ଧୁପୁତ୍ରର ବିୟୋଗରେ ଲେଖିଥିଲେ ଏକ ହୃଦୟସ୍ପର୍ଶୀ କବିତା—ନାଁ ତାର ବୃନ୍ତଚ୍ୟୁତ କୋରକ ।

ଧରି ହସ୍ତେ ଚାହି ଦେଖେଁ ତା ମୂର୍ତ୍ତି
          କି ସୁହାସେ ହସି ହସି
          ସେହ ନେହ ଧାରା ବରଷି
କହାଉଛି ମନ ଅସିବାକୁ ମୋର କତ
ନ ଦେଖି ତାହାକୁ ହୃଦ ହେଉଛି କରତ ! ୨ ।

ଦରହାସେ ହସୁଥିଲା ଉଦ୍ୟାନେ କୋରକ !
          ବସି ସୁଖେ ବୃନ୍ତାସନେ
          ମନ୍ଦ ମଳୟ ପବନେ
ଦୋଳୁଥିଲା କି ଆନନ୍ଦେ ଭଙ୍ଗୁର ମହକ !
ଛିଣ୍ଡାଇଲା କିଏ ତାକୁ ହୃଦେ ଦେଇ ଦାଗ ! ୩ ।

ପୂର୍ଣ୍ଣହାସେ ହସିଥାନ୍ତା ହସିଲା ତ ନାହିଁ !
          ଆସି ଝଞ୍ଜା କେଉଁ ପୁରୁ
          ନେଇଗଲା ତାକୁ ଦୂରୁ,
ଗୁଳିଟିଲା ନିଜ ଧାମେ ସ୍ୱଜନେ କନ୍ଦାଇ
ନେଲା ତାକୁ ସ୍ୱର୍ଗେ ମତେ ନିରସ୍ତେ ପକାଇ । ୪।

ପଶିବ କି କାହିଁ ମୋର ବିଳାପ ତା କର୍ଣ୍ଣେ ?
          ଆଜି ସେ ତ୍ରିଦଶ ଧାମେ;
          ଶୁଣି ମୋ କରୁଣ ତାନେ
କାନ୍ଦିବ କି ସ୍ୱର୍ଗେ ମୋର କଥା ଭାବି ମନେ ?
ସୁଖର ଆଳୟେ ଅବା କାନ୍ଦିବ କେସନେ ? ୫ ।

ସରିଲାକି କାର୍ଯ୍ୟ ତାର ବାଳୁତ ବୟସେ ?
          ଆସିଥିଲା ଦୁଇ ଦିନ
          ହସିଥିଲା ଦୁଇଦିନ,
ଝଟିଲା ତ ନାହିଁ କେବେ ଦେଶର ସକାଶେ !
ଚୂନା ତନୋଜ୍ଜ୍ୱଳ ସୁନା ମରଣ-ପରଶେ । ୬

— ଚିର ସ୍ମରଣ —

ପାଇଛି ଜୋରକ ଆଜ ଫେଣ୍ଟବ ଦାଣ୍ଡି,
କରଥାନ୍ତା ଅବା କାମ
ବର୍ଷ ର ହୋଇବ ବାମ,
ନିଦାଘ-ସନ୍ତାନ ଅଛି ନିଦାଘରେ ମାଇ
ମର୍ତ୍ତ୍ୟବାସୀ କଥା ଆଜି ସ୍ମରିବ କପାଇଁ ? ୭ ।

ସୌଟ୍ୟବାନ ବୋଲି ମିନା ଦେବନ୍ତୁ ତାହାର !
ଜନ୍ମିଥିଲ ଯେଉଁ ଦେଶେ;
ମରିଅଛି ସେହି ଦେଶେ,
ସ୍ମୃତଦେଶେ ଦରଣ ନେଇ ସେ ଦେବକଣ୍ଟିମାଇ,
ଖୋଲିଅଛି ମୋ ମନାଦେଶ ସନ୍ତାପର ଦ୍ୱାର । ୮*

ଇତି
ଜ୍ୟୋତି
ପଟ୍ଟନାୟକ



* ଏହି କବିତାଟି 'ଉତ୍କଳ ସାହିତ୍ୟ ୧୮ଶ ଭାଗ, ୩ୟ ସଂଖ୍ୟା, ୧୩୨୧ ରେ ପ୍ରକାଶିତ ହୋଇଥିଲା ।

( ୯ )

ଓଁ ନମଃ

ଭବାନୀ ପାଟଣା
୧।୭।୧୫

ଭାଇ ମୋର,

ତୁମର ଚିଠି ପାଇଲି । ମୋର ଭ୍ରାତୁଷ୍ପୁତ୍ରଟିଏ ହୋଇଛି ବୋଲି ଲେଖିଛ । ନବୀନ ଅତିଥିର ଶୁଭାଗମନରେ ମୁଁ ବହୁତ ଆନନ୍ଦ ଅନୁଭବ କରୁଛି । ଈଶ୍ୱର ତାକୁ ଦୀର୍ଘାୟୁ କରନ୍ତୁ ।

ଉତ୍ତର ପାଇଁ ଶୀଘ୍ର ଦେବାକୁ ଲେଖିଥିଲ ; ମୁଁ ଏ ସମ୍ବାଦ ପାଇ କ'ଣ ଶୀଘ୍ର ମୋର ହୃଦୟର ଆନନ୍ଦ ପ୍ରକାଶ କରିବି ନାହିଁ ? ସୌଭାଗ୍ୟ ଆକାଶରେ ଦୁଇଟି ଉଜ୍ଜ୍ୱଳ ନକ୍ଷତ୍ର ଦେଖା ଦେଇଛନ୍ତି — ପ୍ରଥମଟି ଚାକିରିର ପ୍ରାପ୍ତି ଓ ଦ୍ୱିତୀୟଟି ତୁମର ପୁତ୍ର ଜନ୍ମ । ଆକାଶରେ ଆଉ କେତୋଟି ନକ୍ଷତ୍ର ଉଠୁଛନ୍ତି ଭଗବାନ ଜାଣନ୍ତି ।

ତପସ୍ୱିନୀ ବିଷୟରେ କ'ଣ କଲ ? ଏ ମଧ୍ୟରେ ଗଙ୍ଗାଧର ବାବୁଙ୍କ ସଙ୍ଗେ ତୁମର ସାକ୍ଷାତ ହୋଇଥିଲା । ପ୍ରଣୟ, ବଞ୍ଚନା ବିଷୟରେ ଆମ୍ଭେମାନେ ସେଦିନ ଯେଉଁ ସବୁ ଆଲୋଚନା କରିଥିଲେଁ, ସେ ସବୁ ତାଙ୍କୁ ଜଣାଇଲ କି ନା ?

District Council ଲରମ୍ବା ସ୍କୁଲକୁ ମିଡ଼ଲ ସ୍କୁଲରେ ପରିଣତ କରିବାକୁ ସମ୍ମତ ହୋଇଥିବାର ଶୁଣି ସୁଖୀ ହେଲି । ଈଶ୍ୱର ତୁମର ସାଧୁ ଉଦ୍ୟମ ପଥରେ କୁସୁମ ବୃଷ୍ଟି କରନ୍ତୁ ।

ଘରେ ଜ୍ୱର । ଭଲ କରି ହେଉ ନାହିଁ । ଡାକ୍ତର ନିତ୍ୟ ଔଷଧ ଦେଉଛନ୍ତି, କିନ୍ତୁ ଜ୍ୱରର ପ୍ରକୋପ ହ୍ରାସ ହେଉ ନାହିଁ ।

ମୋର ଶାରୀରିକ କୁଶଳ । ଆଶା କରେଁ, ତୁମେ ଓ — ପୁତ୍ରଙ୍କ ସହ କୁଶଳରେ ଥିବ । ଇତି

ତୁମ୍ଭର
[illegible]

## ଆଲୋଚନା *

ସୁଲେଖକ ଦୟାନିଧିଙ୍କର ମନୋବଳୀରୁ ମନେହୁଏ ବ୍ରଜମୋହନ ଓ ଦୟାନିଧି ଗୋଟିଏ ବୃନ୍ତରେ ଦୁଇଟି ଫୁଲ ·········ଗୋଟିଏ ବୀଣାର ଦୁଇଟି ତାର । ଉଭୟଙ୍କ ଭିତରେ ଥିଲା ଏକାତ୍ମତା । ଜଣେ କାନ୍ଦିଲେ ଅନ୍ୟଜଣ ତାଙ୍କ ଅଶ୍ରୁସିକ୍ତ ହୁଏ······ଜଣକର ବେଦନା ଅନ୍ୟର ଅନ୍ତରରେ ସମଭାବରେ ପ୍ରକଟିତ ହୁଏ । ଦୟାନିଧିଙ୍କ ଭାଷାରେ·· ··· "ତୁମର ହୃଦୟ ସଙ୍ଗେ ମୋର ହୃଦୟ କେଉଁ ପାଶରେ ବନ୍ଧା, ତାହା ମୁଁ ଜାଣେ ନାହିଁ । ମୁଁ କେବଳ ଏତିକି ଜାଣେ ଯେ, ତୁମ୍ଭେ ଓ ମୁଁ ଗୋଟିଏ ଜନନୀର କୋଳରେ ଲାଳିତ ପାଳିତ ଓ ବର୍ଦ୍ଧିତ । ଜନନୀର ସ୍ତନ୍ୟ ଅମୃତ ସୁଧାମୟ କ୍ଷୀରଧାରା ସମ ଯେଉଁ ସରଳ କୁଟିଳଶୂନ୍ୟ ଭଦ୍ରୋଜ୍ଜ୍ୱଳ ଜନନୀର ବକ୍ଷରେ କଳ କଳ ନାଦରେ ପ୍ରବାହିତ ହେଉଅଛି; ତାର ଅକ୍ଷୟ କୋଷରୁ ସୁଧା କଣିକାଏ ଲେଖା ଖାଇ ଆମ୍ଭେ ଦୁହେଁ ପରିପୁଷ୍ଟ । ଆଜି ମୁଁ କଟକରେ ଓ ତୁମ୍ଭେ କଲିକତାରେ । ଆମ୍ଭ ଦୁହିଁଙ୍କ ମଧ୍ୟରେ ଏ ପାର୍ଥିବ ବ୍ୟବଧାନ ସତ୍ତ୍ୱେ କାହିଁକି ମୋର ହୃଦୟ ତୁମ ବିଚ୍ଛେଦରେ ଆକୁଳ ହେଉଅଛି ? ତୁମର ସେ ନନ୍ଦନ ଦୁର୍ଲଭ ମୋହନ ଛବି ମୋର ମନ ନନ୍ଦନ ପଟରେ କାହିଁକି ଅଙ୍କିତ ହୋଇଅଛି ? ତୁମର ହୃଦୟର ଗୁପ୍ତତମ ପ୍ରଦେଶରେ କେଉଁ ଆକର୍ଷିକା ଶକ୍ତି ଅଛି, ତୁମର ଭାଇ ତାହା ଜାଣେ ନାହିଁ । ସେ ତୁମ୍ଭଙ୍କୁ ପ୍ରେମ କରେ, ତୁମର ପ୍ରେମମୟ ନାମ ଉଚ୍ଚାରଣ କରି ତାପିତ ପ୍ରାଣକୁ ଶୀତଳ କରେ ।" ( ପ୍ରଥମ ପତ୍ର )

ପୁଣି—"ତୁମ ପାଇଁ ମୋର ହୃଦୟର ମୁଦ୍ରିତ ଦ୍ୱାରକୁ ଖୋଲି ପାରୁ ନାହିଁ ? ଯଦି ତୁମ ନିକଟରେ ଥାନ୍ତି, ତୁମକୁ ସ୍ନେହାଳିଙ୍ଗନ କରି ନୟନ ଜଳରେ ମୋର ଭାବ ପ୍ରକାଶ କରନ୍ତି ; କିନ୍ତୁ ସେ ସୌଭାଗ୍ୟ ମୋର ନାହିଁ । ମୁଁ ତୁମ ବିଚ୍ଛେଦରେ ଦାରୁଣ ଯନ୍ତ୍ରଣା ଭୋଗ କରୁଅଛି । ଏ ଦୁର୍ବଳ ଲେଖନୀ ତୁମକୁ ମୋର ହୃଦୟର ଯନ୍ତ୍ରଣା ଜଣାଇବାକୁ ଅକ୍ଷମ । ଭାଇ, ତୁମ୍ଭେ ଯେଉଁ ପ୍ରେମ ବଳରେ ବଳୀୟାନ ହୋଇ ତୁମର ହୃଦୟର ଆଘାତକୁ ମୋର ହୃଦୟରେ ପ୍ରତିଘାତ କରୁଛ, ବର୍ତ୍ତମାନ ସେହି ପ୍ରେମହିଁ ମୋର ଏକମାତ୍ର ଭରସା ସ୍ଥଳ ।" (ତୃତୀୟ ପତ୍ର)

ଦୟାନିଧିଙ୍କ ଯେ କୌଣସି ପତ୍ର ପାଠ କଲେ ଉପଲବ୍ଧ ହୁଏ ଯେ, ବ୍ରଜମୋହନ ବାବୁଙ୍କ ସହିତ ତାଙ୍କର ଏକାତ୍ମତା ଥିଲା । ଦୟାନିଧିଙ୍କର ମାତ୍ର ୯ଟି ପତ୍ର ଏଠାରେ ପ୍ରଦତ୍ତ ହୋଇଅଛି । ପତ୍ରଗୁଡ଼ିକ ୧୯୧୩ ରୁ ୧୯୧୫ ମସିହା ମଧ୍ୟରେ ଲିଖିତ ହୋଇଥିଲା । ଦୁଃଖର ବିଷୟ ବ୍ରଜମୋହନ ବାବୁ ଦୟାନିଧିବାବୁଙ୍କୁ ଯେଉଁ ପତ୍ର ଲେଖିଥିଲେ ସେ ସବୁ ଏଯାବତ୍ ଅନାବିଷ୍କୃତ ହୋଇ ରହିଛି । ମୋର ଯଥାସାଧ୍ୟ ପ୍ରୟାସ ସତ୍ତ୍ୱେ ସେ ସବୁ ଲଭ୍ୟ ନ ହେବାରୁ ମନେ ହୁଏ ସେ ସବୁ ହୁଏତ ଆଉ ଦେଖିବାର ସୌଭାଗ୍ୟ ଆମକୁ ମିଳିବ ନାହିଁ । ଆମର ଦୁର୍ଭାଗ୍ୟ ଦୟାନିଧି ଆଜି ନାହାନ୍ତି । ୧୯୫୫ ମସିହା ଜୁଲାଇ ମାସ ୨୯ ତାରିଖରୁ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଛି ।

## କବି ଓ କବି ବନ୍ଧୁ *

କବି ଗଙ୍ଗାଧର ମେହେର ଯେତେବେଳେ ଜୀବନର ଚତୁର୍ଥାବସ୍ଥାରେ ବାର୍ଦ୍ଧକ୍ୟକୁ ବେକାତର କରି କାବ୍ୟ ସାହିତ୍ୟକୁ ପରିପୁଷ୍ଟ କରିବା ନିମିତ୍ତ ସାଧନାରତ, ସେହି ସମୟରେ ସମ୍ବଲପୁରର ସାଂସ୍କୃତିକ ଗଗନରେ ଆଉ ଦୁଇଟି କବିଙ୍କର ଆବିର୍ଭାବ ହୋଇଥିଲା । ସେମାନେ ହେଉଛନ୍ତି ମେହେର କବିଙ୍କର ସଖା ଯୁବକ ବ୍ରଜମୋହନ ଓ ଦୟାନିଧି । 'କଥା କଦମ୍ବ' 'ସଂଯୁକ୍ତା', 'ବେହୁଣୀ', 'ରଣା ପ୍ରତାପ ସିଂହ', 'ସୁଭଦ୍ରା' 'ଧ୍ରୁବ', 'ମାନଭଞ୍ଜନ' ଓ 'ବନର ବଂଶୀ'ର ସ୍ରଷ୍ଟା ଦୟାନିଧିଙ୍କ ଲେଖନୀ ରଚନା ମୂଳରେ ଥିଲା ଗଭୀର ସ୍ୱଦେଶ ପ୍ରୀତି । ସ୍ୱଭାବତଃ, ଜାତୀୟତାରେ ପୁଷ୍ଟ ଓଡ଼ିଆ ଜାତିର ଜାଗୃତି ଓ ଅଧଃପତିତ ଭାରତର ଅଭ୍ୟୁତ୍ଥାନ ଥିଲା ତାଙ୍କର ଐକାନ୍ତିକ କାମନା । ସେ ଥିଲେ ଏକାଧାରରେ କବି, ଗାଳ୍ପିକ ସମାଲୋଚକ, ସାମ୍ବାଦିକ ଓ ମୁକ୍ତି ସଂଗ୍ରାମର ସୈନିକ । *

ବ୍ରଜମୋହନ ଓ ଦୟାନିଧି ଯେତେବେଳେ କଲେଜ ଛାତ୍ର ସେତେବେଳେ ସେମାନଙ୍କ ପ୍ରତିଭାର ସ୍ଫୁରଣ ଦୃଷ୍ଟ ହେବାକୁ ସ୍ପର୍ଶ କରି ଯାଉଥିଲା । ବ୍ରଜମୋହନ କେବେ ଆତ୍ମପ୍ରଶଂସାର ଲାଳସୀ ନ ଥିଲେ ।

* ମତ୍ ଲିଖିତ ନିକଟରେ ପ୍ରକାଶିତ "ବରେଣ୍ୟ ଲେଖକ ଦୟାନିଧି" ପୁସ୍ତକରେ ଦୟାନିଧିଙ୍କର ସଂକ୍ଷିପ୍ତ ଜୀବନୀ ପ୍ରଦତ୍ତ ହୋଇଅଛି ।

ତାଙ୍କ ରଚିତ 'ମୁଁ ସମ୍ବଲବାସୀ' କବିତା ଯେତେବେଳେ ସେ ଦୟାନିଧିଙ୍କ ନିକଟକୁ ପ୍ରେରଣ କଲେ, ସେତେବେଳେ ତାହା ପଠନରେ ଦୟାନିଧିଙ୍କ ଅନ୍ତର ଉଚ୍ଛ୍ୱସିତ ହୋଇ ଉଠିଲା ...... "ସମ୍ବଲବାସୀ ଭାଇ ! ଅହା କି ମଧୁମୟ ନାମ, ଭାଇ, ତୁମ୍ଭେ ନିଜ ବକ୍ଷ ଫୁଲାଇ ନାଚି ନାଚି ଏହି ନାମରେ ଗର୍ବ କରୁଅଛ, ସେଥିରେ ମୋର କେତେ ଦୂର ଗର୍ବ ହୋଇଅଛି, ତାହାର ମଧୁର ସ୍ପର୍ଶ ତୁମ୍ଭର ହୃଦୟରେ ଅନୁଭୂତ କରାଇବାକୁ ମୋର ଶକ୍ତି ନାହିଁ । କିନ୍ତୁ ମୋର ବିଶ୍ୱାସ ତୁମ୍ଭର ହୃଦୟ ଏବଂ ମୋର ହୃଦୟ ଗୋଟିଏ ଉପାଦାନରେ ଗଢା । ଏଣୁ ବିନା ପରିଶ୍ରମରେ ତୁମ୍ଭେ ମୋର ମନର ଗର୍ବ ଅନୁଭବ କରି ପାରିବ ଭାବି ସୁଖୀ ମଣୁଅଛି ।"

ପୁଣି ......"ଆଉ ଗୋଟିଏ କଥା, ମୋର "ସମ୍ବଲବାସୀ ଭାଇ"ଙ୍କୁ କୌଣସିମତେ ଛଣ୍ଟିବାକୁ ଇଚ୍ଛା ହେଉ ନାହିଁ । ଯଦି ଉତ୍କଳୀୟ ଭାଇମାନେ ତାର ସୁଧାମୟୀ ଗୀତ ଶୁଣନ୍ତି, ତାହାହେଲେ ମୋର ଉପରେ ବିରକ୍ତ ହେବେ ନାହିଁ ।"

'ମୁଁ ସମ୍ବଲବାସୀ' କବିତାର ରଚୟିତା ଅନୁକୂଳ ବାତାବରଣ ପାଇଲେ ଜଣେ ଓଡ଼ିଆ ସାହିତ୍ୟର ଗୌରବ ହୋଇ ପାରିବେ— ଏ ଭରସା ଦୟାନିଧିଙ୍କର ଥିଲା । ତେଣୁ ଉକ୍ତ କବିତାକୁ ପ୍ରକାଶ ନିମିତ୍ତ ସେ ବିଶ୍ୱନାଥ ବାବୁଙ୍କୁ ଦେଇଥିଲେ । ସେହି କବିତା ପ୍ରକାଶିତ ହେବା ପରେ ବିଶ୍ୱନାଥ ବାବୁଙ୍କଠାରୁ ଉତ୍ସାହଭରା ପତ୍ର ପାଇ ବ୍ରଜମୋହନ ବାବୁ 'ଉତ୍କଳ ସାହିତ୍ୟ' ନିମନ୍ତେ ବହୁ କବିତା ପଠାଇଲେ । ସେ ସବୁ ୧୯୧୩ ରୁ ୧୯୧୬ ମସିହା ଭିତରେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା ।

ଦୟାନିଧି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀଙ୍କର ଯେଉଁ ବନ୍ଦନା ଗୀତ ସମ୍ପର୍କରେ ଲେଖିଛନ୍ତି— "ସମ୍ବଲବାସୀ ଭାଇର ମୁଖରେ ମାଁ ! ସମଲେଶ୍ୱରୀଙ୍କ ଯଶୋଗାନ ଶୁଣି ହୃଦୟ ଆନନ୍ଦରେ ନାଚି ଉଠୁଛି—" ସେହି ବନ୍ଦନା ଗୀତ ବ୍ରଜମୋହନଙ୍କ ଅନବଦ୍ୟ ସୃଷ୍ଟି "ସମଲାଈ" କବିତା । କବି ଗଙ୍ଗାଧର ମଧ୍ୟ ଏହି କବିତାର ପ୍ରଶଂସା କରି ଲେଖିଥିଲେ ...

"ବୁଢ଼ାରଜା ଓ ସମଲାଇ ପଦ୍ୟଦ୍ୱୟ ଆନନ୍ଦୋତ୍ଫୁଲ୍ଲଚଞ୍ଚଳ ଲୋଚନରେ ପାଠ କଲି। କବିତାର ରସାସ୍ୱାଦନରେ ପ୍ରାଣ ମୁଗ୍ଧ ହୋଇ ଗଲା। ଆପଣ ଏତେ ଶୀଘ୍ର ଏତେ ମନୋହାରିଣୀ କବିତା ଲେଖି ପାରୁଛନ୍ତି।"

## ୮ ଗଙ୍ଗାଧର ହୋତା ❋

ଦୟାନିଧିଙ୍କ ଜୀବନୀ ପ୍ରସଙ୍ଗରେ ଯେଉଁ ଗଙ୍ଗାଧର ହୋତାଙ୍କ ବିଷୟ ଲିଖିତ ହୋଇଅଛି, ସେ ଉଭୟ କଟକ ଓ କଲିକତାରେ ବ୍ରଜମୋହନ ବାବୁଙ୍କ ସହ ଅଧ୍ୟୟନ କରୁଥିଲେ। ବଲାଙ୍ଗୀର ଜିଲ୍ଲାର ଲୁଇସିଙ୍ଗାରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ସେଠାରେ ଦେବାନ ଥିଲେ। ଉଚ୍ଚଶିକ୍ଷା ଲାଭ ପରେ ସେ ବରଗଡ଼ ଜର୍ଜ ହାଇସ୍କୁଲର ଶିକ୍ଷକ ଏବଂ ପରେ ହେଡ୍‌ମାଷ୍ଟର ହୋଇଥିଲେ। କବି ବ୍ରଜମୋହନଙ୍କର ସେ ଥିଲେ ଅନ୍ୟତମ ଘନିଷ୍ଠ ବନ୍ଧୁ। ତାଙ୍କ ଦେହାନ୍ତର ଫଳରେ ପଶ୍ଚିମ ଓଡ଼ିଶା ଜଣେ ବରିଷ୍ଠ ଶିକ୍ଷାବିତ୍‌ଙ୍କୁ ହରାଇଲା।

ଗଙ୍ଗାଧର ହୋତା ଛାତ୍ର ଜୀବନରେ କବିତା ରଚନା କରୁଥିବାର ପ୍ରମାଣ ଦୟାନିଧିଙ୍କର ପତ୍ରରୁ ମିଳିଥାଏ। ସେ ଥିଲେ ଜଣେ ନିର୍ଭୀକ ସମାଲୋଚକ। ଓଡ଼ିଆ କବିମାନେ ମିତ୍ରାକ୍ଷର ଅପେକ୍ଷା ଅମିତ୍ରାକ୍ଷର ଛନ୍ଦକୁ ବିଶେଷ ଭାବରେ ବ୍ୟବହାର କରିବା ଉଚିତ ବୋଲି ସେ ଅନୁଭବ କରୁଥିଲେ। ତାଙ୍କ ମତରେ ସ୍ୱଚ୍ଛନ୍ଦ ଭାବରେ ଭାବର ପରିପ୍ରକାଶ ନିମିତ୍ତ ଅମିତ୍ରାକ୍ଷର ଛନ୍ଦ ଅନୁକୂଳ ପରିବେଶ ସୃଷ୍ଟି କରେ। ହୋତାବାବୁ ଅମିତ୍ରାକ୍ଷର ଛନ୍ଦରେ ବହୁ ଉନ୍ନତ କବିତା ରଚନା କରିଥିଲେ। ତାଙ୍କ କବିତା ପାଠ କରି ଦୟାନିଧି ବାବୁ ତାଙ୍କୁ ଉତ୍କଳର Cowper ବୋଲି କହୁଥିଲେ।

## ଅମିତ୍ରାକ୍ଷର ଛନ୍ଦ ❋

ଅମିତ୍ରାକ୍ଷର ଛନ୍ଦ ସମ୍ପର୍କରେ ହୋତା ବାବୁଙ୍କର ମତ ଦୟାନିଧିଙ୍କର ଷଷ୍ଠ ପତ୍ରରୁ ଜଣା ପଡ଼େ ...... "ମୋର Cowper ଭାଇ ସବୁବେଳେ କହନ୍ତି, ଅମିତ୍ରାକ୍ଷରରେ ଭାବ ପ୍ରକାଶ କରିବା ସୁବିଧା। ମିତ୍ରାକ୍ଷର ଛନ୍ଦର ବନ୍ଧନ ଭାବନା ସ୍ରୋତର ସ୍ୱାଭାବିକ ଗତିକୁ ରୋଧ କରେ।"

ମିତାକ୍ଷର ଛନ୍ଦ ସମ୍ପର୍କରେ ଦୟାନିଧିଙ୍କର ମତ ମଧ୍ୟ ସେହି ପତ୍ରରୁ ସହଜ ଲଭ୍ୟ........ "ଅମିତାକ୍ଷର ମିତାକ୍ଷର ଅପେକ୍ଷା ସହଜ ନୁହେଁ, କିମ୍ବା ମିତାକ୍ଷର ପରି ଶ୍ରୁତିମଧୁର ନୁହେଁ ।"

## ଗଦ୍ୟରଚନା ପାଇଁ ପ୍ରେରଣା ※

ଦୟାନିଧି ବାବୁ ପ୍ରଥମେ କବିତା ରଚନା କରୁଥିଲେ । ଜଣେ ରୋମାଣ୍ଟିକ୍ କବି ରୂପେ ତତ୍କାଳୀନ ତରୁଣ ମହଲରେ ସେ ସୁପରିଚିତ ଥିଲେ; କିନ୍ତୁ ତାଙ୍କର ବନ୍ଧୁ ବ୍ରଜମୋହନ ଅନୁଭବ କରିଥିଲେ ଯେ, ପଦ୍ୟ ଅପେକ୍ଷା ଗଦ୍ୟରେ ଦୟାନିଧି ଅଧିକ କୃତିତ୍ୱ ହାସଲ କରି ପାରିବେ । ତାଙ୍କର ଏହି ମନୋଗତ ଭାବର କଥା ସେ ଦୟାନିଧି ବାବୁଙ୍କୁ ଗୋଟିଏ ପତ୍ରରେ ଲେଖିଥିଲେ । ବ୍ରଜମୋହନଙ୍କର ପରି ଦୟାନିଧିଙ୍କର ମଧ୍ୟ ଲକ୍ଷ୍ୟ ଥିଲା ସିଏ ସାହିତ୍ୟର ଯେଉଁ କ୍ଷେତ୍ରରେ ଲେଖନୀ ଚାଳନା କଲେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବ, ସେ ସେହି କ୍ଷେତ୍ରରେ ଉପଯୁକ୍ତ ଭାବରେ ଲେଖନୀ ଚାଳନା କରନ୍ତୁ । ଦୟାନିଧିଙ୍କର ଖଣ୍ଡେ ପତ୍ରରେ ଉଲ୍ଲେଖ ଅଛି—"ମୋର Cowper ଭଳି ଅମିତାକ୍ଷର ଛନ୍ଦରେ ଲେଖିବେ, ତୁମେ ମିତାକ୍ଷର ଛନ୍ଦରେ ଲେଖିବ, ଆଉ ମୁଁ ଗଦ୍ୟରେ ଲେଖିବି । କିନ୍ତୁ କେତେବେଳେ କ'ଣ ଲେଖେ ତାର କିଛି ଠିକ୍ ନାହିଁ । ଯେତେବେଳେ ଯାହା ମନକୁ ଆସେ ଲେଖି ପକାଏ । କିନ୍ତୁ ମୋର ଲକ୍ଷ୍ୟ ହେଲା, ମୁଁ ଗଦ୍ୟରେ ଲେଖିବା ପାଇଁ ଚେଷ୍ଟା କରିବି ।"

ଉତ୍କଳ ସାହିତ୍ୟର ସମ୍ପାଦକ ବିଶ୍ୱନାଥ କରଙ୍କ ଭାଷାରେ......... "ଦୟାନିଧି ଜଣେ ଉଦୀୟମାନ ଲେଖକ । ତାଙ୍କୁ ଉତ୍ସାହ ଦେବାରେ କେବେ ତ୍ରୁଟି କରିବି ନାହିଁ ।" ବିଶ୍ୱନାଥ ବାବୁ ଦୟାନିଧିଙ୍କ ଭବିଷ୍ୟତକୁ କେନ୍ଦ୍ର କରି ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ସଫଳ ହୋଇଛି । ବ୍ରଜମୋହନ ଓ ବିଶ୍ୱନାଥଙ୍କ ଭଳି ଉତ୍ସାହଦାତା ପାଇ ଦୟାନିଧି ଅଭିନବ କର୍ମ-ପ୍ରେରଣାରେ ଉଜ୍ଜୀବିତ ହୋଇଥିଲେ । ଲେଖନୀ ତାଙ୍କର ସୃଷ୍ଟି ଯୋଗରେ ନିମଗ୍ନ ହେଲା......ସାଧନା ସିଦ୍ଧ ହେଲା ।

ଗଦ୍ୟ ରଚନାରେ ଦୟାନିଧିଙ୍କର ସିଦ୍ଧହସ୍ତତାର ପ୍ରମାଣ ତାଙ୍କର ବିଭିନ୍ନ ପୁସ୍ତକ ପତ୍ର ପତ୍ରାବଳୀରୁ ମଧ୍ୟ ସହଜ ଲଭ୍ୟ । ଗଦ୍ୟରେ ସୁଦ୍ଧା

ପ୍ରତିଭାଶାଳୀ ଦୟାନିଧି କବିର ପତ୍ରର ଲାଳିତ୍ୟ ଓ ସୌକୁମାର୍ଯ୍ୟ ଫୁଟାଇ ପାରିଛନ୍ତି ତାହା ନିମ୍ନୋକ୍ତ କେତୋଟି ଧାଡ଼ିରୁ ପାଠକଙ୍କେ ଉପଲବ୍ଧି ହୁଏ .. "ଭ୍ରାତ, ତୁମେ କାହିଁକି ମୋତେ ବାର ପାହାଡ଼ ଶିଖରକୁ ନେଇ ଚାଲି ଯାଉଛ, ମୁଁ ତ ଘନକୃଷ୍ଣ ମେଘ ଭ୍ରାତ ମନ ମଧ୍ୟରେ ଅନେକ ଆଶା ପୋଷଣ କରିଛ । ତୁମ ପ୍ରେମ ବଳରେ ସେ ମେଘକୁ କନ୍ଦାଇ, ତାର ଅଶ୍ରୁଝରରେ ତୁମର ଜୀବନ ପୁଷ୍ପିତ ଫଳିତ କରିବ ...... ମୁଁ କର୍ତ୍ତବ୍ୟ ପଥରୁ ଅନେକ ଦୂରକୁ ଚାଲି ଯାଇଛି । ମୁଁ ସେ ଘନକୃଷ୍ଣ ମେଘ । ଧକା ହୋଇଥିଲେ ମୁଷଳ ଧାରରେ ବାରି ବର୍ଷଣ କରି ତୁମ କର୍ତ୍ତବ୍ୟ ସ୍ରୋତର ଅଙ୍ଗପୁଷ୍ଟି କରନ୍ତି ; କିନ୍ତୁ ମୋର ତ ସେ ସୌଭାଗ୍ୟ ନାହିଁ । ମୁଁ କଳାମେଘ ପ୍ରାପ୍ତ ଧାଇଁଛି ...... ।" (୫ମ ପତ୍ର)

## ଦେଶ ଜନନୀର ସେବା *

ଦୟାନିଧିଙ୍କର ଦେଶାତ୍ମବୋଧ ଥିଲା ଅସୀମ । ଉଭୟ ଜନ୍ମଭୂମି ଓ ମାତୃଭାଷାର ସେବା ତାଙ୍କ ଜୀବନର ଥିଲା ପରମ ଓ ଚରମ ଲକ୍ଷ୍ୟ । ଓଡ଼ିଆ ଜାତି ଲାଞ୍ଛିତ ହେଉଥିବାର ଦେଖି ତାଙ୍କର ପ୍ରାଣ ବିଳପି ଉଠିଥିଲା । କିନ୍ତୁ ସେ ଥିଲେ ଆଶାବାଦୀ । ସେ ଜାଣିଥିଲେ ଓଡ଼ିଆ ଜାତିର ଅଭ୍ୟୁତ୍ଥାନ ଅବଶ୍ୟମ୍ଭାବୀ ... "ଈଶ୍ୱର ନିଶ୍ଚୟ ସୁଦିନ ଦେବେ । ଓଡ଼ିଆର ହୃଦୟରେ ପୁଣି ନିଶ୍ଚୟ ବଳ ଆସିବ । ଜନନୀ ପାଇଁ ଓଡ଼ିଆମାନେ ଆତ୍ମ ଭୁଲିବେ । ଭାଇକୁ ଭାଇ ଆଲିଙ୍ଗନ କରିବ ."

(ଦ୍ୱିତୀୟ ପତ୍ର)

## ବ୍ରିଟିଶ ସରକାରଙ୍କ କୁଟିଳ ନୀତିଚକ୍ର *

ଦୟାନିଧିଙ୍କ ତୃତୀୟ ପତ୍ରରେ ବ୍ରିଟିଶ ସରକାରଙ୍କ କୁଟିଳ ନୀତିଚକ୍ର ବିଷୟରେ ଉଲ୍ଲେଖ ଅଛି । ଛାତ୍ର ଜୀବନରୁ ବ୍ରିଟିଶ ସରକାର ବିରୁଦ୍ଧରେ ଦୟାନିଧିଙ୍କ ମନରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା । ସେ ଅନୁଭବ କରି ପାରିଥିଲେ ଯେ, ଭାରତର ଅଭ୍ୟୁତ୍ଥାନ ପଥରେ ବୈଦେଶିକ ଶାସନ ଏକ ପ୍ରଚଣ୍ଡ ପ୍ରତିବନ୍ଧକ । ଦୟାନିଧି ଛାତ୍ର ଜୀବନରୁ ବିଦାୟ ଗ୍ରହଣ କରି ସରକାରୀ ଚାକିରିରେ ଯୋଗଦାନ କରିଥିଲେ ସତ୍ୟ କିନ୍ତୁ ଚାକିରି ପ୍ରତି ମମତା ତାଙ୍କ ସ୍ୱାଧୀନ ମନକୁ ବନ୍ଦୀ କରି ପାରି ନ ଥିଲା ।

ଘଟେଇଥିବା ଯୋଗୁଁ ବ୍ରିଟିଶ ସରକାର ବିରୁଦ୍ଧରେ ସେ ଆବାଲ୍ୟରୁ ଶତ୍ରୁ ଆଚରଣ ପ୍ରକାଶ କରି ଆସିଥିଲେ, ସେହି ସରକାରଙ୍କ ଅଧୀନରେ ଚାକିରି କରିବା ନିଜ ବିବେକ ପ୍ରତି ଏକ ଅସତ୍ୟ ଉପନ୍ୟାସ ବୋଲି ସେ ମନେ କରୁଥିଲେ । ତେଣୁ ସେ ଚାକିରିରୁ ଇସ୍ତଫା ଦେଇ ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ନିଜକୁ ଗୌରବାନ୍ୱିତ କରିଥିଲେ ।

## 'ଆଶା' ପତ୍ରିକା *

ଉଭୟ ବିଶ୍ୱନାଥ କର ଓ ଧର୍ମାନନ୍ଦ ବାବୁଙ୍କ ସମୟରେ 'ଆଶା' ପତ୍ରିକାରେ 'ବିଦ୍ରୂପାତ୍ମକ ସମାଲୋଚନା' ସମ୍ପର୍କରେ ଉଲ୍ଲେଖ ଅଛି । ଏ ସମ୍ପର୍କରେ ଆଲୋଚନା କରିଛନ୍ତି "ଯୌବନ ଗାଥା"ର ମୁଖବନ୍ଧରେ ବୈକୁଣ୍ଠନାଥ ବାବୁ । ସେଥିରୁ କିଛି ଅଂଶ ଉଲ୍ଲେଖଯୋଗ୍ୟ··· "ଏହି ଅବସ୍ଥାରେ ପ୍ରେସିଡେନ୍ସି କଲେଜର ହିନ୍ଦୁ ହଷ୍ଟେଲରେ ରହି ପଢୁଥିବା ଓଡ଼ିଆ ଛାତ୍ରମାନେ ଗୋଟିଏ ସମ୍ମିଳନୀ ଗଠନ କରି 'ଆଶାଲତା' ନାମରେ ଏକ ହସ୍ତଲିଖିତ ମାସିକ ପତ୍ରିକା ବାହାର କରୁଥିଲେ । ଏହି ସମ୍ମିଳନୀର ସଦସ୍ୟମାନେ ସମାଜରେ ମଧ୍ୟ ସେବା କାର୍ଯ୍ୟ କରିବାକୁ ଚେଷ୍ଟା କରୁଥିଲେ । 'ଆଶା' ପତ୍ରିକାର ସ୍ୱର୍ଗୀୟ ସମ୍ପାଦକ ଶ୍ରୀ ଶଶିଭୂଷଣ ରଥ ମଧ୍ୟ ସେ ସମୟରେ କଲିକତାରେ ରହି ବ୍ୟବସାୟ କରୁଥିଲେ । 'ଆଶାଲତା'ର ସାମୂହିକ ସମ୍ମିଳନୀ ସମାବେଶରେ ସେ ଯୋଗଦାନ କରୁଥିଲେ । ପରେ ସେ ଉକ୍ତ ସମ୍ମିଳନୀର ଅନୁକରଣରେ ନିଜେ ପ୍ରକାଶ କରୁଥିବା ପତ୍ରିକାର ନାମ 'ଆଶା' ରଖିଥିଲେ । ଏହା ସେ ମୋତେ କହିଥିଲେ ।"

ବିଶ୍ୱନାଥ ବାବୁଙ୍କ ଯୁକ୍ତି ଥିଲା ଯେ, ଯଦିଓ ଆଶା ପତ୍ରିକାର ସମାଲୋଚନାରେ ତାଙ୍କର ମାନସିକ ପ୍ରତିଭାକୁ ହେୟ ପ୍ରତିପନ୍ନ କରିବା ନିମିତ୍ତ ଆପ୍ରାଣ ଚେଷ୍ଟା କରିଥିଲେ ତଥାପି ତାହା ଏକାବେଳକେ ଲୁଚି ରହିନାହିଁ ।

"ଗତ ସଂଖ୍ୟା 'ଆଶା'ରେ 'ସାହିତ୍ୟ'ର ଟିକିଏ ସମାଲୋଚନା କରାଯାଇଛି । କିନ୍ତୁ Superficial ବୋଧ ହେଲା । ଯେ ଯାହା କହନ୍ତେ କହନ୍ତୁ ।" ( ଚତୁର୍ଥ ପତ୍ର )

"ଆଶାରେ ସାହିତ୍ୟର ସମାଲୋଚନା ବାହାରୁଅଛି । ଲେଖାର ଧରଣଟା ବଡ଼ ଘାତୁକ । ପୁଣି ଜଣେ ପତ୍ରପ୍ରେରକ ମୋର 'ବିବିଧ ପ୍ରବନ୍ଧ' ଉପରେ ବେଶ୍ ଆକ୍ରମଣ ଆରମ୍ଭ କରି ଅଛନ୍ତି । ହେଲେ ମୁଁ ବିନ୍ଦୁମାତ୍ର ଦୁଃଖିତ ନୁହେଁ ।" ( ଅଷ୍ଟମ ପତ୍ର )

"ଆଶାର ରକମ ତ ଦେଖୁଛ । ହେଉ କେତେଦୂର ଯିବ ଯାଉ । କିଏ ସେ କଥା ଶୁଣୁଛି ? ମାତ୍ର ଏପରି କରିବା ଦ୍ୱାରା ସେ ନିଜ ଗୋଡ଼ରେ କୁରାଢ଼ି ମାରୁ ଅଛନ୍ତି ।" ( ୭ମ ପତ୍ର )

ଶ୍ରୀନାଥ ଭଞ୍ଜ ବ୍ରଜମୋହନ ବାବୁଙ୍କୁ ଏହିପରି ଲେଖିବା ବେଳେ ବ୍ରଜମୋହନଙ୍କ ବନ୍ଧୁ ଦୟାନିଧି ମଧ୍ୟ ଲେଖିଥିଲେ ..... "ତୁମେ ଏଥର 'ଆଶା'ର ଦୁରଶା ଦେଖିଥିବ । ସେ ତିନି ଗୁଣ ଅଗ୍ରାହ ହେଲା ତା'ର ସମାଲୋଚନାର ମାତ୍ରା ବେଶି ବଢ଼ାଇଛି । ତାର ଏ ସଂଖ୍ୟାଟି ସଭିଙ୍କି ବଳିଗଲା । ରାଧାନାଥ ବାବୁଙ୍କ ଗଦ୍ୟ ଲେଖା ଉପରେ ତା'ର ତୀବ୍ର କଟାକ୍ଷ । ମଧୁ ବାବୁଙ୍କ ଲେଖାକୁ ସେ ଲେଖାରେ ଗଣନା କରୁ ନାହିଁ । XXXX ଉତ୍କଳର ସାହିତ୍ୟ କାନନର ପାରିଜାତ ଫୁଲ ଦଉଟି ତାଙ୍କ ସମାଲୋଚନାର ଝଞ୍ଜା-ବାତ ଦ୍ୱାରା ସେ ମଉଳାଇ ଦେବାକୁ ଇଚ୍ଛା କରୁଛନ୍ତି । କି ଦୁରଶା ? ଯଦି ମୋର ଟଙ୍କା ଥାନ୍ତା, ତା ହେଲେ ଉଥଙ୍କ ସମ୍ପାଦକ ପଣ ଦେଖନ୍ତି । ପୁଣି କ'ଣ ନା, ଆଉ ଜଣେ କେତେ ଅଛନ୍ତି ଯେ, ଉତ୍କଳ ସାହିତ୍ୟର ପ୍ରବନ୍ଧ ଗୁଡ଼ିକ ସେମାନଙ୍କର ମନକୁ ଆସୁ ନାହିଁ । ସେମାନେ କେଉଁ ସାହିତ୍ୟ ବାହାର କରିବେ ; ସେଥିରେ ବା କେଉଁ ଲିପି ସଂସ୍କାର ଥିବ, ସେମାନେ ଜାଣନ୍ତି ।"

ଏହି ସବୁ ପତ୍ରାବଳୀରୁ ଜଣା ପଡ଼େ ଯେ, 'ଆଶା' ପତ୍ରିକାରେ ତିନି ଜଣ ଲେଖକଙ୍କ ବିରୁଦ୍ଧରେ ଆକ୍ରମଣ ହୋଇଥିଲା । ପ୍ରଥମ ହେଉଛନ୍ତି ରାଧାନାଥ, ଦ୍ୱିତୀୟରେ ମଧୁସୂଦନ ଓ ତୃତୀୟରେ ବିଶ୍ୱନାଥ କର । ରାଧାନାଥଙ୍କ ଗଦ୍ୟ ରଚନାର ଶୈଳୀକୁ ନେଇ ଆଶା ପତ୍ରିକାରେ ତାର ତୀବ୍ର ସମାଲୋଚନା ହୋଇଥିଲା । ପକ୍ଷାନ୍ତରରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ନଦୀଙ୍କ ଟୀପାଖାତରେ ରାଧାନାଥ ବାବୁଙ୍କ ଗଦ୍ୟ ଲେଖା ସପକ୍ଷରେ ଅନୁକୂଳ ଆଲୋଚନା ଦେଖିବାକୁ ମିଳେ ।

## ନନ୍ଦୀଙ୍କ ଚିଠାଖାତା *

ତତ୍ତ୍ୱନିଧି ବାବୁ ଶ୍ରୀ ନନ୍ଦୀ ଉତ୍କଳ ସାହିତ୍ୟରେ ରାଧାନାଥ ବାବୁଙ୍କ ଗଦ୍ୟ ଲେଖାର ଆଲୋଚନା କରିଥିବାର ସୂଚନା ତାଙ୍କ ଚିଠିରେ ଦେଇଛନ୍ତି । ଦୁଃଖର ବିଷୟ ତାହା ମୋର ହସ୍ତଗତ ହୋଇ ନ ପାରିବାରୁ ଏଠାରେ ଉଲ୍ଲେଖ କରି ପାରିଲି ନାହିଁ । ତେବେ ଯେଉଁ ରାଧାନାଥ ଓ ମଧୁସୂଦନଙ୍କ ଲେଖା 'ଆଶା' ପତ୍ରିକାରେ ତୀବ୍ର ସମାଲୋଚନାର ଶରବ୍ୟ ହୋଇଥିଲା, ସେହି ବରେଣ୍ୟ କବିଦ୍ୱୟଙ୍କ ସମ୍ପର୍କରେ ଶ୍ରୀ ନନ୍ଦୀ ଅନ୍ୟତ୍ର ** ଯାହା ଲେଖିଛନ୍ତି ତାହା ଏଠାରେ ଉଦ୍ଧାର କରୁଅଛୁ ।

*ପ୍ରକୃତି ଚିତ୍ରଣରେ ରାଧାନାଥ —*

ଉତ୍କଳ ସାହିତ୍ୟର କୃତୀ ସନ୍ତାନ ରାଧାନାଥଙ୍କ କବିତାରେ ପ୍ରକୃତି ଦେବୀଙ୍କର ଯେଉଁ ମନୋଜ୍ଞ ରୂପ ଦେଖାଯାଏ, ତାହା ସଂସାରର ଉଚ୍ଚ ସାହିତ୍ୟରେ ସ୍ଥାନ ପାଇବାର କଥା । ବଙ୍ଗ ଦେଶ ରବୀନ୍ଦ୍ରନାଥଙ୍କୁ ଜନ୍ମ ଦେଇ ଆଜି ସଭ୍ୟ ସଂସାରରେ ଖ୍ୟାତି ବହନ କରୁଅଛି । ଆମ୍ଭମାନଙ୍କ ଦରିଦ୍ର ଉତ୍କଳ ରାଧାନାଥଙ୍କୁ ପାଇ— କ୍ଷୀଣ ଭାବରେ ହେଉ ପଛକେ, ଟିକିଏ ସାହିତ୍ୟିକ ସ୍ପନ୍ଦନ ଅନୁଭବ କରିବାର ସୁବିଧା ଲାଭ କରୁଅଛି । ସ୍ପର୍ଦ୍ଧାର ଅନୁରୋଧରେ ନୁହେଁ — ସରଳ ବିଶ୍ୱାସର ପ୍ରେରଣାରେ କହୁଅଛୁଁ — ଯଦି କୌଣସି ସମୟରେ ଇଂରେଜୀ ପ୍ରଭୃତି ଭାଷାରେ ରାଧାନାଥଙ୍କ 'ଚିଲିକା' ଖଣ୍ଡିକର ଉପଯୁକ୍ତ ଭାବରେ ଅନୁବାଦ ହୁଏ ; ତାହାହେଲେ ଉତ୍କଳର ପ୍ରକୃତି କବିକର ସେ ସାହିତ୍ୟ ସଂସାରରେ ବିଶିଷ୍ଟ ରୂପେ ମୁଣ୍ଡ ଟେକି ପାରିବେ ଏପରି କହିଲେ କିଛି କ୍ଷତି ହେବ ନାହିଁ । ଏହା ସଙ୍ଗେ ସଙ୍ଗେ ଏ କଥା ଅବଶ୍ୟ ମାନିବାକୁ ହେବ ଯେ, ବିଲାତି କବି ଓ୍ୱାର୍ଡସ୍‌ୱାର୍ଥ (Wordsworth) ପ୍ରକୃତିର ଅନ୍ତରାଳରେ ଯେପରି ସନାତନ ପୁରୁଷଙ୍କୁ ଭଗବାନ ଭାବରେ ଦେଖି ପାରିଥିଲେ ଓ ପ୍ରକୃତିର ପ୍ରତି ରନ୍ଧ୍ରରେ ଯେପରି ସେହି ଅନନ୍ତ ବୀଣାର ଝଙ୍କାର ଶୁଣି ପାରିଥିଲେ, ଆମ୍ଭମାନଙ୍କ ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନାରେ ସେପରି କୌଣସି ସ୍ୱର୍ଗ ରାଜ୍ୟର ବାର୍ତ୍ତା ବା ପାରିଜାତ

---

* ଉତ୍କଳ ସାହିତ୍ୟ ୧୮ଶ ଭାଗ, ୧ମ ସଂଖ୍ୟା, ୧୩୨୧ ।

ଜୀବନର ସ୍ୱପ୍ନ ନାହିଁ ; କିନ୍ତୁ ସ୍କଟ (Scott) ଓ ଟେନିସନ (Tennyson) ପ୍ରଭୃତି ଯେଉଁ କଳା ମାହାତ୍ମ୍ୟରେ ପ୍ରକୃତ ଜୀବନର ରୂପ ଫୁଟାଇ- ଅଛନ୍ତି, ଆମ୍ଭମାନଙ୍କର ଦରିଦ୍ର ସଙ୍ଗୀତ ସାଧାନାଥ ଯେ, ସେଥିରୁ ବଞ୍ଚିତ ହେବେ, ଏପରି ନିରାଶାର କାହାଣୀ ଶୁଣିବାକୁ ଆମ୍ଭେମାନେ ପ୍ରସ୍ତୁତ ନୋହୁଁ ।

ସବ ସାହିତ୍ୟରେ ମଧୁସୂଦନ···

ସାହିତ୍ୟ ଭକ୍ତ ମଧୁସୂଦନ 'ଉତ୍କଳ ସାହିତ୍ୟ' ସଂସାରରେ ନବ ରୁଚି ଓ ନବଭାଷାର ସୂତ୍ରପାତ କରି ଅଛନ୍ତି । ତାଙ୍କ ପୂର୍ବରୁ ଆମ୍ଭମାନଙ୍କ ଦେଶରେ ପ୍ରେମର ଢେଉ ବେଶ ଉଠିଥିଲା— ଆଦିରସର ବନ୍ୟା ଦେଶକୁ ପ୍ଲାବିତ କରି ପକାଇଥିଲା , କିନ୍ତୁ ମଧୁସୂଦନଙ୍କ ଆବିର୍ଭାବ ସଙ୍ଗେ ସଙ୍ଗେ ଉତ୍କଳ ଭାରତୀ ଅନାବିଳ ପ୍ରେମର ସଙ୍ଗୀତ ଶୁଣିବାକୁ ପାଇଲେ – ଉନ୍ନତ ସୁରର ସ୍ୱାଧୀନ ଭାଷାର ଆହ୍ୱାନ ତାଙ୍କ କାନରେ ବାଜିଲା । ମଧୁସୂଦନ ଅଳ୍ପ ଲେଖି ଅଛନ୍ତି ସତ୍ୟ, କିନ୍ତୁ ସେହି ଅଳ୍ପତା ଭିତରେ ଯେଉଁ ଅଖଣ୍ଡ ବସ୍ତୁକୁ ଧରିବାକୁ ଚେଷ୍ଟା କରିଅଛନ୍ତି, ତାହା ପ୍ରଶଂସାର୍ହ । ମଧୁସୂଦନ କବିତା ଉଚ୍ଛ୍ୱାସରେ ମହାନଦୀର ଜଳସ୍ରୋତ ପରି ଭାସି ଯାଇ ନାହାନ୍ତି— ସେ ସ୍ଥିର ଗମ୍ଭୀର ଅତଳ ସାଗର ପରି ଅନାଦି ପୁରୁଷଙ୍କୁ କ୍ଷଣେ କ୍ଷଣେ ଦର୍ଶନ କରିଅଛନ୍ତି । ତାଙ୍କ 'ଋଷି ପ୍ରାଣେ ଦେବାବତରଣ' 'ହିମାଚଳେ ଉଷା' ଓ 'ଧୂଳି' ପ୍ରଭୃତି କବିତା ଏହି ଅନାଦି ଅନନ୍ତ ପରଂବ୍ରହ୍ମଙ୍କ ଆରାଧନା —ସେହି ବିଶ୍ୱନିୟନ୍ତା ବିଧାତା ପୁରୁଷଙ୍କ ବନ୍ଦନା । ମଧୁସୂଦନଙ୍କ ଭାବବାଦୀ ଜୀବନ ଯେଉଁ ଉପାଦାନରେ ଗଢ଼ା, ସେ ସେହି ଆଦର୍ଶକୁ ଲକ୍ଷ୍ୟ ରଖି କବିତା ରଚନାରେ ହାତ ଦେଇଥିଲେ ଓ ତାହାର ଫଳରେ ତାଙ୍କର କବିତା ଭାବର ଉତ୍ସ,— ଚିନ୍ତାର ତରଙ୍ଗିଣୀ ଅନନ୍ତ ସାଗରର ଉଚ୍ଛ୍ୱାସ । ମିଲ୍‌ଟନ ଯେଉଁ ଧ୍ରୁବତାରା ବେଣି ଇଂରେଜୀ ସାହିତ୍ୟରେ ପୁଣ୍ୟର ଜୟ— ସତ୍ୟର ଆଶାବାଦ ଘୋଷଣା କରିଥିଲେ, ମଧୁସୂଦନ ତାଙ୍କର କ୍ଷୁଦ୍ର ସୀମାରେ ଉତ୍କଳ ସାହିତ୍ୟରେ ସେହିପରି ଅନନ୍ତ ଧାମର ଗାଥା ଗାଇବାକୁ ଚେଷ୍ଟା କରିଥିଲେ ।

—ଶ୍ରୀ ନନ୍ଦୀ”

## ଲିପି ସଂସ୍କାର ଆନ୍ଦୋଳନ *

ଦସ୍ତାବେଜଙ୍କ ପତ୍ରରେ ଲିପି ସଂସ୍କାର ସମ୍ପର୍କରେ ଉଲ୍ଲେଖ ଅଛି । 'ଆଶା' ପତ୍ରିକା ଏ କ୍ଷେତ୍ରରେ ନୂତନ ଆଲୋଡ଼ନ ସୃଷ୍ଟି କରିଥିଲା । 'ଉତ୍କଳ ସାହିତ୍ୟ'ରେ ଏହାର ବିରୁଦ୍ଧରେ ବହୁ ଆଲୋଚନା ହୋଇଥିଲା । ତନ୍ମଧ୍ୟରେ 'ଲିପି ସଂସ୍କାର' ଶିରୋନାମାରେ ଔପନ୍ୟାସିକ ଓ ନାଟ୍ୟକାର ରାମଶଙ୍କର ସେଉଁ ଆଲୋଚନା କରିଥିଲେ ସେଥିରୁ କିଛି ଉଦ୍ଧାର ନ କରି ରହି ପାରୁ ନାହିଁ —

" ଆଜି କାଲି ଚତୁର୍ଦ୍ଦିଗରେ ସଂସ୍କାରର ଧୂମ ପଡ଼ି ଯାଇଥିବା ସମୟରେ ଗଞ୍ଜାମର ନବୀନା 'ଆଶା' ମଧ୍ୟ ଗୋଟାଏ ସଂସ୍କାର ନେଇ ଉଠିଛି । ସମାଜ ସଂସ୍କାର, ଧର୍ମ ସଂସ୍କାର, ବିବାହ ସଂସ୍କାର, ଶ୍ରାଦ୍ଧ ସଂସ୍କାର ଓ ଲେଖା ପଢ଼ାର ସଂସ୍କାର ଇତ୍ୟାଦି ନାନାବିଧ ସଂସ୍କାର ଉଦ୍ୟୋଗ ଲାଗିଥିବାରୁ ଦେଶର ଚିନ୍ତାଶୀଳ ବ୍ୟକ୍ତିମାନେ ମୁଣ୍ଡର ଝାଳ ଗୋଡ଼ରେ ପକାଉ ଅଛନ୍ତି । ମାତ୍ର ସେ ସମସ୍ତ କୁସଂସ୍କାରର ମୂଳକ ଆବର୍ଜନା ପରିତ୍ୟାଗ ପୂର୍ବକ ଉନ୍ନତି ମାର୍ଗରେ ଅଗ୍ରସର ହେବାର ଉଦ୍ଦେଶ୍ୟମୂଳକ । 'ଆଶା'ର ଲିପି ସଂସ୍କାର 'ସ୍ୱାଧୀନତା' ଉପରେ ସ୍ଥାପିତ ହୋଇଅଛି । 'ଭସ୍ମ' ଇତ୍ୟାଦିକୁ 'ଭଂସମ' ଇତ୍ୟାଦି ରୂପ କରିବାରେ ସ୍ୱଭାବତଃ ମନେ କରିଥିଲି ଯେ, ଆଶାର ନୂତନ ପ୍ରେସରେ ବୋଧହୁଏ ଯୁକ୍ତାକ୍ଷର ନ ଥିବାରୁ, ଏପରି ଘଟି ଥିବ, ମାତ୍ର ବାଲେଶ୍ୱରର ସମ୍ବାଦ ବାହିକା ଛାପି ଦେବାରୁ କଥାଟା ବାହାରି ପଡ଼ିଲା— ଖାଲି 'ଆଶା'ର କଥା ନୁହେଁ, ତାଙ୍କ ପୃଷ୍ଠପୋଷକ ମଧ୍ୟ ବାହାରି ପଡ଼ିଲେ । X X X ।"

ପୁଣି..."ପରାଧୀନ ଜାତି ପକ୍ଷରେ ସ୍ୱାଧୀନତା ବଡ଼ ରମଣୀୟ; ମାତ୍ର ଅପରିଭ୍ରାନ୍ତ ସ୍ୱାଧୀନ ଭାବ ଅତି ଦୁଷ୍ଟ ଅଟେ । ବାପ ଅଜାଙ୍କୁ ଅବହେଳା କରି ସ୍ୱାଧୀନ ହେବାର ଭାବ ଏ ଯୁଗକୁ ସାଜି ପାରେ, ମାତ୍ର ତାହା ଯେ ଘଟିବ, ଏଥିରେ ସନ୍ଦେହ ନାହିଁ । ଆଜି କାଲି ବାପକୁ ପୁଅ ମାନୁ ନାହିଁ, ଗୁରୁକୁ ଚେଲା ମାନୁ ନାହିଁ, ଅବଧାନକୁ ଛାତ୍ର ମାନୁ ନାହିଁ, ରଜାକୁ ପ୍ରଜା ମାନୁ ନାହାନ୍ତି ; ଏପରି ସ୍ଥଳରେ ଓଡ଼ିଆ ଭାଷା ସଂସ୍କୃତିକୁ ନ ମାନିଲେ

ତାହା କାଳର ଦୋଷ ବିନା ଆଉ କ'ଣ ହୋଇପାରେ ? ଆଶାର ସମ୍ପାଦକ ଓ ଲେଖକମାନେ ଦେଶ ଲୋକଙ୍କୁ ତାଙ୍କଲିପି ସଂସ୍କାରର ଅନୁବର୍ତ୍ତୀ ହୋଇ ଲେଖିବାକୁ ପ୍ରାର୍ଥନା କରିଅଛନ୍ତି । କେହି ମାନିବେ ଏହା ମୋତେ ଲାଗୁ-ନାହିଁ । ମୁଁ ତାହା ପଢ଼ିଲା ମାତ୍ରେ ଲାଙ୍ଗୁଳହୀନ ଶୃଗାଳ କଥା ମନେ ପଡ଼ିଲା ।"*

ରାମଶଙ୍କର ରାୟ ତାଙ୍କ ପ୍ରବନ୍ଧରେ ଗୋଦାବରୀଶ ବାବୁଙ୍କୁ ଆକ୍ଷେପ କରି ଅଛନ୍ତି । କିନ୍ତୁ ବସ୍ତୁତଃ ଗୋଦାବରୀଶ ଯେଉଁ ଅଭିମତ ପ୍ରକାଶ କରିଥିଲେ ତାହା ସମେ ନୟ, ଅଧିକତର ଲୋକପ୍ରିୟ ହୋଇଛି ତାହା 'ନୀଳକଣ୍ଠ ସ୍ଥାନରେ 'ନୀଳକଂଠ'; ସଞ୍ଜ ବଦଳରେ 'ସଂଜ' ପ୍ରଭୃତି ପ୍ରଚଳନରୁ ସହଜରେ ଅନୁମେୟ ।

'ଲିପି ସଂସ୍କାର' କିପରି ହେବା ଉଚିତ, ସେ ସମ୍ପର୍କରେ କବି ଗଙ୍ଗାଧର ମେହେର 'ଉତ୍କଳ ଭାରତୀ'ଙ୍କ ଉକ୍ତି କବିତାରେ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ କହିଥିଲେ ......

"ଛାଡ଼ ବାବୁ ମୋର    କୋମଳ ବସନ
ଅଙ୍ଗକୁ ପର୍ଶିରେ ନ ହେବ ପୀଡ଼ା,
ଦେବ ଦେଲେ ଦିଅ    ଏମନ୍ତ ଭୂଷଣ
ଯାହା ବେଶେ ମୋର ନହେବ ବ୍ରୀଡ଼ା ।"

ପୁଣି—

"ନଖ ବଢ଼ିଥିଲେ    କର କରତନ
ରଞ୍ଜିଦିଅ ତହିଁ ଅଳତା ରଙ୍ଗ,
ନାକ ବଢ଼ିଥିଲେ    ତା କଲେ ଛେଦନ
ହେବ ନାହିଁ କି ମୋ ସୌଷ୍ଠବ ଭଙ୍ଗ ?

× × × ×

* 'ଉତ୍କଳ ସାହିତ୍ୟ' ୧୮ଶ ଭାଗ ପ୍ରଥମ ସଂଖ୍ୟା, ବୈଶାଖ, ୧୩୨୧ ।

ତୁମ୍ଭେ ମୋତେ ଯେଉଁ           ବେଶରେ ସାଜିବ
ସେ ବେଶ ଦେଖିବେ ଜଗତ ଜନେ

ତୁମ୍ଭେ ଯେବେ ମୋତେ           ଯତନେ ମାଜିବ
ମାର୍ଜିତ ଉଜ୍ଜ୍ୱଳ ହେବ ଭୁବନେ ।"

ସେତେବେଳେ କବିଙ୍କର ଏହି କବିତାଟି 'ଉତ୍କଳ ସାହିତ୍ୟ' ୧୮ଶ ଭାଗ ୧ମ ସଂଖ୍ୟା, ବୈଶାଖ, ୧୩୨୧ ରେ ପ୍ରକାଶିତ ହୋଇଥିଲା । ଯେ କୌଣସି ନିରପେକ୍ଷ ସମାଲୋଚକ ମାନେ ନିଶ୍ଚୟ ସ୍ୱୀକାର କରିବେ ଯେ ଲିପି ସଂସ୍କାର ସମ୍ବନ୍ଧରେ ଏହା ଏକ ସୁଚିନ୍ତିତ, ଗଠନମୂଳକ ତତ୍ତ୍ୱବନ୍ତ ଦୃଷ୍ଟିକୋଣ ।

## କବି ବ୍ରଜମୋହନଙ୍କ ପୁତ୍ର ଶୋକ *

କବି ବ୍ରଜମୋହନଙ୍କ ଜ୍ୟେଷ୍ଠ ପୁତ୍ର ୯ ହରିଶଙ୍କର ମାତ୍ର ଦେଢ଼ ବର୍ଷ ବୟସରେ ଅକାଳରେ ମହାନିଦ୍ରାଭିଭୂତ ହେବାରୁ କବି ବ୍ରଜମୋହନ ଯେତେବେଳେ ନୈଷ୍ଠିକ ଶୋକର ଅସୀମ ବେଦନାରେ ଭଗ୍ନ ହୃଦୟ ହୋଇଥିଲେ ସେତେବେଳେ ବନ୍ଧୁର ଶୋକକୁ ନିଜ ଅନ୍ତରରେ ଅନୁଭବ କରି ସମବେଦନାରେ ଦୟାନିଧିଙ୍କର ଚକ୍ଷୁ ଲୋତକାର୍ଦ୍ର ହୋଇ ଉଠିଥିଲା ।


ଦୟାନିଧି ସେତେବେଳକୁ ସନ୍ତାନର ପିତା ହୋଇ ନ ଥିଲେ । ତେଣୁ ବନ୍ଧୁ ପୁତ୍ର ହରିଶଙ୍କର ଠାରେ ସମସ୍ତ ସ୍ନେହ ଢାଳି ଦେଇଥିଲେ । ହରିଶଙ୍କରର ଫଟୋ ଦେଖି ସେ ଅଶେଷ ଆନନ୍ଦ ଅନୁଭବ କରୁଥିଲେ, ଯାହା ତାଙ୍କ ଉକ୍ତିର ଶବ୍ଦରେ ସ୍ପଷ୍ଟ ହୋଇ ଉଠିଛି । ହରିଶଙ୍କରର ବିୟୋଗରେ ବ୍ୟଥିତ କବି ବ୍ରଜମୋହନଙ୍କ ଶୋକ ସନ୍ତପ୍ତ ପ୍ରାଣର ହାହାକାର ଯେପରି 'ବିଫଳ ବାସନା' କବିତାରେ ଛନ୍ଦବଦ୍ଧ ହୋଇ ଉଚ୍ଚାରିତ ହୋଇଛି ଠିକ୍ ସେହିପରି ଦୟାନିଧିଙ୍କର ବେଦନା ତାଙ୍କ "ବୃନ୍ତ-ଚ୍ୟୁତ କୋରକ"ରେ ରୂପାୟିତ ହୋଇଛି ।

# ଚିତ୍ର ପରିଚୟ।

କବି ବ୍ରଜମୋହନଙ୍କ ପତ୍ନୀ ଶ୍ରୀମତୀ ଲଳିତା ଦେବୀ ଓ ଜ୍ୟେଷ୍ଠପୁତ୍ର ହରିଶଙ୍କର,

ଯାହାର ଅକାଳ ବିୟୋଗ ଶୋକରେ କବିଙ୍କ ଅନୁପମ ସୃଷ୍ଟି

" ବିଫଳ-ବାସନା ", ରଚିତ ହୋଇଥିଲା ।



ମାତା ଓ ପୁତ୍ର ।

ସୀତା କହୁଛନ୍ତି:—

ମୋହୋଷ୍ଠ ଶରତ ଚନ୍ଦ୍ରେଁ ଉଦାରେ
ଉଠିଲା ଶଶିର ଶୁଭ,
ପ୍ରେମ-ସରୋବରେ ଫୁଟିଲା କଇଁ
କମଳ କମଳ ଭଳ ।
ଢଳଢଳ ଭାବ ଚନ୍ଦ୍ର-ବଦନ
କୋମଳ କରଣ କାଳେ,
ଗୋଲାପ କୁସୁମ ଦ୍ରାର ମନେ ଭାବ
ଫୁଲ ଭାଙ୍ଗିଲ ଶାଳେ ।

ସୁରଖ ମଧୁର କୋମଳ ଅଧରେ
ଫୁଟି ପଡୁଥାଏ ହସି,
କପଟ କୋଳେ ସୁଧାକର ଯେମ
କଳୁଥାଏ କୋଳେ ବସି ।
ଶୁଣି, ତୁଟକର ଭାବ ସୁଧା-ଭସ ନିଶ
ଅବ୍ଯକ୍ତ ମଧୁବାଣୀ,
ମୋଇ; ଅଣାଉ ଧାଉଥେ ଫୁଟିଉଠେ ଫୁଲ.
ଉଭଲେ କଣୀଠ-ଗୁଣୀ ।

'ବିଫଳ-ବାସନା', ୪ର୍ଥ ଛନ୍ଦ



ଉତ୍କଳର ପ୍ରିୟକବି ଗଙ୍ଗାଧର ମେହେର

"କବି ଗଙ୍ଗାଧର ଏକା ସମ୍ବଲପୁରର କାହିଁକି ଉତ୍କଳର ରତ୍ନ ସ୍ୱରୂପ । କିନ୍ତୁ ଉତ୍କଳରେ ରତ୍ନର ଆଦର ହେଲନାହିଁ । ଏହା କବିର ତଥା ଉତ୍କଳର ଦୁର୍ଭାଗ୍ୟ ।

ଗଙ୍ଗାଜଳ ଯେପରି ସବୁ ସ୍ଥାନକୁ ପବିତ୍ର କରିଦିଏ, ସେହିପରି ଶକ୍ତିଶାଳୀ କବି ଗଙ୍ଗାଧର ଯେ କୌଣସି ବିଷୟରେ ହସ୍ତକ୍ଷେପ କରି ଅଛନ୍ତି ତାହାକୁ ସୁନ୍ଦର କରି ପାରିଛନ୍ତି"—— ପଲ୍ଲୀକବି ନନ୍ଦକିଶୋର

ତତ୍ପାଣିଧିଙ୍କ ପରେ ବ୍ରଜମୋହନଙ୍କର ଅନ୍ୟତମ ସୁହୃଦ କବି ଗଙ୍ଗାଧର ମଧ୍ୟ ବ୍ରଜମୋହନଙ୍କ ପୁତ୍ର ଶୋକରେ ଅଧୀର ହୋଇ ତାଙ୍କ ମର୍ମ ବେଦନା ପ୍ରକାଶ କରିଥିଲେ । ଏହା ବଜେପୁରରୁ ୧୯୧୪ ମସିହା ୧୪ ତାରିଖରେ ତାଙ୍କର ପ୍ରଦତ୍ତ ପତ୍ରରୁ ସହଜରେ ଅନୁମେୟ...

ବଜେପୁର
ତା ୪ । ୭ । ୧୪

ପ୍ରଣତି ପୁରଃସର ସବିନୟ ନିବେଦନ ମିଦଂ—

ପ୍ରିୟବର ମହାଶୟ,

ଆଜ ଆପଣଙ୍କ ଦୁଃଖରେ ସମଦୁଃଖୀ ହୋଇ ଅଶ୍ରୁସିକ୍ତ ଲେଖନୀରେ ଏହି ପତ୍ର ଲେଖୁଅଛି । ଆପଣଙ୍କ ହୃଦୟ ବେଦନା ମୁଁ ଅନୁଭବ କରି ପାରୁଛି, କାରଣ ମୁଁ ତହିଁର ଭୁକ୍ତଭୋଗୀ । ସଂସାରର ସାନ୍ତ୍ୱନାରେ ସାନ୍ତ୍ୱନାର ଅତୀତ ଅନେକ ଦୁଃଖ ଅଛି । ପୁତ୍ରଶୋକ ତହିଁରେ ପ୍ରଧାନତମ ଅଟେ । ଆପଣ ଜାଣନ୍ତି......

"ଯାହା ଲାଗି ଭବେ ଯେତେ ସୁଖ
ତାହାଲାଗି ପୁଣି ତେତେ ଦୁଃଖ ।"

ମଙ୍ଗଳମୟ ପରମେଶ୍ୱର ଯେଉଁ ଅଭିପ୍ରାୟ ସାଧନ ନିମନ୍ତେ ଏପରି ଦୁଃଖ ଦାନ କରନ୍ତି, ତାହା ତାଙ୍କୁହିଁ ଗୋଚର । ତାଙ୍କର ଉଦ୍ଦେଶ୍ୟ ମାନବର ଜ୍ଞାନ ସୀମାର ବହିର୍ଭୂତ ।

ହୃଦୟ ପାଷାଣ ଖୋଦିତ ଦୁଃଖରେଖାକୁ କାଳସ୍ରୋତ ମଳିନ କରେ, ମାତ୍ର ଲୁପ୍ତ କରି ପାରେ ନାହିଁ । ପୁତ୍ରଶୋକ ଜନିତ ଦୁଃଖ ରେଖା ଲୋପ ହେବାର ବାଞ୍ଛନୀୟ ମଧ୍ୟ ନୁହେଁ ।

ଆପଣଙ୍କୁ ସମ୍ପ୍ରତି ମୋର ଅନୁରୋଧ ଯେ, ନିଜର କୁଶଳ ଉଲ୍ଲେଖ କରି ମୋତେ ଖଣ୍ଡିଏ ପତ୍ର ଲେଖିବା ହେବେ । ତହିଁର ଉତ୍ତର ସୂଚିତ ପରେ ମୁଁ ପୁନଶ୍ଚ ଲେଖିବି ।

ବିଶେଷ କାରଣରୁ ଏହି ପତ୍ର ଲେଖିବାରେ ବିଳମ୍ବ ହୋଇଅଛି । ଇତି

ଆପଣଙ୍କର
ଗଙ୍ଗାଧର

* ଗଙ୍ଗାଧର ପତ୍ରାବଳୀ ପୃଷ୍ଠା– ୧୪୬-୪୭

## ସୁରେନ୍ଦ୍ର ସାଏ*

'ଉତ୍କଳ ସାହିତ୍ୟ' ପତ୍ରିକାରେ ସମ୍ବଲପୁରର ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଫଟୋ ପ୍ରକାଶ ସମ୍ପର୍କରେ ଦୟାନିଧିଙ୍କର ପତ୍ରରେ ଉଲ୍ଲେଖ ଅଛି । ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସମ୍ବଲପୁରରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଯେଉଁ ଐତିହାସିକ ସଂଗ୍ରାମ ଅନୁଷ୍ଠିତ ହୋଇଥିଲା, ତାହା ଭାରତର ମୁକ୍ତିସଂଗ୍ରାମର ଇତିହାସରେ ରକ୍ତ ଧାରରେ ଲିଖିତ ଏକ ଗୌରବ ଦୀପ୍ତ ଅଧ୍ୟାୟ । ଖୋରଧାର ପାଇକ ବିଦ୍ରୋହ ପରେ ସମ୍ବଲପୁରର ଏହି ସ୍ୱାଧୀନତା ପ୍ରକାଶେ ସଂଗ୍ରାମ ଭାରତର ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ । ଏ କଥାକୁ ଅସ୍ୱୀକାର କଲେ ସତ୍ୟର ଅପଳାପ ହେବ ।

ଚୌହାନ ବୀର ସୁରେନ୍ଦ୍ର ସାଏ ଏହି ସଂଗ୍ରାମର ନେତୃତ୍ୱ ଗ୍ରହଣ କରି ଅଶେଷ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରିଥିଲେ ସତ୍ୟ, କିନ୍ତୁ ଦେଶ ଜନନୀର ହସ୍ତରୁ ଦାସତ୍ୱର ଶୃଙ୍ଖଳ ବିମୋଚନ କରିବା ପାଇଁ ଦେଶପ୍ରାଣ ସୁରେନ୍ଦ୍ର ସାଏଙ୍କ ସାଧନା ତାଙ୍କୁ ସମଗ୍ର ଭାରତର ନମସ୍ୟ କରିପାରିଛି ।

ଦୟାନିଧି ବ୍ରିଟିଶ ଶାସନ କାଳରେ ସୁଦ୍ଧା ଏହି ବୀରଙ୍କର ବନ୍ଦନା ପାଇଁ ଯେଉଁ ପ୍ରୟାସ କରିଥିଲେ, ତାହା ତାଙ୍କର ସ୍ୱାଧୀନତା ପିପାସାର ଅଭିବ୍ୟକ୍ତି ଓ ଭାରତର ଦରବାରରେ ସମ୍ବଲପୁରର ଯଶୋଗାନ କରିବାର ମହିମାନ୍ୱିତ ଅଭିପ୍ସା ।

କବି ବ୍ରଜମୋହନ ସେ ସମୟରେ ତାଙ୍କର 'ମୁହିଁ ସମ୍ବଲ ବାସୀ' କବିତାରେ ଏହି ବୀର ସୁରେନ୍ଦ୍ରଙ୍କ ବନ୍ଦନା କରିବାକୁ ଯାଇ ଲେଖିଥିଲେ···

"ଜନମିଲେ ପୁଣି ସୁରେନ୍ଦ୍ର ସାଏ
ବୀରମଣି ସେହିଠାରେ,
ରଞ୍ଜିତ କଲେ ଜନନୀ ଚରଣ
ଅଗଣିତ ଶୋଣିତ ଧାରେ ।

ରାଜ୍ୟ ରକ୍ଷା ପାଇଁ ବନ୍ଧୁ ତାର
ମଞ୍ଜୁଆଳ ବିରଶ ଭଙ୍ଗେ,
ବଳିଦାନ ଦେଲେ ଯୁଝି ଯୁଝି ଶେଷେ
ବ୍ରିଟିଶ ଫୌଜ ସଙ୍ଗେ ।”

ବନ୍ଧୁ ବ୍ରଜମୋହନ ସୁରେନ୍ଦ୍ର ସାଏଙ୍କ ଯଥାର୍ଥ ପୂଜାରୀ ବୋଲି ଜାଣି ଦୟାନିଧି ତାଙ୍କ ମନର କାମନା ତାଙ୍କଠାରେ ବ୍ୟକ୍ତ କରିଥିଲେ—

“ତୁମ୍ଭେ ସୁରେନ୍ଦ୍ର ସାଏଙ୍କ ପ୍ରକୃତ ଉପାସକ ବୋଲି ଏକଥା ତୁମଠାରୁ ଲେଖିଲି । ×××× ମୋର ପୂଜା ପଦ୍ଧତି ଅନ୍ୟ କାହାର ମନକୁ ନ ଆସି ପାରେ କିନ୍ତୁ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ତୁମେ ସେ ପୂଜାରେ ଆନନ୍ଦିତ ହେବ ।”

ଦୟାନିଧିଙ୍କର ସଂଗୃହୀତ ‘ଫଟୋଟି’ ‘ଉତ୍କଳ ସାହିତ୍ୟ’ ପତ୍ରିକାର ୧୮ଶ ଭାଗ, ୧ମ ସଂଖ୍ୟା, ବୈଶାଖ ୧୩୨୧ ରେ ପ୍ରକାଶିତ ହୋଇଥିଲା । ସେହି ସଂଖ୍ୟା ‘ସାହିତ୍ୟ’ର ବିବିଧ ପ୍ରସଙ୍ଗ ଶିରୋନାମାରେ ଯେଉଁ ଛବି ପରିଚୟ ପ୍ରଦତ୍ତ ହୋଇଥିଲା ସେଥିରେ କୁହା ଯାଇଥିଲା...... “ଦ୍ୱିତୀୟ ଛବି ଖଣ୍ଡି ସମ୍ବଲପୁରର ଜଣେ ଐତିହାସିକ ବୀରପୁରୁଷର। ଫାଲ୍‌ଗୁନ ମାସର ଉତ୍କଳ ସାହିତ୍ୟରେ ପ୍ରକାଶିତ ‘ମିଳନ’ ନାମକ ଗଳ୍ପରେ ଏହାଙ୍କ ବିଷୟରେ ଉଲ୍ଲେଖ ଅଛି ।

କାରାଗାରରେ ନିବଦ୍ଧ ଥିବା ବେଳେ ତାଙ୍କର ଯେଉଁ ଛବି ନିଆଯାଇଥିଲା, ତହିଁରୁ ଖଣ୍ଡିଏ ସମ୍ବଲପୁର ନିବାସୀ କଟକ କଲେଜର ଛାତ୍ର ଶ୍ରୀମାନ୍ ଦୟାନିଧି ମିଶ୍ର ସଂଗ୍ରହ କରି ଯତ୍ନପୂର୍ବକ ସମ୍ପାଦକ ରଖିଥିଲେ । ତହିଁରୁ ବ୍ଲକ ପ୍ରସ୍ତୁତ କରାଇ ଏ ଛବି ଖଣ୍ଡି ପାଠକ ପାଠିକାମାନଙ୍କୁ ଉପହାର ଦେଲୁଁ ।” ଆଜି ଉତ୍କଳର ସର୍ବସ୍ୱ ସୁରେନ୍ଦ୍ର ସାଏଙ୍କ ଯେଉଁ ଛବି ଦେଖିବାକୁ ମିଳେ ତାହା ଉତ୍କଳ ସାହିତ୍ୟରେ ପ୍ରକାଶିତ ଉକ୍ତ ଫଟୋର ଅବଲମ୍ବନରେ ପ୍ରସ୍ତୁତ ହୋଇଅଛି । ଦୟାନିଧି ଯଦି ତାହା ଯତ୍ନର ସହିତ ସଂଗ୍ରହ କରି ନ ଥାନ୍ତେ ତେବେ ଆମେ ଆଜି ସେହି ବୀର ପୁରୁଷଙ୍କ ଛବି ଦେଖିବାର ସୌଭାଗ୍ୟ ଲାଭ କରି ପାରି ନ ଥାନ୍ତୁ ।

## ଦୟାନିଧି ଓ ଗଙ୍ଗାଧର*

ଦୟାନିଧିଙ୍କର ବନ୍ଧୁ ବ୍ରଜମୋହନ ଥିଲେ ମେହେର କବିଙ୍କର ପ୍ରିୟ ସଖା । ଗଙ୍ଗାଧରଙ୍କ ସହିତ ଦୟାନିଧିଙ୍କର ପରିଚୟ ଓ ଘନିଷ୍ଠତା ଦୟାନିଧି ବାବୁ ବ୍ରଜମୋହନ ବାବୁଙ୍କୁ ଯେଉଁ ପତ୍ର ଲେଖିଥିଲେ ସେଥିରୁ ସହଜରେ ଅନୁମେୟ । ଏତଦ୍‌ବ୍ୟତୀତ ଗଙ୍ଗାଧର ବ୍ରଜମୋହନଙ୍କୁ ଲେଖି-ଥିବା ଭିନ୍ନ ପତ୍ରରେ ( ଗଙ୍ଗାଧର ପତ୍ରାବଳୀ ଦ୍ରଷ୍ଟବ୍ୟ ) ଦୟାନିଧିଙ୍କର ନାମୋଲ୍ଲେଖ ହୋଇଛି ।

ମେହେର କବିଙ୍କର ତିରୋଭାବ ପରେ ତାଙ୍କ ସ୍ମୃତିପୂଜା ପାଇଁ ଯେଉଁ ଗଙ୍ଗାଧର ସାହିତ୍ୟ ସମାଜ ଗଠିତ ହୋଇଥିଲା, ତାହାର ମୁଖପତ୍ର 'ନବଯୁଗ'ର ସଂପାଦକ ଥିଲେ ଦୟାନିଧି ମିଶ୍ର । ଏହି 'ନବଯୁଗ'ର ଗୋଟିଏ ସଂଖ୍ୟାର ମୁଦ୍ରଣ ଖର୍ଚ୍ଚ ପରମାନନ୍ଦପୂର୍ଣ୍ଣ ମିଶ୍ର ଓ ଅନ୍ୟ ଗୋଟିଏ ସଂଖ୍ୟାର ଖର୍ଚ୍ଚ ବ୍ରଜମୋହନ ଓ ଡାକ୍ତର ରାମଦେବ ମିଶ୍ର ସାନନ୍ଦରେ ବହନ କରିଥିଲେ ।



# ସୁଲେଖକ ଶଶୀଭୂଷଣଙ୍କ ଲେଖନୀରୁ........

କାଳୀଗଳି
କଟକ
ତା। ୨୪ । ୭ । ୯୬

ପରମ ସ୍ନେହାସ୍ପଦେଷୁ ,

ଶ୍ରୀମନ୍ମହାଶୟ,

ଭବଦୀୟ କୃପାଲିପି ପାଇ କୃତାର୍ଥ ହେଲି । ଏହି କଳିର ସ୍ୱାର୍ଥାପନ୍ନ ନରକ ଓ ସ୍ୱାର୍ଥପର ସମାଜରେ ଆପଣ ମୋ ପ୍ରତି ଯେଉଁ ଅନୁରାଗ ପ୍ରଦର୍ଶନ କରିଛନ୍ତି ତହିଁରେ ମୁଁ ପ୍ରକୃତ ଧନ୍ୟ ହୋଇଅଛି, କିନ୍ତୁ ଭୁଲିଯିବା କଥାଟି ଅବଶ୍ୟ ଠିକ୍ ନୁହେଁ... ସମ୍ବାଦ ପତ୍ରରେ ଆପଣଙ୍କର କବିତା ପାଠ କରିଅଛି ; ଏଣୁ ଭୁଲିବା ମୋତେ ସହଜ ନୁହେଁ । ସେଦିନ ମାଳମଣି ବିଦ୍ୟାରତ୍ନଙ୍କ * ପ୍ରବନ୍ଧରେ ମଧ୍ୟ ଆପଣଙ୍କ ନାମ ସନ୍ନିବେଷ୍ଟ ଥିଲା । ଆପଣ ସମ୍ବଲପୁରର ଭବିଷ୍ୟତ ଗୌରବ । ମୋହର ପରମାରାଧ୍ୟ ୰ ପିତୃଦେବଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉପଲକ୍ଷରେ ଯେଉଁ ପୁସ୍ତକ ସମୂହ ବିରଚିତ ହୋଇଥିଲା, ସେଥିରୁ ଆପଣଙ୍କ ସହାଧ୍ୟାୟୀବର୍ଗଙ୍କ ସକାଶେ ପ୍ରେରଣ କଲି । 'ପିତୃସ୍ମୃତି' ଓ 'ସମାଧି କ୍ଷେତ୍ର' ପ୍ରତ୍ୟେକରୁ ୧୪ ଖଣ୍ଡ ଲେଖାଏଁ ଅଛି ; ମାତ୍ର ଅନ୍ୟ ଦୁଇଟି ପୁସ୍ତକ ପ୍ରାୟ ନିଃଶେଷ ହୋଇଥିବାରୁ ଅଳ୍ପ ପ୍ରେରିତ ହେଲା । 'ସଙ୍ଗୀତ'ରୁ ମଧ୍ୟ କିଛି ପ୍ରେରଣ କଲି । ଦୟାକରି ପ୍ରାପ୍ତି ସମ୍ବାଦ ଦେଲେ ଆପ୍ୟାୟିତ ହେବି ।

ଆପଣଙ୍କ ସହାଧ୍ୟାୟୀମାନେ ସ୍ୱଦେଶରେ ଭବିଷ୍ୟତ ଆଶାର ଅବଲମ୍ବନ । ସେମାନଙ୍କୁ ମୋହର ଐକାନ୍ତିକ ସ୍ନେହ ସମ୍ଭାଷଣ ଜ୍ଞାପନାସ୍ତୁ । ଆଶା କରେଁ ଏହି ପତ୍ର ଆପଣମାନଙ୍କୁ ସର୍ବଶୁଭରେ ଅଭିବାଦନ କରିବ । ଶମସ୍ତିକେନେଷ ।

ଶୁଭେଚ୍ଛୁ— ଶ୍ରୀ ଶଶୀଭୂଷଣ ରାୟ ।

---

* ୰ ମାଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଥିଲେ ।

## ଆଲୋଚନା *

କବି ରାଧାନାଥ ରାୟଙ୍କ ସୁସନ୍ତାନ ଶଶୀଭୂଷଣ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ରୂପେ ପରିଚିତ । ରାଧାନାଥ ଯେପରି ସୁଲଳିତ ପଦ୍ୟର ଲଳିତ ପରିବେଶ ଭିତରେ ଉତ୍କଳୀୟ ପ୍ରକୃତିର ରୂପାୟନ କରିଛନ୍ତି, ଶଶୀଭୂଷଣ ମଧ୍ୟ ଅନୁରୂପ ଭାବରେ ପିତାଙ୍କ ପନ୍ଥାକୁ ଅନୁସରଣ କରି ଗଦ୍ୟ ରଚନାରେ ସେହି ପ୍ରକୃତିର ନିମିତ୍ତ ବାଢ଼ିଛନ୍ତି ପ୍ରାଣର ପ୍ରୀତି ଅର୍ଘ୍ୟ । ତାଙ୍କର ଗଦ୍ୟରେ ସୁଦ୍ଧା ପଦ୍ୟସୁଲଭ ଉଚ୍ଛ୍ୱାସ ଓ ଆବେଗ ତଥା ଲାଳିତ୍ୟ ବାସ୍ତବିକ ଉପଭୋଗ୍ୟ ।

ଶଶୀଭୂଷଣ ବ୍ରଜମୋହନ ବାବୁଙ୍କୁ ଅନେକ ଗୁଡ଼ିଏ ପତ୍ର ଲେଖିଥିଲେ । ଦୁଃଖର ବିଷୟ ତନ୍ମଧ୍ୟରୁ ଏଥିରେ ପ୍ରକାଶିତ ପତ୍ରଟି ବ୍ୟତୀତ ଅନ୍ୟ ସମସ୍ତ କୀଟଦଂଷ୍ଟ ହୋଇ ନଷ୍ଟ ହୋଇ ଯାଇଛି । ସେ ସମୟର ଉଦୀୟମାନ କବି ବ୍ରଜମୋହନ ଉଭୟ ପ୍ରାଚୀନ ଓ ତରୁଣ ସାହିତ୍ୟିକ ମହଲରେ ସୁପରିଚିତ ଥିବାର ସୂଚନା ଏଥିରୁ ସ୍ପଷ୍ଟ ।

ନୀଳମଣି ବିଦ୍ୟାରତ୍ନ କବି ରାଧାନାଥଙ୍କର ଅନୁରୋଧ ଅନୁଯାୟୀ ମେହେର କବିଙ୍କର ଯେଉଁ ସଂକ୍ଷିପ୍ତ ଜୀବନ ଚରିତ ଲେଖିଥିଲେ, ସେଥିରେ ବ୍ରଜମୋହନଙ୍କ ନାମୋଲ୍ଲେଖ ଥିଲା । କାରଣ ବ୍ରଜମୋହନ ଗଙ୍ଗାଧରଙ୍କର ଥିଲେ ପ୍ରକୃତ ପ୍ରେରଣା ଦାତା । ଶଶୀଭୂଷଣ ଉକ୍ତ ପ୍ରବନ୍ଧ ପାଠ କରି ବ୍ରଜମୋହନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଆଶାୟୀ ହୋଇଥିଲେ··· "ଯେହେତୁ ନୀଳମଣି ବିଦ୍ୟାରତ୍ନଙ୍କ ପଦ୍ଧତିରେ ମଧ୍ୟ ଆପଣଙ୍କ ନାମ ସନ୍ନିବିଷ୍ଟ ଥିଲା । ଆପଣ ସମ୍ବଲପୁରର ଭବିଷ୍ୟତ ଗୌରବ ।"

ଦୂରଦ୍ରଷ୍ଟା ଶଶୀଭୂଷଣଙ୍କର ଭବିଷ୍ୟତ ବାଣୀ ସତ୍ୟରେ ପରିଣତ ହୋଇଅଛି । ସମ୍ବଲପୁରର ସାଂସ୍କୃତିକ ଜୀବନରେ ବ୍ରଜମୋହନଙ୍କର ଭୂମିକା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ଶିବହୀନ ଯଜ୍ଞ ଯେପରି ଅଚିନ୍ତନୀୟ, ଠିକ୍ ସେହିପରି ବ୍ରଜମୋହନଙ୍କୁ ବାଦ୍ ଦେଇ ସମ୍ବଲପୁରରେ କୌଣସି ସାଂସ୍କୃତିକ କାର୍ଯ୍ୟ ସମ୍ପାଦନ ଏକାବେଳକେ ଅସମ୍ଭବ ।

## ✓ ବାଲୁଙ୍କେଶ୍ୱର ମିଶ୍ରଙ୍କ ଲେଖନୀରୁ ...

( ୧ )

ଓଁ

ବରଗଡ଼

ତା ୨୫।୮।୧୪

ପ୍ରିୟ ବ୍ରଜମୋହନ,

ଆଜ ଦୁଇଟି କଥା ନେଇ ଲେଖିବାକୁ ପଡ଼ିଲା । ପ୍ରଥମ ବରଗଡ଼ର ପ୍ରସ୍ତାବିତ ହାଇସ୍କୁଲ ସମ୍ବନ୍ଧେ ଓ ଦ୍ୱିତୀୟରେ ମୋର ନିଜର ସମ୍ବନ୍ଧେ—

କାର୍ଯ୍ୟତଃ ହାଇସ୍କୁଲର କାର୍ଯ୍ୟ କିଛି ହୋଇ ନାହିଁ କହିଲେ ଚଳେ । ନ୍ୟୁନ ପକ୍ଷେ ପଚିଶ ହଜାର ଟଙ୍କା ହାତକୁ ଆସିବା ଦରକାର । ହାତକୁ ଆସିବା ଦୂରେ ଥାଉ, କେବଳ କୋଡ଼ିଏ ହଜାର ଟଙ୍କା ମାତ୍ର ଚାନ୍ଦା ସ୍ୱାକ୍ଷରିତ ଓ ସ୍ୱୀକୃତ ହୋଇଅଛି । ସ୍ୱୀକାର ମିଳିଯାଇ ପାରେ; କିନ୍ତୁ ପଇସା ହାତକୁ ଆଣିବା ଅତି କଠିଣ ବ୍ୟାପାର । ଉଦ୍‌ଯୋଗୀମାନେ ଇଚ୍ଛା କରନ୍ତି ଯେ, ବର୍ତ୍ତମାନ ଅସୁଲ କାର୍ଯ୍ୟ ଓ ଚାନ୍ଦା ସ୍ୱାକ୍ଷର କାର୍ଯ୍ୟ ଏକସଙ୍ଗେ ଚଳାଇବାକୁ ହେବ । ଆଗାମୀ ଜାନୁଆରୀ ଠାରୁ 4th & 5th Class ଖୋଲି ଦେବାର ପ୍ରସ୍ତାବ ହୋଇଛି··· ସେଥି ସକାଶେ ଚାନ୍ଦାଦାତା ମାନଙ୍କୁ ପ୍ରତିଶ୍ରୁତ ଚାନ୍ଦାର ଚତୁର୍ଥାଂଶ ଏକ ମାସ ମଧ୍ୟରେ ଦେଇ ଦେବାକୁ ଅନୁରୋଧ କରା ଯାଇଅଛି । ବାଞ୍ଛାନିଧି ଚିନ୍ତାମଣି ରଥେ ପ୍ରଭୃତି Volunteer ହେବାକୁ ରାଜି ଅଛନ୍ତି । ତୁମ୍ଭର ସାହାଯ୍ୟ ଏଠାରେ ଆମ୍ଭେମାନେ ଆଶା କରୁଅଛୁଁ । କଲେଜ କେବେ ବନ୍ଦ ହେବ ଓ ତୁମ୍ଭେମାନେ କେବେ ଆସିବ ଲେଖିବ··· ଘରକୁ ଆସିବାର ଅଳ୍ପଦିନ ମଧ୍ୟରେ ତୁମ୍ଭର ସାକ୍ଷାତ ପାଇବାର ଆମ୍ଭେମାନେ ଆଶା କରୁଅଛୁଁ ।

× × × ×

ଆଶା କରେ ତୁମ୍ଭେମାନେ କୁଶଳରେ ଥିବ ।

ଇତି

ଶ୍ରୀ ବାଲୁଙ୍କେଶ୍ୱର

( ୧ )

ଶ୍ରୀ

ବରଗଡ଼
ତା ୨ । ୯ । ୧୪

ଆୟୁଷ୍ମାନ୍,

ଏକ କଥା, ହଠାତ୍ କାହିଁକି ? ତାହା ହେଲେ କାହିଁ କେବଳ କପଟ ? ମୁଁ ତୁମର ପତ୍ର ପାଇ ବଡ଼ ଦୁଃଖିତ ହୋଇଅଛି । ସମ୍ବଲପୁରର ଓ ସମ୍ବଲପୁରବାସୀଙ୍କର କଥା କହି ନ ପାରେ—ମାତ୍ର ବ୍ୟକ୍ତିଗତ ଭାବରେ ମୁଁ ତୁମଠାରୁ ଅନେକ ଆଶା ଅନେକ ଦିନରୁ କରି ଆସୁଅଛି । ଅବଶ୍ୟ ମୋର ନିଜର ସକାଶେ ନୁହେଁ; ମାତ୍ର ମୋର ତଥା ତୁମର ମାତୃଭୂମି ସକାଶେ—ତୁମ୍ଭେ ଯାହା କହ ନା କାହିଁକି, ମୋର ଏତେ ଦୀର୍ଘକାଳ ସ୍ଥାୟୀ ଧାରଣାରୁ ମୁଁ ସହଜରେ ବିଚଳିତ ହୋଇ ପାରିବି ନାହିଁ—ମୋତେ କେହି ମଧ୍ୟ ବିଚଳିତ କରି ପାରିବେ ନାହିଁ । ··ତୁମର ପତ୍ରରେ ଲେଖାଥିବା ଯୁକ୍ତି ତର୍କର ସାରବତ୍ତା ମୁଁ ଅନେକ ଯତ୍ନ କରି ମୋଟେ ହୃଦୟଙ୍ଗମ କରି ପାରିଲି ନାହିଁ । ସମାଜକୁ, ସଂସାରକୁ କଣ୍ଟକଶୂନ୍ୟ ମନେ କରିବାର ଅଧିକାର ତୁମ୍ଭେ କେଉଁଠାରୁ ପାଇଲ ? ଏଭଳି ଧାରଣା ତୁମର କାହିଁକି ହେବ ? ସମାଜ ଓ ସଂସାର ତ ପରୀକ୍ଷାର ସ୍ଥଳ —ବିଶ୍ୱନିୟନ୍ତାଙ୍କ ଅଭିପ୍ରାୟରେ ଯାହାର ପରୀକ୍ଷା ଯେତିକି କଠିଣ, ତାହାର ମହତ୍ତ୍ୱ ସେତିକି ବେଶୀ—ଯାହାର ଜୀବନ ଯେତେ ଅଧିକ ବାଧାପୂର୍ଣ୍ଣ, ମହତ୍ତ୍ୱର ପରିଚୟ ଦେବାର ସୁବିଧା ତାହାର ସେତେ ବେଶୀ— ସୁତରାଂ ବ୍ୟାକୁଳ ହେବାର ଅବସର କାହିଁ ? ମନ ପ୍ରକୃତିରେ ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଅଛି, ତେବେ ତୁମ୍ଭେ ସମସ୍ତଙ୍କୁ ତୁମର ବୋଲି କିପରି ଭାବି ପାର, ଏହା ଅସମ୍ଭବ ନୁହେଁ କି ?

× × × ×

ତୁମ୍ଭେମାନେ କେବେ ଆସିବ ? କେବେ ଦେଖା ହେବ ? ଆଶା କରେ ଭଲ ଅଛ ଓ ପଢ଼ାପଢ଼ି ଭଲ ହେଉଅଛି ।

ଇତି
ତୁମର ହିତୈଷୀ
ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର

## ଆଲୋଚନା *

ସମ୍ବଲପୁରର ଅଧିବାସୀ ୰ ବାଲୁଙ୍କେଶ୍ୱର ମିଶ୍ର ଶୁଦ୍ଧ ଓଡ଼ିଆ କଥନରେ ଆଗ୍ରହୀ ଥିଲେ ଓ ତତ୍କାଳୀନ ଯୁବସମାଜ ଠାରୁ ସେ ତାହାହିଁ ଆଶା କରୁଥିଲେ । ତାଙ୍କ ବଡ଼ ବାପାର ପୁଅ ଶ୍ରୀପତି ମିଶ୍ର 'ଉତ୍କଳ ଦର୍ପଣ'ର ସମ୍ପାଦକ ଥିଲେ ଓ 'ସିମଳା ଯାତ୍ରା' ପୁସ୍ତକ ଲେଖିଥିଲେ । ସମ୍ବଲପୁର କଚେରୀରେ ଓଡ଼ିଆ ଭାଷାର ପୁନରୁଦ୍ଧାର ପାଇଁ ପ୍ରତିନିଧି ଦଳରେ ଅନ୍ୟତମ ସଦସ୍ୟ ରୂପେ ଲର୍ଡ କର୍ଜନଙ୍କ ନିକଟକୁ ଯାଇଥିଲେ । ତତ୍କାଳୀନ ମଧ୍ୟ-ପ୍ରଦେଶର Chief Commissioner ଫ୍ରେଜର୍ ସାହେବଙ୍କର ସହାନୁଭୂତି ଲାଭ କରି ଉକ୍ତ ପ୍ରତିନିଧି ଦଳ ଲର୍ଡ କର୍ଜନଙ୍କ ସହିତ ସାକ୍ଷାତ୍ ଓ ଆଲୋଚନା ନିମିତ୍ତ ସକ୍ଷମ ହୋଇ ପାରିଥିଲେ । ସମ୍ବଲପୁରର ଫ୍ରେଜର୍ କ୍ଲବ ସେହି ଫ୍ରେଜର୍ ସାହେବଙ୍କର ନାମରେ ନାମିତ ହୋଇ ତାଙ୍କର ପୁଣ୍ୟ ସ୍ମୃତିକୁ ଅମର କରି ରଖିଛି ।

୰ ବାଲୁଙ୍କେଶ୍ୱର ମିଶ୍ର ସମ୍ବଲପୁର ଜିଲ୍ଲା ସ୍କୁଲରେ ଶିକ୍ଷକ ଥିବାବେଳେ କବି ବ୍ରଜମୋହନ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରୁଥିଲେ । ସରକାରୀ ସ୍କୁଲଫାଇନ ମୋଡ଼ କିଛି ଦିନ ପରେ ଛୁଟି ଗଲାରୁ ଓକିଲାତି କରିବା ଅଭିପ୍ରାୟରେ ଏସ୍ ଆଇନ ପଢ଼ିଲେ ଓ ଆଇନ ପରୀକ୍ଷାରେ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହୋଇ ବରଗଡ଼ରେ ଓକିଲାତି ଆରମ୍ଭ କଲେ ।

୰ ମିଶ୍ର ମହାଶୟ ଶିକ୍ଷା କ୍ଷେତ୍ରରେ ସମ୍ବଲପୁର କିପରି ପଛରେ ପଡ଼ିଥିବାର ଲକ୍ଷ୍ୟ କରି କ୍ଷୁବ୍ଧ ହୋଇଥିଲେ । ସମ୍ବଲପୁରରେ ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଲେ, ଏ ଅଞ୍ଚଳରେ ଶିକ୍ଷାର ସମୃଦ୍ଧି କଲେ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ସେ ଏ କ୍ଷେତ୍ରରେ କିପରି ସାହସିକ ପଦକ୍ଷେପ ହୋଇ ପାରେ ସେଥିପାଇଁ ଚିନ୍ତିତ ଥିଲେ ।

ସେ ସମୟରେ ତରୁଣ କବି ବ୍ରଜମୋହନ ସମ୍ବଲପୁରରେ ଶିକ୍ଷାର ପ୍ରସାର ପାଇଁ ଆତ୍ମୋତ୍ସର୍ଗ କରିବାକୁ ଦୃଢ଼ ସଂକଳ୍ପ ନେବା ଦେଖି ଅଗ୍ରତର ସ୍ନେହ ବୁଦ୍ଧିମାନ, ଗୁଣୀ ଓ ଗୁଣଗ୍ରାହୀ ଗୁଣି ଉପଦେଶରେ ୰ ମିଶ୍ର ମହାଶୟଙ୍କ ଅନ୍ତରରୁ ଆଶୀର୍ବାଦର ଉତ୍ସ ଝରଝର ହୋଇ ଝରି ପଡ଼ିଥିଲା ।

ବରଗଡ଼ ହାଇସ୍କୁଲ ପ୍ରତିଷ୍ଠା କମିଟି ଏବଂ ବାଲୁକେଶ୍ୱର ମିଶ୍ରଙ୍କ ଉଦ୍ୟମ ପ୍ରଶଂସନୀୟ । ଏଠାରେ ପ୍ରଦତ୍ତ ହୋଇଥିବା ବାଲୁକେଶ୍ୱର ବାବୁଙ୍କର ପ୍ରଥମ ପତ୍ରରେ ଏହି ମହାନ ପ୍ରୟାସର ସ୍ୱାକ୍ଷର ସୁସ୍ପଷ୍ଟ । ବ୍ରଜ-ମୋହନ ବାବୁଙ୍କୁ ବାଲୁକେଶ୍ୱର ମିଶ୍ର ଏ କ୍ଷେତ୍ରରେ କେତେ ଆଶାକୁଳ ନୟନରେ ଅନାଇ ରହିଥିଲେ, ତାହା ତାଙ୍କ ପତ୍ରର କେତୋଟି ଧାଡ଼ିରୁ ଜଣା ପଡ଼େ - "ତୁମ୍ଭର ସାହାଯ୍ୟ ଏଠାରେ ଆମ୍ଭମାନେ ଆଶା କରୁଅଛୁଁ । କଲେଜ କେବେ ବନ୍ଦ ହେବ ଓ ତୁମ୍ଭେମାନେ କେବେ ଆସିବ ଲେଖିବ । ଘରକୁ ଆସିବାର ଅଳ୍ପ ଦିନ ମଧ୍ୟରେ ତୁମ୍ଭର ସାକ୍ଷାତ ପାଇବାର ଆମ୍ଭେ-ମାନେ ଆଶା ରଖିଅଛୁଁ ।"

ବାଲୁକେଶ୍ୱର ବାବୁ ବ୍ରଜମୋହନଙ୍କୁ ନେଇ ବହୁ ମଧୁର ସ୍ୱପ୍ନ ଦେଖିଥିଲେ । ସେ ଜାଣିଥିଲେ ସମ୍ବଲପୁରର ଏହି ଉଦୀୟମାନ ପ୍ରତିଭା ଦିନେ ତାଁର ସାଧନାର ଚନ୍ଦ୍ରିକାରେ ସମ୍ବଲପୁରକୁ ପ୍ଲାବିତ କରି ସମ୍ବଲପୁରର ଭାଗ୍ୟାକାଶରେ ଗାଢ଼ ତମସାକୁ ଦୂର କରିବ । ତେଣୁ ବ୍ରଜମୋହନ ନିଜ କାର୍ଯ୍ୟରେ ପ୍ରତିବନ୍ଧକ ଓ ବାଧା ସୃଷ୍ଟି ହେବାର ଦେଖି କେବେ କେବେ ହତୋତ୍ସାହ ହୋଇ ପଡ଼ିବାର ଦେଖିଲେ, ସେ ସଦୁପଦେଶ ଦେଇ ବ୍ରଜମୋହନଙ୍କର ମନର ବଳକୁ ଦୃଢ଼ କରୁଥିଲେ…"ସମାଜ ଓ ସଂସାର ତ ପରୀକ୍ଷାର ସ୍ଥଳ । ଈଶ୍ୱର ନିୟନ୍ତାଙ୍କ ଅଭିପ୍ରାୟରେ ଯାହାର ପରୀକ୍ଷା ଯେତେ କଠିଣ ତାହାର ମହତ୍ତ୍ୱ ତେତେ ବେଶୀ । ଯାହାର ଜୀବନ ଯେତେ ବାଧାପୂର୍ଣ୍ଣ, ମହତ୍ତ୍ୱର ପରିଚୟ ଦେବାର ସୁବିଧା ତାହାର ସେତେ ବେଶୀ ।"

ନିଜର ଜଳଖିଆ ବନ୍ଦ କରି ଯେଉଁ ମହାନ ବ୍ୟକ୍ତି ସେହି ପଇସାକୁ ଗ୍ରାମର ସ୍କୁଲଶାଳୀ ନିମିତ୍ତ ଖର୍ଚ୍ଚ କରିବାରେ ଅସୀମ ଆନନ୍ଦ ଅନୁଭବ କରୁଥିଲେ । ସେ ନିଜର ଲକ୍ଷ୍ୟ ପୂରଣ କରିବାରେ କାଳେ ବିଳମ୍ବ ହୋଇ ପାରେ, ସେହି ଆଶଙ୍କାରେ ଉଚ୍ଚଶିକ୍ଷା ନିମିତ୍ତ କଲେଜ ଯାହାର ଆକର୍ଷଣ ଅପେକ୍ଷା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଦେଶର ଭବିଷ୍ୟତ ବଂଶଧରଙ୍କୁ ଉଚ୍ଚ ଶିକ୍ଷାର ପଥ ସୁଗମ କରିବାକୁ ଅଧିକ ଲୋଭନୀୟ ମନେ କରିବା ସ୍ୱାଭାବିକ ।

ଉତ୍କଳର ଖ୍ୟାତନାମା ବୈଜ୍ଞାନିକ ଓ ବିଶିଷ୍ଟ ଶିକ୍ଷାବିତ୍ ଉତ୍କଳର ପ୍ରାଣକୃଷ୍ଣ ପରିଜା କେମ୍ବ୍ରିଜରେ ଉଚ୍ଚଶିକ୍ଷା ନିମିତ୍ତ ବିଦେଶ ଯାତ୍ରା କଲା ବେଳେ ଓଲିତରେ ବ୍ରଜମୋହନ ବାରିଷ୍ଟର ପଢ଼ିବାକୁ ସେଠାକୁ ଯିବାର ସ୍ଥିର ହୋଇଥିଲା । ଉକ୍ତର ପରିଜାଙ୍କର ଏକ ପତ୍ରରୁ ତାହା ଜଣା ପଡ଼େ :-

Christ's College
Cambridge
13-1-15

My dear Braja Babu,

I hope to be excused for troubling you with a letter while your examination is dashing at the door., I hope you are getting on well with your studies. Did you go home during your X'mas holidays ?

I think, you know much about this place from my letters to Shyam Babu. What about your coming over here ? I believe you will come over with Shyam Babu. Tell Shyam Bu, to apply for admission thro' the Secretary of the Advisory Committee ( as he has to do that ) as early as he can.

I have not regularly seen Sahitya* for some time past. Thanks to the kindness of Mr B. Das. I get the Oriya Papers regularly, and I got two issues of Sahitya. I do not see any very marked improvement in it. However, Nanda Sarma is very happy in his later contributions. I think he inflicted those harsh earlier portions upon us—upon me at least, × ×
I am charmed with Narayan Mohan Dey's writings.

* Utkal Sahitya

As I have nothing to write, I have written so much about the Sahitya.

I spent my X'mas vacation in London with Rabi. B. Das came down to see us and spent some 4 hours with us in the evening. So we had our Oriya Conference while you had your Utkal Conference.

Yours very sincerely

P. Parija

ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଗଢ଼ିବା ପାଇଁ ଜନସାଧାରଣଙ୍କୁ ପ୍ରେରଣା ପ୍ରଦାନ କରିବା ଓ ଜନ୍ମମାଟି ଲାରମ୍ଭାରେ ନିଜର ବ୍ୟକ୍ତିଗତ ପ୍ରଚେଷ୍ଟାର ଅମୃତମୟ ଫଳ ଶିକ୍ଷାନୁଷ୍ଠାନର ଉନ୍ନତି ବୃଦ୍ଧି କରିବା ପାଇଁ ଲଣ୍ଡନ ଯିବାର ବାସନାକୁ ବ୍ରଜମୋହନ ଜଳାଞ୍ଜଳି ଦେଇଥିଲେ ।

ସେ ସମୟର ବିଭିନ୍ନ ସ୍ଥାନର ଜମିଦାର ଓ ଶିକ୍ଷାବ୍ରତୀ ମାନଙ୍କୁ ପତ୍ର ଲେଖି ଗ୍ରାମ ଗ୍ରାମରେ ସ୍କୁଲ ପ୍ରତିଷ୍ଠା ନିମନ୍ତେ ସେ ଅନୁରୋଧ କରିଥିଲେ ଏବଂ ଏ ଦିଗରେ ସେମାନଙ୍କ ଅକୁଣ୍ଠ ସହଯୋଗ ଓ ସାହାଯ୍ୟ ପ୍ରଦାନରେ ସେ ଯଥେଷ୍ଟ ସନ୍ତୋଷ ଲାଭ କରୁଥିଲେ । ବରପାଲିର ଜମିଦାରଙ୍କୁ ସେ ଏ ସମ୍ବନ୍ଧରେ ଯେଉଁ ପତ୍ର ଦେଇଥିଲେ, ତାର ଉତ୍ତରରେ ଜମିଦାର ସାହେବ ଲେଖିଥିଲେ —

ଶ୍ରୀ

ବରପାଲି

ତା ୨୭।୮।୧୯

ପ୍ରିୟତମ ଶ୍ରୀମାନ ବ୍ରଜମୋହନ ବାବୁ !

ଆପଣଙ୍କ ପ୍ରେରିତ ଦୁଇ ଖଣ୍ଡ ପତ୍ର ଯଥା ସମୟରେ ପାଇଥିଲେହେଁ ପ୍ରତ୍ୟୁତ୍ତର ଦେଇ ନ ପାରି ମନେ ମନେ ଦୁଃଖିତ ଥିଲି । ଅଦ୍ୟ ଏହି ପତ୍ରରେ ତାର ପ୍ରତ୍ୟୁତ୍ତର ଦେଉଅଛି ।

ଆପଣ ଯାହା ସମ୍ବଲପୁର ଜନତାର ଦୁଃଖ ଦୁର୍ଦ୍ଦଶା ମୋଚନ ନିମନ୍ତେ ଯେତେ ଦୂର ଜୀବନ-ଧନକୁ ବଳୀ ଦେଉଅଛନ୍ତି, ଏହା ଜାଣି ମୁଁ ଆପଣଙ୍କୁ ହୃଦୟରୁ ମହା ଧନ୍ୟବାଦ ଦେଉଅଛି । ଜଗଦୀଶ୍ୱର ଆପଣଙ୍କ ଅନୁଷ୍ଠିତ ସମସ୍ତ ସାଧୁକାର୍ଯ୍ୟର ସହାୟ ହୁଅନ୍ତୁ ।

ମୁଁ ବରପାଲି ମି: ଇ: ସ୍କୁଲକୁ ମାଇନର ସ୍କୁଲରେ ପରିଣତ କରିବାକୁ ଏ ଜିଲ୍ଲାର ଡେପୁଟୀ କମିଶନର ମିଷ୍ଟର ମୋବର୍ଲେ ମହାଶୟଙ୍କୁ ମୋହର ଜମିଦାରୀସ୍ଥ ପ୍ରତ୍ୟେକ ଗୌନ୍ତିଆଙ୍କ ସ୍ୱାକ୍ଷର ହେବା ଗୋଟିଏ ଅର୍ଜି ଦେଇଥିଲି ଓ ଗତ ବର୍ଷ ଆଧୁନିକ ଡେକ୍ ଷ୍ଟିମାନ୍ ନଫଡ଼ ମହାଶୟଙ୍କ ନିକଟରେ ମଧ୍ୟ ଜଣାଇଥିଲି ଏବଂ ବାର୍ଷିକ ଟ ୩୦୦୧ଙ୍କ ସାହାଯ୍ୟ ମୁଁ ଦେବାକୁ ସ୍ୱୀକାର କରିଥିଲି । ଡେ. କ: ମହାଶୟ କହିଲେ ଯେ, ଡିଷ୍ଟ୍ରିକ୍ଟ କାଉନ୍‌ସିଲ ମଣ୍ଡଳର ଏ ବର୍ଷ ଅର୍ଥାଭାବ ଅଛି, ଭବିଷ୍ୟତକୁ ତହିଁର ସୁବନ୍ଦୋବସ୍ତ କରିଦିଆ ହେବ ।

ଯାହା ହେଉ, ଏଯାଏ ବରପାଲି ମାଇନର ସ୍କୁଲ ସ୍ଥାପିତ ହେବାକୁ ମୁଁ ଚେଷ୍ଟାରୁ ବିରତ ହୋଇ ନାହିଁ ।

ଏଠାରେ ସଂସ୍କୃତ ଟୋଲ ସ୍ଥାପନ ସକାଶେ ଚେଷ୍ଟା କରିବାକୁ ଆପଣ ଲେଖନ୍ତି । ବରପାଲି ବ୍ରାହ୍ମଣ ଶାସନ ସ୍ଥାନ ; କିନ୍ତୁ ସଂସ୍କୃତ ଟୋଲ ସ୍ଥାପିତ ହେଲେ ବ୍ରାହ୍ମଣ ସନ୍ତାନଗଣ କେତେଦୂର ତତ୍ପ୍ରତି ମନଯୋଗୀ ହେବେ ମୁଁ ଠିକ କରି କହି ପାରେ ନାହିଁ ।

ଶୁଣିଥିଲି ଆପଣ ଦୁର୍ଗାପୂଜା ଅବସରରେ ପୁଣି ଏ ଅଞ୍ଚଳକୁ ଆସିବେ । ସେହି ସମୟରେ ଏ ବିଷୟରେ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବା — ଆଜି ଏତିକି । ଇତି

ଆପଣଙ୍କର

ସ୍ୱାକ୍ଷର

ବରପାଲିର ଅଧୀଶ୍ୱର

ସମ୍ବଲପୁରର ଯେ କୌଣସି ସ୍ଥାନରେ ଶିକ୍ଷାର ଉନ୍ନୟନ ମୂଳକ କାର୍ଯ୍ୟ ହେଲେ ବ୍ରଜମୋହନ ସଂପୃକ୍ତ ମହତ୍ ବ୍ୟକ୍ତିମାନଙ୍କୁ ଉତ୍ସାହପୂର୍ଣ୍ଣ ପତ୍ର ଦେଉଥିଲେ । ସମ୍ବଲପୁରର ଅନ୍ୟତମ ଲେଖକ ଓ ଶିକ୍ଷାବିତ ୰ ସ୍ୱପ୍ନେଶ୍ୱର ଦାଶଙ୍କ ପ୍ରଦତ୍ତ ଏକ ପତ୍ର ତାହାର ପ୍ରମାଣ—

ରେମ ।
ତା । ୨୪ । ୭ । ୧୩ ଇ

ଶ୍ରଦ୍ଧେୟ ମହାଶୟ,

ମୋର ଅକିଞ୍ଚିତ୍କର ଜୀବନ ମଧ୍ୟରେ ଆପଣଙ୍କ ଠାରୁ ଦୁଇଥର ପତ୍ର ପାଇ ଆପଣଙ୍କୁ ଧନ୍ୟ ମଣିଅଛି । ମୁଁ ପ୍ରତ୍ୟେକ ଉତ୍ସାହ କାର୍ଯ୍ୟରେ ଆପଣଙ୍କୁ ଦୃଷ୍ଟାନ୍ତ ରୂପେ ଅବତାରଣା କରିଥାଏଁ ; ବହୁବାର ଆପଣଙ୍କ ନାମ କ୍ଲାସରେ ଉଦାହରଣ କରିଥାଏଁ । ଅନେକ ଥର ଆଲୋଚନା ସଭାରେ ବକ୍ତୃତା ଛଳରେ ଆପଣଙ୍କର ଧର୍ମହାତ୍ମ୍ୟ ପ୍ରକଟିତ ହୋଇ ପଡିଥାଏ ।

ଆପଣଙ୍କର କୃତିତ୍ୱ ଦିବ୍ୟ ଉନ୍ମାଦନାକର କଥା ; ଏହା ମୁଁ ସ୍ପଷ୍ଟ ନିର୍ଦ୍ଦେଶ କରି ପାରୁଅଛି । ବୟୋଽଧିକତା ହେତୁ ଆପଣଙ୍କୁ ଆଶୀର୍ବାଦ କରୁଅଛି କି ଈଶ୍ୱର ଆପଣଙ୍କୁ ଦୀର୍ଘ ଜୀବନ ଦାନ କରନ୍ତୁ ।

ସମ୍ବଲପୁର ଆପଣଙ୍କ ଭଳି ଆଉ କେତେକ ସୁପୁତ୍ର ପାଇ ପାରିଲେ ତାର ଉପସ୍ଥିତ ଦୁର୍ଦ୍ଦଶା ଦୂର ହୋଇଯାଆନ୍ତା —ଏହା ମୋର ପୂର୍ଣ୍ଣ ବିଶ୍ୱାସ ।

ରେମଣ୍ଡା ମାଇନର ସ୍କୁଲ ହେବାର ସମ୍ପୂର୍ଣ୍ଣ ଉପଯୁକ୍ତ ସ୍ଥଳ । ଏହାକୁ ସରକାର ପକ୍ଷରୁ ମାଇନର କରିବା ପ୍ରାୟ ୩ । ୪ ବର୍ଷ ହେଲା ଯତ୍ନ ଲାଗିଅଛି ; କିନ୍ତୁ କୌଣସି ମତେ ସାଫଲ୍ୟ ଲାଭ ହେଉ ନାହିଁ । ମୋର ପ୍ରବର୍ତ୍ତନାରେ ଗ୍ରାମବାସୀମାନେ ବର୍ଷକ ପାଇଁ ଟ ୬୦୦୯ ଦେବାକୁ ସ୍ୱୀକୃତ ହୋଇ ଅଛନ୍ତି ; କିନ୍ତୁ ମାନ୍ୟବର୍ଗ ଡ଼ି. ଜ. ସା. ନାସ୍ତି କରିଦେଲେ । ପ୍ରତ୍ୟେକ ପରିଦର୍ଶକ ହାକିମମାନେ ରେମଣ୍ଡା ସ୍କୁଲର ଗୁଣ ବର୍ଣ୍ଣନା କରି ମାଇନର ହେବା ଉପଯୁକ୍ତ ସ୍ଥଳ ବୋଲି ଲେଖି ଯାଉଅଛନ୍ତି, କିନ୍ତୁ ବୋର୍ଡ଼ର ଅର୍ଥାଭାବ ମିଛି ପକ୍ଷେ ପ୍ରଧାନତମ ଅନ୍ତରାୟ ହୋଇଅଛି ।

ମୁଁ ଅନେକ ଦିନରୁ ଜନସାଧାରଣଙ୍କର ସାହାଯ୍ୟରେ ଏହାକୁ ମାଇନର କରିବା ନିମନ୍ତେ ଆଶା କରିଥିଲି । ଏବେ ଆପଣଙ୍କର ଉତ୍ସାହ-ପୂର୍ଣ୍ଣ ମନ୍ତବ୍ୟ ମୋହର ଅବହେଳା-ଜାଡ୍ୟ ଭଙ୍ଗି ଦେଇଅଛି । ଆଗାମୀ ଦଶହରା ଛୁଟିରେ ମୁଁ ଉକ୍ତ ବିଷୟରେ ପ୍ରାଣପଣେ ଚେଷ୍ଟା କରିବି, ତା' ପରେ ଆପଣଙ୍କଠାକୁ ଲେଖିବି । ନ୍ୟୁନ ପକ୍ଷେ ମାସିକ ଟ ୨୦୯××× ଟଙ୍କା ଲୋକାଲବୋର୍ଡରୁ ବୃତ୍ତିରୂପେ ପାଇ ପାରିଲେ, ଅବଶିଷ୍ଟ ନିଜ ସାହାଯ୍ୟରେ ମାଇନର ସ୍କୁଲ ଚଳି ପାରନ୍ତା ।

ଏ ସ୍କୁଲର ବର୍ତ୍ତମାନ ଛାତ୍ର ସଂଖ୍ୟା ନିମ୍ନମତେ ଅଛି...

| | |
|---|---|
| ୬ଷ୍ଠ | ଜ ୧୫ |
| ୫ମ | ଜ ୧୫ |
| ୪ର୍ଥ | ଜ ୧୫ |
| ୩ୟ | ଜ ୨୭ |
| ମୋଟ | ଜ ୭୨ ଣ |

ମୁଁ କୁଶଳ । ଆଶାକରେଁ ଏ ପତ୍ର ଆପଣଙ୍କୁ ସର୍ବଶୁଭରେ ଭେଟିବ ।

ଇତି
ଭବଦୀୟ
ଶ୍ରୀ ସ୍ୱପ୍ନେଶ୍ୱର ଦାସ

ଏକ ଦିଗରେ ଶିକ୍ଷା ପ୍ରୀତି ଓ ଅନ୍ୟ ଦିଗରେ ସାହିତ୍ୟ ପ୍ରୀତି ଭିତରେ ବ୍ରଜମୋହନଙ୍କର ସାଂସ୍କୃତିକ ମାନସଭୂମିରେ ଯେଉଁ ପ୍ରତିଦ୍ୱନ୍ଦ୍ୱୀତା ହେଲା, ସେଥିରେ ଶିକ୍ଷା ପ୍ରୀତି ହିଁ ଜୟଯୁକ୍ତ ହେଲା । 'ବିଫଳ ବାସନା', 'ସନ୍ଧ୍ୟା', 'ବର୍ଷା' ପ୍ରଭୃତି ଅନୁପମ କବିତା ଯେଉଁ ଲେଖନୀ ସୃଷ୍ଟି କରିଥିଲା, ସେହି ଲେଖନୀ ନୀରବ ହେଲା । ଫଳରେ ସମ୍ବଲପୁରରେ ଶିକ୍ଷାର ପ୍ରସାର ହେଲା ସତ୍ୟ; କିନ୍ତୁ ଓଡ଼ିଆ ସାହିତ୍ୟ ଦରିଦ୍ର ହେଲା ।

## 'ଉତ୍କଳ ସେବକ' ସମ୍ପାଦକଙ୍କ ଲେଖନୀରୁ.......

( ୧ )

ଉତ୍କଳ ସେବକ ଅଫିସ
ସମ୍ବଲପୁର
ତା ୨।୭।୧୫

ଓଁ ହରି ଓଁ

ସବିନୟ ନମସ୍କାର,

ସମ୍ମାନାସ୍ପଦ ମହୋଦୟ,

ଇତଃପୂର୍ବେ ଆପଣ ସମ୍ବଲପୁର ଆସି ଫେରି ଯାଇ ଅଛନ୍ତି। ଦୁର୍ଭାଗ୍ୟ ବଶତଃ ମୁଁ ଆପଣଙ୍କ ସହିତ ଆଳାପ, ସାକ୍ଷାତ୍ କରି ପାରି ନାହିଁ।

ବର୍ତ୍ତମାନ 'ଉତ୍କଳ ସେବକ'ର ଶୋଚନୀୟ ଅବସ୍ଥା ପଢ଼ିବାରୁ ଅବଗତ ହେବେ। ପୂର୍ବ ସମ୍ପାଦକ ଓ ପ୍ରେସ ମେନେଜର ସେବକ ପ୍ରକାଶ କରି ମାତ୍ର କ୍ଷାନ୍ତ ଥିଲେ। ମୂଲ୍ୟ ଗ୍ରାହକ ଆଦାୟ ହେବା ନିମନ୍ତେ ଯେଉଁ ଚେଷ୍ଟା କରାଯାଏ, ତାହା ସେମାନେ ସେମାନଙ୍କର କର୍ତ୍ତବ୍ୟ ବୋଲି ମନେ କରି ନ ଥିଲେ। ତହିଁ ଫଳରେ ଫ୍ରେଜର ପ୍ରେସ କୋମ୍ପାନୀ ସେବକ ପ୍ରକାଶ କରି ୨ ବର୍ଷରେ ଯେପରି କ୍ଷତିଗ୍ରସ୍ତ ହୋଇ ଅଛନ୍ତି, ସେ କ୍ଷତିର ବିଷୟ ବର୍ତ୍ତମାନ ଜାଣି ପାରି କୋମ୍ପାନୀ ବିଚଳିତ ହୋଇ ଅଛନ୍ତି ସେବକ ଶୀଘ୍ର ବନ୍ଦ କରିବା ନିମନ୍ତେ ଏକ ପ୍ରକାର ଇଚ୍ଛା ପ୍ରକାଶ କରି ଅଛନ୍ତି। ମୂଲ୍ୟ ଆଦାୟ ସମ୍ବନ୍ଧେ ମୁଁ ବର୍ତ୍ତମାନ ଚେଷ୍ଟା କରି କୋମ୍ପାନୀର ସମସ୍ତ କ୍ଷତି ପୂରଣ କରି ନ ପାରେ। ସମସ୍ତ କ୍ଷତି ପୂରଣ ନ ହେଲେ ଏକବୁଝା କୋମ୍ପାନୀ ସେବକ ପ୍ରକାଶରେ ସାହାଯ୍ୟ କରି ପାରିବ ନାହିଁ। ଏ ଦୁଃସମ୍ବାଦ ସମ୍ବଲପୁରରେ କେଉଁ ମହାତ୍ମାଙ୍କୁ ଜଣାଇ ଶାନ୍ତି ଲାଭ କରିବି, ଏହାହିଁ ଚିନ୍ତା କରୁଥିଲି। ବର୍ତ୍ତମାନ ଆପଣଙ୍କ ପରି କେତେ ଜଣଙ୍କୁ ଏ ବିଷୟ ଜଣାଇବାକୁ ବାଧ ହେଲି। 'ଉତ୍କଳ ଦର୍ପଣ' ଏଥିପୂର୍ବେ ବନ୍ଦ ହୋଇ ଏ ଦେଶର ଦୁର୍ବଳତା ପ୍ରକାଶ କରିଅଛି। 'ସେବକ' ଶୀଘ୍ର ବନ୍ଦ ହେଲେ

ଇତୋଽଧିକ ଲଜ୍ଜା ମିଳିବ । ସୁତରାଂ ଏହା ବନ୍ଦ ହେବା ପୂର୍ବରୁ ଆପଣମାନଙ୍କ ପରି ଦେଶବନ୍ଧୁମାନଙ୍କୁ ଜଣାଇବା ଉଚିତ ମନେ କଲି । କୌଣସି ସୁଚତୁର ଲୋକ ଏକ ବର୍ଷ ସେବକର ପୃଷ୍ଠପୋଷକ ହୋଇ ପାରିଲେ, ତେଣିକି ସେବକ ନୂତନ ଚେଷ୍ଟାରେ ନିଜ ଗୋଡ଼ରେ ଛିଡ଼ା ହୋଇ ପାରନ୍ତା । ଏଥିରେ ପୃଷ୍ଠପୋଷକ, ଓ ମାତୃଭୂମି ଉଭୟେ ଗୌରବାନ୍ୱିତ ହୁଅନ୍ତେ । ନିତାନ୍ତତଃ କୌଣସି ଅନ୍ତୁ ସହାନୁଭୂତ ନ ମିଳିଲେ ପାଟନା ଷ୍ଟେସରୁ ସେବକ ପ୍ରକାଶ ନିମନ୍ତେ ଚେଷ୍ଟିତ ହେବାକୁ ଦେଓ୍ୱାନ ବାଳମୁକୁନ୍ଦ ବାବୁଙ୍କୁ ଲେଖିଅଛି । କାମଣ୍ଡା ରାଜା ଧର୍ମଧ୍ୱଜଙ୍କ ଦ୍ୱାରା ହିତୈଷିଣୀ ପରି ପାଟନାରେ ସେବକ ଚିରସ୍ଥାୟୀ ହୋଇ ପାରନ୍ତା । ମାତ୍ର ଭକ୍ତ ମହାଶୟ ଓ ରାଜାଙ୍କର ବିଶେଷ ମନଯୋଗ ନ ହେଲେ, କପରି ହୋଇ ପାରିବ ? ଏ ବିଷୟରେ ଦେଶ ନିମନ୍ତେ ଜୀବନ୍ ସବୁପ୍ରାପ୍ୟ ଚିନ୍ତା କରି ମୋ ନିକଟକୁ ଖଣ୍ଡେ ପତ୍ର ଏବଂ ଆବଶ୍ୟକ ବୋଧ କଲେ ବାବୁ ବାଳମୁକୁନ୍ଦ କହୁଦାର -- ପାଟନା ଦେବାନ ସାହେବଙ୍କୁ ମଧ୍ୟ ପତ୍ର ଖଣ୍ଡେ ଦେବେ । ଉତ୍ତର ପଠାଇବେ ।

ଇତି
ଆପଣଙ୍କର
କୃପାଭିଳାଷୀ
ଗଙ୍ଗାଧର ମିଶ୍ର

( ୨ )

ଓଁ

Sambalpur
25-10-15

ପ୍ରିୟ ବ୍ରଜମୋହନ ବାବୁ,

ନମସ୍କାର ଗ୍ରହଣ କରିବେ । ସେଦିନ ପ୍ରସ୍ତାବିତ ଅନନ୍ତ ବାବୁ* ଆପଣଙ୍କୁ କାଟରେ ଦେଖିଲେ । ଆପଣ ସାଇକେଲରେ ଯାଉଥିଲେ ଗ୍ରାମକୁ । ସେ ଆପଣଙ୍କୁ ଦେଖିବାକୁ ବ୍ୟସ୍ତ । ଆଜି ମୋ ବସାରେ ଥିଲେ ।

---

* ଅନନ୍ତ ମିଶ୍ର — ତାଙ୍କର ଉତ୍କଳୀୟତା ଉଲ୍ଲେଖଯୋଗ୍ୟ ଥିଲା ।

ଝାରସୁଗୁଡ଼ା ସନ୍ଧ୍ୟାଟ୍ରେନରେ ଯିବେ । ୧୦।୧୨ ଦିନ ଭିତରେ ଆସିବେ । ସୁବିଧା ହେଲେ ଏହି ମାସ ଶେଷ ଓ ନଭେମ୍ବର ପ୍ରଥମରେ ମୁଁ ଥରେ ଲଉମ୍ବା ଯିବି । ଆଗରୁ ସମ୍ବାଦ ଦେବି ।

× × × ×

ଆପଣଙ୍କର
ବଂଶୀଧର ମିଶ୍ର

( ୩ )

Sambalpur
25-10-15

ନମସ୍କାରନନ୍ତର,
ପ୍ରିୟତମ ବ୍ରଜମୋହନ ବାବୁ,

ଆପଣ ଏଠାରୁ ଯିବା ପୂର୍ବରୁ ଏକାଙ୍କ ଦେଖିଥିଲେ କିଛି ଭ୍ରାନ୍ତି ରହିଥିଲା । ତାହା ହୋଇ ନାହିଁ । ଗତ ପତ୍ରରେ କିଛି ମାଗିବି ବୋଲି ମଧ୍ୟ ଆଶ୍ୱାସ ଦେଇଥିଲି । ବର୍ତ୍ତମାନ ତାହା ଖୋଲିବାକୁ ବାଧ ହେଉଛି । କାରଣ "ଉତ୍କଳ ସେବକ" ଆଉ ବେଶି ଦିନ ଜୀବିତ ରହିବାର ଆଶା ଦିଶୁ ନାହିଁ । ତାହାର କାରଣ ମଧ୍ୟ ବେଶି କିଛି ନାହିଁ, କେତେକ ଯେଉଁ ଧରଣର କୋମ୍ପାନୀ, କାର୍ଯ୍ୟ ସେହିପରି ଚଳୁଛି । ନାନା କାରଣରୁ ଏଠା ଛାପାଖାନାକୁ କୌଣସି କୌଣସି ଷ୍ଟେଟର କାର୍ଯ୍ୟ ନ ଆସି କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀକୁ ବାହାରି ଯାଉଛି । ପ୍ରେସର ଲାଭ ବା ଆୟରେ କ୍ଷତି ଘଟିଲେ କୋମ୍ପାନୀ ସେବକ ବନ୍ଦ କରି ଦେବାକୁ ପ୍ରସ୍ତାବ କରୁଅଛନ୍ତି । ଏହା ଏହି ମାସ ଶେଷ ତାରିଖରେ ମୀମାଂସିତ ହେବ । ସେବକ ବନ୍ଦ ହୋଇ ଯାଉ, ତାର ଯଥେଷ୍ଟ ପରିଚୟ ମୁଁ ଏତିକି ବେଳୁଁ ପାଇଲିଣି । 'ସେବକ' ଗଲେ ସମ୍ବଲପୁର ଜିଲ୍ଲା ଅନ୍ଧକାର ଦିଶିବ । ଏହା ବେଶି କହିବା ଅନାବଶ୍ୟକ । ଆପଣ ହୃଦୟଙ୍ଗମ କରିବେ ।

'ଆଶା' ସମ୍ପାଦକ ଧନସ୍ଥାନ । ପୁରୁଣା ପ୍ରେସ୍ ଖଣ୍ଡିଏ ସଂଗ୍ରହ କରି ଅଳ୍ପ ଦିନରେ ଅସମ୍ଭବ ଉନ୍ନତି କରିବା ଆପଣ ଜାଣି ଅଛନ୍ତି । ମୁଁ ଶୁଣିଥିଲି ଅଳ୍ପ କେତେ ଟଙ୍କା ମୂଳଧନ ଧରି ସେ କାର୍ଯ୍ୟ ଆରମ୍ଭ କରିଥିଲେ । ମନପ୍ରାଣ ଲଗାଇ କାର୍ଯ୍ୟ କରିବାରୁ ସେ ଏପରି ଉନ୍ନତି କରିବାକୁ ସକ୍ଷମ ହୋଇଛନ୍ତି । ଏ ସବୁ ଲେଖିବା ଉଦ୍ଦେଶ୍ୟ ଏହି ଯେ, ଆପଣ 'ଆଶା' ସମ୍ପାଦକ ଠାରୁ କୌଣସି ଗୁଣରେ ନ୍ୟୂନ ନୁହନ୍ତି । ଯଦି ଦେଶର ପ୍ରକୃତ ଉନ୍ନତି ସାଧନ କରିବାକୁ ଆପଣଙ୍କର ପ୍ରାଣରେ ପ୍ରବଳ ଆକାଙ୍କ୍ଷା ଥାଏ, ତେବେ ପ୍ରଶସ୍ତ ସମୟ, ଅଷ୍ଟା ଭିଡ଼ ଏତେବେଳେ ବାନ୍ଧାରନ୍ତୁ । ନିଜେ ଜଣେ ସମ୍ପାଦକ ହୋଇ ଖଣ୍ଡିଏ ଓଡ଼ିଆ ଇଂରାଜୀ ପତ୍ରିକା ପ୍ରକାଶ ନିମନ୍ତେ ଚେଷ୍ଟା କରନ୍ତୁ । ଆପଣଙ୍କୁ ସାହାଯ୍ୟ କରିବାକୁ ଅନେକ ପ୍ରସ୍ତୁତ ହେବେ । ମୁଁ ତହିଁର ସୁବ୍ୟବସ୍ଥା କରିଦେବି । ଗୋଟି ପାଞ୍ଚ ଜଣଙ୍କ ଦ୍ୱାରା ଗୋଟିଏ ପ୍ରେସ୍ ସ୍ଥାପନ କଲେ ଅକ୍ଳେଶରେ ଓ ଅବାଧରେ ଉଦ୍ଦେଶ୍ୟ ସିଦ୍ଧ ହେବ । ପ୍ରଥମତଃ ଉପକରଣ ଆଦିରେ ୨ ହଜାର ଟଙ୍କା ବ୍ୟୟ କରି କାର୍ଯ୍ୟ କଲେ, ଅଳ୍ପ କାଳ ମଧ୍ୟରେ ଆଶାତୀତ ଉନ୍ନତି ଦେଖି ପାରିବା । ପ୍ରେସ କୋମ୍ପାନୀ ସ୍ଥାପନ କଲେ ୩।୪ ଜଣ ଅଂଶୀଦାର ମୁଁ ବନ୍ଦୋବସ୍ତ କରିଦେବି । ସେମାନେ ସ୍ୱୀକୃତ ହୋଇ ଅଛନ୍ତି । ଆପଣ ଏହା ଅଡୁଆ ବୋଧ କଲେ, ନିଜେ ମୂଳଧନ ଧରି କାର୍ଯ୍ୟ କରି ବସନ୍ତୁ । ମୁଁ ସାମାନ୍ୟ ବେତନଭୋଗୀ ହୋଇ ଆଜୀବନ ଆପଣଙ୍କ ସଙ୍ଗେ ସଙ୍ଗେ ଥାଇ ଦେଶକାର୍ଯ୍ୟ କରିବି । ଦେଶ କାର୍ଯ୍ୟ ନିମନ୍ତେ ମୁଁ ହସି ହସି ଜୀବନ ସୁଦ୍ଧା ଦେଇ ପାରେ । ଆପଣ ବର୍ତ୍ତମାନ ପଢ଼ୁଅଛନ୍ତି । ପଢ଼ା ସରିବା ଯାଏ ଗୁପ୍ତ ଭାବେ ସମ୍ପାଦକ କାର୍ଯ୍ୟ କରି ପାରନ୍ତି । ସେହିଦିନ ଯାଏ ମୁଁ କାର୍ଯ୍ୟ ଚଳାଇ ପାରିବି । ଗୋଟିଏ ନୂତନ ପ୍ରେସ୍ ଓ ନୂତନ ସମ୍ବାଦ ପତ୍ର ପ୍ରବଳ ଗତିରେ ଚଳିଲେ ଓଡ଼ିଶାରେ ଗୋଟିଏ ମହା ପରିବର୍ତ୍ତନ ଆରମ୍ଭ ହେବ । ଏହା ଧ୍ରୁବ ସତ୍ୟ । ତହିଁ ସଙ୍ଗେ ସଙ୍ଗେ ଲିରମ୍ପା ସ୍କୁଲ ମଧ୍ୟ ଅତି ଶୀଘ୍ର ଉନ୍ନତ ଦଶାକୁ ଗୁଳି-ଯିବ । ଆପଣଙ୍କର ହୃଦୟର ପରିଚୟ ମୁଁ ପାଇଅଛି । ତେଣୁ ଏ ପତ୍ର ଦେଇ ଉତ୍ତର ପ୍ରତ୍ୟାଶାରେ ରହିଲି । ଉତ୍ତର ପାଇଲେ ଅନ୍ୟାନ୍ୟ ବିବରଣ ଲେଖିବି । × × ×

ଆପଣଙ୍କର

ସ୍ନେହ ସୌଜନ୍ୟ ମୁଗ୍ଧ

ଲମ୍ବୋଧର

## ଆଲୋଚନା *

'ଉତ୍କଳ ସେବକ'ର ସମ୍ପାଦକ ୰ ଶମ୍ଭୁଧର ମିଶ୍ରଙ୍କର ଘର ତାଳଚେରରେ ଥିଲା । ସେ Frasers Press ରେ ମେନେଜର ଓ 'ଉତ୍କଳ ସେବକ' ପତ୍ରିକାର ସମ୍ପାଦକ ଥିଲେ । 'ଉତ୍କଳ ସେବକ' ସମ୍ବଲପୁରରୁ ପ୍ରକାଶିତ ହେଉଥିଲା । ଶମ୍ଭୁଧର ବାବୁ ଯେତେବେଳେ 'ଉତ୍କଳ ସେବକ' ପତ୍ରିକାର ସମ୍ପାଦକ ରୂପେ ଦାୟିତ୍ୱ ଗ୍ରହଣ କରନ୍ତି, ସେତେବେଳେ ଏହି ପତ୍ରିକାର ଅବସ୍ଥା ମୁମୂର୍ଷୁ ।

ବ୍ରଜମୋହନଙ୍କ ଭଳି ଜଣେ ଉଚ୍ଚଶିକ୍ଷିତ, ସୁଲେଖକ ଓ ପ୍ରତିଭାଶାଳୀ 'ଉତ୍କଳ ସେବକ'ର ସମ୍ପାଦକ ହେଲେ, 'ଉତ୍କଳସେବକ' ଦୀର୍ଘାୟୁ ହୋଇ ଉତ୍କଳର ପ୍ରକୃତ ସେବକ ହୋଇ ପାରିବ ବୋଲି ଶମ୍ଭୁଧର ବାବୁ ଭାବୁଥିଲେ । ତାଙ୍କର ଏହି ମନର କଥା ସେ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ।

ବ୍ରଜମୋହନ ବାବୁ ପ୍ରଥମେ ଏଥିରେ ସମ୍ମତ ହୋଇଥିଲେ, କିନ୍ତୁ ପତ୍ରିକାର ପରିସର ଭିତରେ ନିଜକୁ ଆବଦ୍ଧ କଲେ ଶିକ୍ଷାର ପ୍ରସାର କାର୍ଯ୍ୟରେ ସେ ଅଧିକ ସମୟ ଦେଇ ପାରିବେ ନାହିଁ ଭାବି, ଶେଷକୁ ଏଥିରୁ ନିଜକୁ ନିବୃତ୍ତ କରି ସମ୍ବଲପୁରରେ ସେହି ଶିକ୍ଷାର ପ୍ରସାର ପାଇଁ ଆତ୍ମୋତ୍ସର୍ଗ କରିଥିଲେ ।



ଅତୀତର

# ଏକଶୋଟି ଅବିସ୍ମରଣୀୟ ପୃଷ୍ଠା

ଅତୀତ ଫେରି ଆସେ ନାହିଁ । ତଥାପି ଅତୀତ ଉପେକ୍ଷଣୀୟ ନୁହେଁ । ଅତୀତର ଗହ୍ୱରର ଭିତରେ ଯାହା ମହାର୍ଘ, ଯାହା ଶିକ୍ଷଣୀୟ, ଯାହାର ଭିତ୍ତି ଉପରେ ବର୍ତ୍ତମାନର ସ୍ଥିତି, ତାହା ଅବହେଳାର ସାମଗ୍ରୀ ନୁହେଁ— ପରନ୍ତୁ ଯୁଗ ଯୁଗ ସ୍ମରଣୀୟ ।

ସମସ୍ତ ଗତି ଚଳନ୍ତି । ତାର ଚଳମାନ ରଥ ଚକର ଘୂର୍ଣ୍ଣନରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସଙ୍ଘଟିତ ହେଉଛି ବିପୁଳ ପରିବର୍ତ୍ତନ । ଏହି ପରିବର୍ତ୍ତନର ସ୍ରୋତର ସଭ୍ୟତା ଓ ସଂସ୍କୃତିର ବିବର୍ତ୍ତନର ଖସ୍ୱର······କେତେ ଅଶ୍ରୁ, କେତେ ପୁଲକର ସମ୍ମେଳନ! ଅତୀତର ଅନନ୍ତ ବ୍ୟାପ୍ତି ଭିତରେ କେତେକ ଅଂଶ ପରିବର୍ତ୍ତନର ତରଙ୍ଗରେ ଲିଭିଯାଏ ସତ୍ୟ, କିନ୍ତୁ ଅନ୍ୟ କେତେକ ଅଂଶ ନୂତନ ବେଶରେ ବର୍ତ୍ତମାନ ଭିତରେ ଦେଖାଦିଏ ; ପୁଣି କେଉଁଠାରେ ବା ବର୍ତ୍ତମାନକୁ ସୁଦୃଢ଼ କରିବା ନିମିତ୍ତ ରଚନା କରେ ସୁଦୃଢ଼ ଭିତ୍ତି । ଏହି ଆଭିମୁଖ୍ୟରୁ ଆଜକୁ ଅର୍ଦ୍ଧ ଶତାବ୍ଦୀ ତଳର ଜାତୀୟ ଇତିହାସର କେତୋଟି ଅଧ୍ୟାୟ ଆମର ସ୍ମରଣୀୟ ।

**ଓଡ଼ିଆ ସାହିତ୍ୟ** *

ଅର୍ଦ୍ଧ ଶତାବ୍ଦୀ ତଳେ·············· ରାଧାନାଥ ସେତେବେଳକୁ ନସ୍ତିର "କେହି ରହିନାହିଁ ରହିବେ ନାହିଁଟି" ଗୀତରେ ଅନ୍ତର୍ହିତ, ଫକୀର ମୋହନ ଜୀବନର ସାୟାହ୍ନରେ । ସାଂସ୍କୃତିକ କ୍ଷେତ୍ରରେ ବଙ୍ଗାଳୀମାନଙ୍କର ଉତ୍କଳରେ ସାମ୍ରାଜ୍ୟବାଦ ପ୍ରତିଷ୍ଠା ଉଦ୍ୟମ ସେନାପତି ଫକୀର ମୋହନ ଓ ଗୌରୀଶଙ୍କର ପ୍ରଭୃତି ମହାତ୍ମାମାନଙ୍କର ପ୍ରଚଣ୍ଡ ଆକ୍ରମଣ ଫଳରେ ବହୁ ଦିନରୁ ଧ୍ୱଂସ ପାଇଥିଲା । ପଡ଼ୋଶୀ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟର ସଫଳ ପ୍ରତିଦ୍ୱନ୍ଦିତା ପାଇଁ ସୌଭ୍ରାତୃତ୍ୱର ମଧୁର ପରିବେଷ୍ଟନୀ ଭିତରେ ଓଡ଼ିଆ ଜନମାନେ ଐତିହାସିକ ସାଧନା କରିଥିଲେ । ଏହି ସମୟରେ ଓଡ଼ିଆ କଥା ସାହିତ୍ୟର ବିଖ୍ୟାତ ସ୍ରଷ୍ଟା ଫକୀରମୋହନ ଓଡ଼ିଆ ସାହିତ୍ୟର ପ୍ରଗତି ପଥରେ ଯେଉଁ କେତେକ ଅନ୍ତରାୟ ଲକ୍ଷ୍ୟ କରିଥିଲେ ସେଥି ପ୍ରତି ଦେଶବାସୀଙ୍କୁ ଅବହିତ କରିବାକୁ ଯାଇ କହିଥିଲେ:···

"We had our Oriya Conference while You had your Utkal Conference."

*P. Parija*

13-1-1915



ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି, ଉତ୍କଳର ଖ୍ୟାତନାମା ଶିକ୍ଷାବିତ୍

ପଦ୍ମଭୂଷଣ ଡକ୍ଟର ପ୍ରାଣକୃଷ୍ଣ ପରିଜା,

M. Sc ( Cal ) M. A. ( Cantab ), D. Sc., F. N. I., I. E. S. (Rtd)

ଅତୀତ ଫେରି ଆସେ ନାହିଁ । ତଥାପି ଅତୀତ ଉପେକ୍ଷଣୀୟ ନୁହେଁ । ଅତୀତର ଗହ୍ୱରର ଭିତରେ ଯାହା ମହାର୍ଘ, ଯାହା ଶିକ୍ଷଣୀୟ, ଯାହାର ଭିତ୍ତି ଉପରେ ବର୍ତ୍ତମାନର ସ୍ଥିତି, ତାହା ଅବହେଳାର ସାମଗ୍ରୀ ନୁହେଁ— ପରନ୍ତୁ ଯୁଗ ଯୁଗ ସ୍ମରଣୀୟ ।

ସମୟ ଗତି କରୁଛି । ତାର ଚଳମାନ ରଥ ଚକର ଘର୍ଷଣରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସଂଘଟିତ ହେଉଛି ବିପୁଳ ପରିବର୍ତ୍ତନ । ଏହି ପରିବର୍ତ୍ତନର ସ୍ରୋତର ସଭ୍ୟତା ଓ ସଂସ୍କୃତିର ପରିବର୍ତ୍ତନର ସ୍ୱରୂପ······କେତେ ଅଶ୍ରୁ, କେତେ ପୁଲକର ସମ୍ମେଳନ ଅତୀତର ଅନନ୍ତ ବ୍ୟାପ୍ତି ଭିତରେ କେତେକ ଅଂଶ ପରିବର୍ତ୍ତନର ତରଙ୍ଗରେ ଲିଭିଯାଏ ସତ୍ୟ, କିନ୍ତୁ ଅନ୍ୟ କେତେକ ଅଂଶ ନୂତନ ବେଶରେ ବର୍ତ୍ତମାନ ଭିତରେ ଦେଖାଦିଏ ; ପୁଣି କେଉଁଠାରେ ବା ବର୍ତ୍ତମାନକୁ ସୁଦୃଢ଼ କରିବା ନିମିତ୍ତ ରଚନା କରେ ସୁଦୃଢ଼ ଭିତ୍ତି । ଏହି ଆଭିମୁଖ୍ୟରୁ ଆଜକୁ ଅର୍ଦ୍ଧ ଶତାବ୍ଦୀ ତଳର ଜାତୀୟ ଇତିହାସର କେତୋଟି ଅଧ୍ୟାୟ ଆମର ସ୍ମରଣୀୟ ।

## ଓଡ଼ିଆ ସାହିତ୍ୟ *

ଅର୍ଦ୍ଧ ଶତାବ୍ଦୀ ତଳେ·············· ରାଧାନାଥ ଯେତେବେଳକୁ ନୃପତିର "କେହି ରହିନାହିଁ ରହିବେ ନାହିଁଟି" ଗୀତରେ ଅନୁରଣିତ, ଫକୀର ମୋହନ ଜୀବନର ସାୟାହ୍ନରେ । ସାଂସ୍କୃତିକ କ୍ଷେତ୍ରରେ ବଙ୍ଗାଳୀମାନଙ୍କର ଉତ୍କଳରେ ସାମ୍ରାଜ୍ୟବାଦ ପ୍ରତିଷ୍ଠା ଉଦ୍ୟମ ସେନାପତି ଫକୀର ମୋହନ ଓ ଗୌରୀଶଙ୍କର ପ୍ରଭୃତି ମହାତ୍ମାମାନଙ୍କର ପ୍ରଚଣ୍ଡ ଆକ୍ରମଣ ଫଳରେ ବହୁ ଦିନରୁ ଧ୍ୱଂସ ପାଇଥିଲା । ପଡ଼ୋଶୀ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟର ସଫଳ ପ୍ରତିଦ୍ୱନ୍ଦିତା ପାଇଁ ସୌଗନ୍ଧର ମଧୁର ପରିବେଷ୍ଟନୀ ଭିତରେ ଓଡ଼ିଆ କବିମାନେ ଐତିହାସିକ ସାଧନା କରିଥିଲେ । ଏହି ସମୟରେ ଓଡ଼ିଆ କଥା ସାହିତ୍ୟର ବିଖ୍ୟାତ ସ୍ରଷ୍ଟା ଫକୀରମୋହନ ଓଡ଼ିଆ ସାହିତ୍ୟର ପ୍ରଗତି ପଥରେ ଯେଉଁ କେତେକ ଅନ୍ତରାୟ ଲକ୍ଷ୍ୟ କରିଥିଲେ ସେଥି ପ୍ରତି ଦେଶବାସୀଙ୍କୁ ଅବହିତ କରିବାକୁ ଯାଇ କହିଥିଲେ···

"ଉତ୍କଳ ଭାଷାର ଅବନତିର କାରଣ ଦାରିଦ୍ର୍ୟ । ଦାରିଦ୍ର୍ୟ ହେତୁରୁ ଲେଖକମାନେ ପୁସ୍ତକ ପ୍ରକାଶ କରିବାକୁ ଅକ୍ଷମ । × × × ଦ୍ୱିତୀୟତଃ ଏ ଦେଶରେ ଧନବନ୍ତମାନେ ପୁସ୍ତକ କିଣିବାକୁ ଅନାସକ୍ତ ଏବଂ ଶିକ୍ଷିତ ଲୋକେ ଅର୍ଥାଭାବରୁ ମୂଲ୍ୟବାନ ପୁସ୍ତକ କିଣିବାକୁ ଅକ୍ଷମ । ଦୁର୍ଯୋଗ ନିବାରଣ ନିମନ୍ତେ ମୁଁ ବଙ୍ଗବାସୀ ପତ୍ରିକାର କାର୍ଯ୍ୟାବଳୀ ଉଲ୍ଲେଖ କରିବାକୁ ଇଚ୍ଛା କରେଁ । ବଙ୍ଗବାସୀ ଠ୫୧ ମୂଲ୍ୟର ଉତ୍କୃଷ୍ଟ ପୁସ୍ତକମାନ ଆଠ ଅଣାରେ ବିକ୍ରୟ କରିବାରୁ ଘରେ ଘରେ ପୁସ୍ତକ ପୂର୍ଣ୍ଣ ହୋଇଗଲା । ଏହି ଉପାୟରେ ବଙ୍ଗବାସୀ ପତ୍ରିକା ଠ ୨୨୫୧ ମୂଳ ଧନରୁ [illegible] ୧୦।୧୨ ଲକ୍ଷ ଟଙ୍କାର ଅଧିକାରୀ ହୋଇ ଅଛନ୍ତି । ଉପାୟ ଏହି କି, ଇଞ୍ଜିନ ପ୍ରେସରେ ଏକାବେଳକେ କୋଡ଼ିଏ ହଜାର ଖଣ୍ଡ ବହି ଛାପା କରିଦେଲେ, ପ୍ରତି ଖଣ୍ଡ ବହିରେ ଛ'ଅଣା ଖର୍ଚ୍ଚ ପଡ଼େ । ନିଜର ଦୁଇ ଅଣା ଲାଭ ରହିଯାଏ । ବର୍ଷକ ମଧ୍ୟରେ କୋଡ଼ିଏ ହଜାର ଦୁଇଅଣା ଲାଭ ପାନ୍ତି । ସେହିପରି ଗରିବ ଉତ୍କଳ ଗ୍ରନ୍ଥକାର ଏକ ହଜାର ଛପାଇଲେ ଖଣ୍ଡେ ପ୍ରତି ତିନି ଟଙ୍କା ଖର୍ଚ୍ଚ ପଡ଼େ । ଗ୍ରନ୍ଥକାର ଆପଣା ପାଇଁ ଦୁଇ ଟଙ୍କା ବଢ଼ାଇ ଦିଅନ୍ତି । ପାଞ୍ଚ ଟଙ୍କା ମୂଲ୍ୟର ବହି କିଏ କିଣୁଛି ? ଖୁବ୍ ଭାଗ୍ୟବାନ୍ ଗ୍ରନ୍ଥକାରଙ୍କ ପୁସ୍ତକ ଯୁଗାନ୍ତର ପରେ ପ୍ରେସ ମୁଖ ଦେଖି ପାରେ । ମୁଁ ଆଶା ଏବଂ ପ୍ରାର୍ଥନା କରେ ଏହି ସାହିତ୍ୟ ସମାଜ ଏ ବିଷୟରେ ବିସ୍ତୃତ ଆଲୋଚନା କରିବେ ।'

"ଉତ୍କଳ ଭାଷାର ଅନ୍ୟତମ ଅନ୍ତରାୟ ରାଜେଶ୍ୱରଙ୍କ ଅନୁଗ୍ରହର ଅଭାବ । ବଙ୍ଗ ଦେଶରେ ଅନେକ ଗ୍ରନ୍ଥକାରଙ୍କୁ ଉତ୍ସାହ ଦେବା ନିମନ୍ତେ ବଙ୍ଗ ସରକାର ସେମାନଙ୍କ ରଚିତ ପୁସ୍ତକ କିଣି ସାଧାରଣରେ ବିତରଣ କରି ଦିଅନ୍ତି । କେତେକ ଦରିଦ୍ର ଗ୍ରନ୍ଥକାର ବୃତ୍ତି ଲାଭ କରୁଥିବାର ଶୁଣିଅଛୁଁ; କିନ୍ତୁ ଉତ୍କଳରେ ତାହାର ଏକାନ୍ତ ଅଭାବ ।"*

---

*'ଅଭିଭାଷଣ' — ଉତ୍କଳ ସାହିତ୍ୟ ୮ମ ଭାଗ, ୬ଷ୍ଠ ସଂଖ୍ୟା, ଅଶ୍ୱିନ, ୧୩୨୨
[ଫୁଟନୋଟରେ ଲେଖା ଯାଇଛି "୭।୯।୧୯୧୪ ରେ ଉତ୍କଳ ସାହିତ୍ୟ ସମାଜର ଦଶମ ବାର୍ଷିକ ଅଧିବେଶନରେ ପଠିତ । ସେନାପତି ମହାଶୟ ସମାଜର ସ୍ଥାୟୀ ସଭାପତି । ବର୍ତ୍ତମାନ ରୋଗଶଯ୍ୟାରେ ଶାୟିତ ଥିବାରୁ ଅଧିବେଶନରେ ଉପସ୍ଥିତ ହୋଇ ନ ପାରି ଏହି ଅଭିଭାଷଣଟି କଥଞ୍ଚିତ୍ ଅନ୍ୟ ଦ୍ୱାରା ଲେଖାଇ ପଠାଇ ଦେଇଥିଲେ ।]

ଏବେ ଉତ୍କଳରେ ବହୁ ସଜ୍ଜିତ ପ୍ରେସରେ ବହୁ ପୁସ୍ତକ ପ୍ରକାଶିତ ହେଉଅଛି । ଓଡ଼ିଆ ସାହିତ୍ୟ ଏକାଡେମୀ ଉପାଦେୟ ପୁସ୍ତକ ପ୍ରକାଶ ନିମିତ୍ତ ଅନୁଦାନ । ଦୁଃସ୍ଥ ଲେଖକମାନେ ଆର୍ଥିକ ସାହାଯ୍ୟ ପାଉଛନ୍ତି— ତଥାପି ଓଡ଼ିଆ ସାହିତ୍ୟରେ ସତେ ଯେପରି ଏବେ ମହା ଶ୍ମଶାନ । ଉତ୍କଳର ଜଣେ ବିଶିଷ୍ଟ ଗାଳ୍ପିକ ଓ ସୁଖ୍ୟାତ ସମାଲୋଚକଙ୍କର ଭାଷାରେ ...... "ଏକଦା ପୁଷ୍ପିତ ଦ୍ରୁମମାନେ ଆଜି ଶୁଖିଲା ଶିମୁଳି ଗଛରେ ପରିଣତ ହୋଇଛନ୍ତି ।"

ଓଡ଼ିଆ ଗଳ୍ପ, ଉପନ୍ୟାସ ଓ କବିତାକୁ ସମୃଦ୍ଧ କରିବାକୁ ଯେଉଁମାନେ ଦିନେ ଐତିହାସିକ ସାଧନା କରୁଥିଲେ, ସେମାନଙ୍କର ଲେଖନୀ ଆଜି ସାହିତ୍ୟକୁ ବ୍ୟବସାୟ ଦୃଷ୍ଟିକୋଣରୁ ଗଢ଼ିବାକୁ ବ୍ୟାକୁଳ । ପ୍ରକାଶକମାନଙ୍କର ଅତ୍ୟାଚାରରେ ଲେଖକ ମ୍ରିୟମାଣ । ଫଳରେ ବ୍ୟବସାୟୀମାନଙ୍କର ବେଙ୍କ ବାଲାନ୍ସ ବଢ଼ୁଛି ସତ୍ୟ କିନ୍ତୁ ଲେଖକ ଯେଉଁ ତିମିରେ କୁ ସେହି ତିମିରେ । ପାଠ୍ୟ ପୁସ୍ତକର ଜାତୀୟକରଣ ପାଇଁ ସରକାର ଯେଉଁ ପ୍ରଗତିଶୀଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହା ଲେଖକମାନଙ୍କ ପାଇଁ ଦେବତାର ଆଶୀର୍ବାଦ । ଓଡ଼ିଶା ସାହିତ୍ୟ ଏକାଡେମୀର ଆର୍ଥିକ ଶକ୍ତି ଆହୁରି ବୃଦ୍ଧିପ୍ରାପ୍ତ ହେଲେ ଓଡ଼ିଶାର ସୁଲେଖକମାନେ ନିଜର ମହାର୍ଘ ସୃଷ୍ଟିର ପ୍ରକାଶ ନିମିତ୍ତ ଆଉ ପ୍ରକାଶକଙ୍କ ନାକଅଗରେ ନତମସ୍ତକରେ ଛିଡ଼ା ହୁଅନ୍ତେ ନାହିଁ ।

## ଅତୀତର ଉଦାର ବାତାବରଣ

"ମାତୃଭୂମି ଓ ମାତୃଭାଷା ଉଭୟେ ଜନନୀ"—ଏହାହିଁ ଥିଲା ଅତୀତ ସତ୍ୟବାଦୀ ଦଳର ସାଂସ୍କୃତିକ ଚେତନା । ଦେଶ, ମାତୃଭାଷା ଓ ଜାତୀୟ ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ ପୁଣ୍ୟାତ୍ମକ ବିବେଚିତ ହେଉଥିଲା । ଏହି କାର୍ଯ୍ୟରେ ଥିଲା ଉଦାର ମନୋଭାବ, ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ । କବି ପ୍ରତି ସମ୍ମାନ ଥିଲା । କବି ଓ କବି ଭିତରେ ଥିଲା ସୌଭ୍ରାତୃତ୍ୱ । ପ୍ରବୀଣ ଲେଖକମାନଙ୍କ ପ୍ରତି ନୂତନ ଗୋଷ୍ଠୀର ଥିଲା ସମ୍ମାନ । ପକ୍ଷାନ୍ତରରେ ନୂତନ ଗୋଷ୍ଠୀ ପ୍ରତି ପ୍ରବୀଣ ଗୋଷ୍ଠୀର ଅନ୍ତରରୁ ଝରୁଥିଲା ଆଶୀର୍ବାଦର ଉତ୍ସ ଝର ଝର ହୋଇ, ଯାର ସ୍ପର୍ଶରେ ନୂତନ ଲେଖକମାନେ ଉତ୍ସାହିତ ହେଉଥିଲେ ।

ଶଶିଭୂଷଣ ରଥ ବ୍ରଜମୋହନ ବାବୁଙ୍କୁ ଲେଖିଥିଲେ "ସମ୍ବାଦପତ୍ରରେ ଆପଣଙ୍କର ଲେଖା ପଢ଼ୁଛି । ତେଣୁ ଭୁଲିବା କେବେ ସହଜ ନୁହେଁ ।" ପୁଣି ଦୟାନିଧି ବାବୁଙ୍କ ସମ୍ପର୍କରେ ଚଣ୍ଡୀନାଥ ବାବୁ ଲେଖିଥିଲେ…… "ଦୟାନିଧି ଜଣେ ଶକ୍ତିମାନ ଲେଖକ । ତାଙ୍କୁ ଉତ୍ସାହ ଦେବାରେ ତ୍ରୁଟି କରିବ ନାହିଁ ।"

ସାହିତ୍ୟ ବ୍ୟକ୍ତିବିଶେଷର ନୁହେଁ—ତାହା ଜାତିର ସମ୍ପତ୍ତି । ସାହିତ୍ୟର ସେବା ଜାତିର ସେବା । "ଜାତୀୟ ସାହିତ୍ୟର ନଡ଼ିଆକୋଷକୁ ଟାଣିବା ନିମିତ୍ତ ପରସ୍ପରର ସଖ୍ୟ" ଏକ ଚରମ ଆବଶ୍ୟକତା —ଏହାହିଁ ଥିଲା ଅତୀତର ଚିନ୍ତା । ଆଜିର ଅସୂୟା ପ୍ରପୀଡ଼ିତ ଓ ଅନୁଦାର ସାଂସ୍କୃତିକ ବାତାବରଣ ଭିତରେ ଅତୀତର ସେହି ଉଦାର ବାତାବରଣଟି ଟ୍ରୁବତାନ୍ଧ ଆମକୁ ପଥର ସନ୍ଧାନ ଦେଉ ।

## ଓଡ଼ିଆ ପତ୍ର ପତ୍ରିକା

ଆଧୁନିକ ଓଡ଼ିଆ ସାହିତ୍ୟର ଅରୁଣୋଦୟ ସହିତ ଓଡ଼ିଆ ପତ୍ର ପତ୍ରିକାର ସମ୍ପର୍କ ଅତି ନିବିଡ଼ । କେବଳ ଆଧୁନିକ ସାହିତ୍ୟର ପ୍ରଚାର ପାଇଁ ନୁହେଁ ଅଧିକନ୍ତୁ ଆଧୁନିକ ସାହିତ୍ୟର ସୃଷ୍ଟି ପାଇଁ ଓଡ଼ିଆ ପତ୍ର ପତ୍ରିକାର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତାହା ଯୁଗଯୁଗରେ ଅବିସ୍ମରଣୀୟ । ଦାରିଦ୍ର୍ୟ, ଓଡ଼ିଆ ପତ୍ର ପତ୍ରିକା ପ୍ରତି ଅଶ୍ରଦ୍ଧା ମନୋଭାବ, ପୃଷ୍ଠପୋଷକତାର ଅଭାବ ବହୁ ଓଡ଼ିଆ ପତ୍ର ପତ୍ରିକାର ଅପମୃତ୍ୟୁର କାରଣ । ପତ୍ରିକା ପ୍ରତି ଦେଶବାସୀଙ୍କର ଉପେକ୍ଷା ଚଣ୍ଡୀନାଥ କରଙ୍କ "ଏତେ ଉପେକ୍ଷା ଆଉ ସହ୍ୟ ହେବ ନାହିଁ" ଉକ୍ତି ଭିତରେ ସୁସ୍ପଷ୍ଟ ।

ଏକଦା ଉତ୍କଳର ସାଂସ୍କୃତିକ କ୍ଷେତ୍ରରେ ସମ୍ବଲପୁର ଅତି ଉଚ୍ଚ ଯୋଗ୍ୟ ସ୍ଥାନ ଅଧିକାର କରିଥିଲା । ବାମଣ୍ଡାର ଦେବଗଡ଼ରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' (The Sambalpur Patriot) କେବଳ ସମ୍ବଲପୁରର ନୁହେଁ ଅଧିକନ୍ତୁ ସମଗ୍ର ଉତ୍କଳର ହିତୈଷିଣୀ ରୂପେ ଉତ୍କଳର ସାଂସ୍କୃତିକ ଦିଗ୍‌ବଳୟକୁ ନିଜର ଦୀପ୍ତିରେ ଉଜ୍ଜ୍ୱଳତର କରିଥିଲା ।



ଦୁଂଉଲତ ଓ ଶ୍ରୀମତ

'ସମ୍ବଲପୁର ହିତୈଷିଣୀ' ବ୍ୟତୀତ 'ସାଧନା', 'ନବଯୁଗ', 'ଉତ୍କଳ ଦର୍ପଣ', 'ଉତ୍କଳ ସେବକ', 'ଝାରଖଣ୍ଡ' ଆଦି ସମ୍ବଲପୁରକୁ ଉତ୍କଳର ଅନ୍ୟତମ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିଥିଲା — ଏ କଥାକୁ ଅସ୍ୱୀକାର କଲେ ସତ୍ୟର ଅପଳାପ ହେବ । 'କଟକ ଆଲୋଚନା ସଙ୍ଘ' ପରି 'ବାମଣ୍ଡା ଆଲୋଚନା ସଙ୍ଘ' ମଧ୍ୟ ତତ୍କାଳୀନ ସାହିତ୍ୟିକ ମହଲରେ ଖ୍ୟାତି ଅର୍ଜନ କରିଥିଲା । ଫକୀରମୋହନଙ୍କ ଭାଷାରେ "ବାମଣ୍ଡା ଉତ୍କଳର ଉଜ୍ଜୟିନୀ" ।

## ସାହିତ୍ୟ ଓ ସଂପାଦକ ※

ପତ୍ର ପତ୍ରିକାର ସମ୍ପାଦକଙ୍କ ରୁଚି ଓ ଦୃଷ୍ଟିକୋଣ ଉପରେ ପତ୍ର ପତ୍ରିକାର ମାନଦଣ୍ଡ ନିୟନ୍ତ୍ରିତ ହୋଇଥାଏ । କୁରୁଚିର ବିରୁଦ୍ଧରେ ସଂଗ୍ରାମ ଓ ସୁରୁଚିର ପ୍ରଚାର ଓ ପ୍ରସାର ନିମିତ୍ତ ସାହିତ୍ୟ ପତ୍ରିକାର ସମ୍ପାଦକମାନେ ଦୀକ୍ଷିତ ନ ହେଲେ ସେମାନେ ସମ୍ପାଦକର ଗୁରୁ ଦାୟିତ୍ୱ ବହନ କରିବାରେ ଯେ ସମର୍ଥ ନୁହନ୍ତି, ଏହା ନିଃସନ୍ଦେହ ଭାବରେ କୁହାଯାଇପାରେ ।

'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ସାହିତ୍ୟ', 'ମୁକୁର', 'ସହକାର', 'ନବଭାରତ' ପ୍ରଭୃତି ପତ୍ର ପତ୍ରିକା ଆମ ସାହିତ୍ୟରେ ସେହି ସୁନୀତି ଓ ସୁରୁଚିର ସମନ୍ୱୟ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା । 'ଉତ୍କଳ ସାହିତ୍ୟ'ର ପୃଷ୍ଠା ଓଲଟାଇଲେ ଦେଖିବାକୁ ମିଳେ ଯେ, ଗୋଟିଏ ଗୋଟିଏ ସଂଖ୍ୟାରେ ଜଣେ ଜଣେ ଲେଖକଙ୍କର ୩।୪ ଟି ଲେଖା ପ୍ରକାଶିତ ହେଉଥିଲା । ଅବଶ୍ୟ ସେ ସମୟରେ ଲେଖକଙ୍କର ସଂଖ୍ୟା ଅଳ୍ପ ଥିଲା, କିନ୍ତୁ ତାହାହିଁ ଏହାର ଏକମାତ୍ର କାରଣ ନୁହେଁ । ସମ୍ପାଦକଙ୍କର ଲକ୍ଷ୍ୟ ଥିଲା କେବଳ ଉନ୍ନତ ଲେଖା ପତ୍ରିକାରେ ପ୍ରକାଶ କରିବା । ଆଜିର ସାହିତ୍ୟ ପତ୍ରିକାର ସମ୍ପାଦକ ମାନେ ଏ ଦିଗରେ ଉପଯୁକ୍ତ ଦୃଷ୍ଟି ନ ଦେବା ଫଳରେ ଓଡ଼ିଆ ସାହିତ୍ୟରେ ଏବେ ଗୁଣାତ୍ମକ ସୃଷ୍ଟି ଅପେକ୍ଷା ପରିମାଣାତ୍ମକ ସୃଷ୍ଟି ଉପରେ ଲେଖକମାନେ ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ଏହା ଆମ ଜାତୀୟ ସାହିତ୍ୟର ଚରମ ଦୁର୍ଭାଗ୍ୟ ।

## ଅସହଯୋଗ ଆନ୍ଦୋଳନ *

ଆମର ଏହି ଉତ୍କଳ ଯୁଗେ ଯୁଗେ ଭାରତୀୟ ସଭ୍ୟତା ସଂସ୍କୃତିକୁ ଯେ କେବଳ ପରିପୁଷ୍ଟ କରିଛି, ତା ନୁହେଁ — ଅଧିକନ୍ତୁ ଭାରତର ମୁକ୍ତି ସଂଗ୍ରାମକୁ ମଧ୍ୟ ଯୁଗେ ଯୁଗେ ଉତ୍କଳର ଦାନ ଅନବଦ୍ୟ । ୧୮୧୭ରେ ପାଇକ ବିଦ୍ରୋହ ଓ ତା ପରେ ଚୌହାନ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଏବଂ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନରେ ଉତ୍କଳର ବହୁ ମନୀଷୀଙ୍କର ଆତ୍ମୋତ୍ସର୍ଗ ଏହାର ଜ୍ୱଳନ୍ତ ପ୍ରମାଣ ।

ଉତ୍କଳର ବାହାରେ ଅନ୍ୟ ପ୍ରଦେଶରେ ସ୍ୱାଧୀନତା ସଂଗ୍ରାମର ବିଶେଷ ଇତିହାସ ଲିଖିତ ହୋଇଥିବାରୁ ସେହି ଅଞ୍ଚଳର ଦେଶପ୍ରେମୀ ସନ୍ତାନମାନେ ଆଜି ଗୌରବଶାଳୀ ହୋଇ ପାରିଛନ୍ତି । ଦୁଃଖର ବିଷୟ ଉତ୍କଳ ଏକ୍ଷେତ୍ରରେ ନିଜର ଦେଶପ୍ରେମୀ ଦଧୀଚିମାନଙ୍କୁ ଭାରତର ଦରବାରରେ ଏ ଯାଏଁ ପରିଚିତ କରାଇ ପାରି ନାହିଁ । ଦୟାନିଧି ମିଶ୍ରଙ୍କ ଭଳି କେତେ ଯେ ଦେଶବତ୍ସଳ ମୁକ୍ତି ପୂଜାରୀ ଉତ୍କଳୀୟ ଅସହଯୋଗ ଆନ୍ଦୋଳନରେ ଯୋଗ ଦାନ କରି ଦେଶ ପାଇଁ "ଆତ୍ମ ବଳି ଦେଲେ" ତାର ହିସାବ ଏ ଜାତି କ'ଣ ରଖି ପାରିଛି ?? ଜାତୀୟ ବୀରମାନଙ୍କୁ ବିସ୍ମୃତ ହେବା ଯଥାର୍ଥରେ ଆତ୍ମବିସ୍ମୃତି । ଏହି ଆତ୍ମଘାତୀ ମନୋବୃତ୍ତିର ଅସ୍ତିତ୍ୱ ଅବଲୁପ୍ତ ହେଉ— ଏହାହିଁ ପଞ୍ଚମ ସ୍ୱାଧୀନତା ଦିବସରେ ଆମର ଐକାନ୍ତିକ କାମନା ।



ସମାପ୍ତ

Fublished by Sj. P. L. Panda, B. Sc. LL. B. & Printed in The Quality Printers, Sambalpur by Sj. J.N. Kumar.

[illegible]
[illegible]
[illegible]
[illegible]
[illegible]

[illegible]
[illegible]
[illegible]
[illegible]
[illegible]
[illegible]

[illegible]

[illegible]

[illegible]

[illegible]